52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 44/ Issue : 101 | Brahmapur | Tuesday 26 May 2026 | ବର୍ଷ: ୪୫/ ଅଙ୍କ: ୧୦୧ | ମଙ্গଳବାର ୨୫ ମଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦

## ଧର୍ମେନ୍ଦ୍ରଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ

ନୂଆଦିଲ୍ଲୀ, ୨୫।୫: ଭାରତୀୟ ସିନେମାରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଅଭିନେତା ଧର୍ମେନ୍ଦ୍ରଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ ପ୍ରଦାନ କରାଯାଇଛି । ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ପଦ୍ମ ପୁରସ୍କାର ୨୦୨୬ ସମାରୋହରେ ଧର୍ମେନ୍ଦ୍ରଙ୍କ ପାଇଁ ତାଙ୍କ ପତ୍ନୀ ହେମା ମାଳିନୀ ଏହି ସମ୍ମାନ ଗ୍ରହଣ କରିଛନ୍ତି ।ସ୍ୱର୍ଗତ ସ୍ୱାମୀଙ୍କ ପାଇଁ ପୁରସ୍କାର ଗ୍ରହଣ କରିବା ସମୟରେ ହେମା ମାଳିନୀ ଭାବପ୍ରବଣ ହୋଇଥିଲେ । ତାଙ୍କ ଝିଅ ଆହାନା ମଧ ତାଙ୍କ ସ୍ୱାମୀ ବୈଭବ ଭୋରାଙ୍କ ସହିତ ଉପସ୍ଥିତ ଥିଲେ । ପୁରସ୍କାର ପ୍ରଦାନ ଉତ୍ସବରେ ହେମା ମାଳିନୀ ଗୋଲାପୀ ଶାଢ଼ି ପିନ୍ଧି ଆସିଥିଲେ । ଯେତେବେଳେ ସେ ପଦ୍ମଭୂଷଣ ଗ୍ରହଣ କରିବା ଲାଗି ରାଷ୍ଟ୍ରପତିଙ୍କ ନିକଟକୁ ଗଲେ, ସେହି ସମୟରେ ସେ ଭାବପ୍ରବଣ ହୋଇଗଲେ । ଧର୍ମେନ୍ଦ୍ରଙ୍କୁ ହରାଇବାର ଦୁଃଖ ତାଙ୍କ ମୁହଁରେ ସ୍ପଷ୍ଟ ଭାବରେ ଦେଖାଯାଉଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଗ୍ରହଣ କରିବା ସମୟରେ ହେମା ନିଜ ଲୁହକୁ ରୋକିଥିଲେ । ସେପଟେ ଏହି ମୁହୂର୍ତ୍ତକୁ ଦେଖି ଝିଅ ଆହାନା ମଧ ନିଜ ଲୁହକୁ ରୋକିପାରିଲେ ନାହିଁ । ତାଙ୍କ ସ୍ୱାମୀ ତାଙ୍କୁ ସାନ୍ତ୍ୱନା ଦେଉଥିବାର ଦେଖାଯାଇଥିଲା ।



ଧର୍ମେନ୍ଦ୍ର ହିନ୍ଦୀ ଚଳଚ୍ଚିତ୍ର ଶିଳ୍ପ ଇତିହାସର ସବୁଠାରୁ ବହୁମୁଖୀ ଏବଂ ସଫଳ ଅଭିନେତାଙ୍କ ମଧ୍ୟରୁ ଜଣେ । ସେ ବଲିଉଡର ହି-ମ୍ୟାନ୍ ଭାବରେ ଲୋକପ୍ରିୟ ଥିଲେ । ସେ ତାଙ୍କର ପ୍ରାୟ ୩୦୦ ଚଳଚ୍ଚିତ୍ର ମାଧ୍ୟମରେ ଭାରତୀୟ ସିନେମାରେ ଏକ ଅଲିଭା ଛାପ ଛାଡ଼ିଛନ୍ତି । ଧର୍ମେନ୍ଦ୍ରଙ୍କୁ ପୂର୍ବରୁ ୨୦୧୨ରେ ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଥିଲା । କଳା କ୍ଷେତ୍ରରେ, କିମ୍ବଦନ୍ତୀ ମାଲାୟଲମ ଅଭିନେତା ମାମୁଟି, ପ୍ରଖ୍ୟାତ ଗାୟିକା ଅଲକା ୟାଗନିକ୍ ଏବଂ ବିଜ୍ଞାପନ ପ୍ରବୀଣ ପୀୟୁଷ ପାଣ୍ଡେ (ମରଣୋତ୍ତର)ଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଥିଲା । ପୀୟୁଷ ପାଣ୍ଡେଙ୍କ ପତ୍ନୀ ନୀତା ପୁରସ୍କାର ଗ୍ରହଣ କରିଥିଲେ ।

### ପୁଣି ପେଟ୍ରୋଲ ଓ ଡିଜେଲ ଦାମ ବୃଦ୍ଧି

# ୧୧ ଦିନରେ ୮ ଟଙ୍କା ବଢ଼ିଲାଣି



ପେଟ୍ରୋଲର ଲିଟର ପିଛା ଦାମ ୨.୬୧ ଟଙ୍କା ଓ ଡିଜେଲ ୨.୭୧ ଟଙ୍କା ବଢ଼ିଲା

### ସରକାରଙ୍କୁ ରାହୁଲଙ୍କ ଟାର୍ଗେଟ୍

ପେଟ୍ରୋଲ ଏବଂ ଡିଜେଲ ଦରରେ କ୍ରମାଗତ ବୃଦ୍ଧିକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ, ମୁଦ୍ରାସ୍ଫୀତି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କୁ ଘେରିଛନ୍ତି। ରାହୁଲ କେନ୍ଦ୍ର ମୋଦୀ ସରକାର ଉପରେ ଧୀରେ ଧୀରେ ତେଲ ଦର ବୃଦ୍ଧି କରିବା ଏବଂ ସାଧାରଣ ଲୋକଙ୍କ ପକେଟ କାଟୁଥିବା ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି,ମୁଦ୍ରାସ୍ଫୀତି ମାନବ ମୋଦୀଙ୍କର ପୁଣି ଥରେ ଆକ୍ରମଣ। ସେ ଗୁପ୍ତ ଭାବରେ ଆପଣଙ୍କ ପକେଟ କାଟିବା ପାଇଁ କ୍ଷିପ୍ରରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରୁଛନ୍ତି। ମୁଁ ମାସ ମାସ ଧରି ଏକ ଆର୍ଥିକ ଝଡ଼ର ପୂର୍ବାନୁମାନ କରିଆସୁଛି। କିନ୍ତୁ ମୋଦୀ ନିର୍ବାଚନ ସହିତ ବ୍ୟସ୍ତ ଥିଲେ ଏବଂ ନିର୍ବାଚନ ଶେଷ ହେବା ମାତ୍ରେ ସେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ୮ ଟଙ୍କା ବୃଦ୍ଧି କଲେ। ଏହି ବୃଦ୍ଧି ଜାରି ରହିବ। ମୁଦ୍ରାସ୍ଫୀତି ହେଉଛି ମୋଦୀଙ୍କ ଏକମାତ୍ର କାମ। ନିର୍ବାଚନ ସମୟରେ ପ୍ରତିଶ୍ରୁତି ଏବଂ ବାକି ସମୟରେ ଜନସାଧାରଣଙ୍କ ପକେଟ କାଟିବା।

ନୂଆଦିଲ୍ଲୀ, ୨୫।୫: ଦେଶରେ ପୁଣି ମହଙ୍ଗା ହୋଇଛି ପେଟ୍ରୋଲ ଓ ଡିଜେଲ ଦାମ। ଆଜି ପେଟ୍ରୋଲର ଲିଟର ପିଛା ଦାମ ୨.୬୧ ଟଙ୍କା ଓ ଡିଜେଲର ଲିଟର ପିଛା ଦାମ ୨.୭୧ ଟଙ୍କା ବଢ଼ିଛି। ଏହାକୁ ମିଶାଇ ଗତ ୧୧ ଦିନ ଭିତରେ ତୈଳ ଦର ୪ର୍ଥ ଥର ପାଇଁ ବୃଦ୍ଧି ପାଇଛି। ୧୧ ଦିନ ଭିତରେ ସମଗ୍ର ଦେଶରେ ପେଟ୍ରୋଲ ଲିଟର ପିଛା ୭.୫୦ ଟଙ୍କା ଓ ଡିଜେଲ ଦର ପ୍ରାୟ ୮ ଟଙ୍କା ମହଙ୍ଗା ହୋଇ ସାରିଲାଣି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏବେ ବିଶ୍ୱ ମାର୍କେଟରେ ଅଶୋଧିତ ତୈଳ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ତୈଳ କମ୍ପାନୀଗୁଡ଼ିକ କ୍ରମାଗତ ଭାବେ ତୈଳ ଦର ଦେଶରେ ବଢ଼ାଇବାରେ ଲାଗିଛନ୍ତି। ଏଥିଯୋଗୁ ଭାରତୀୟ ବଜାରରେ ତେଲ ଦରରେ ନିଆଁ ଲାଗିବା ଆରମ୍ଭ ହୋଇଛି।

ବିଶ୍ୱ ସ୍ତରରେ ଅଶୋଧିତ ତେଲର ଉଚ୍ଚ ମୂଲ୍ୟ ଓ ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ହେବାକୁ ତେଲ ବିକ୍ରୟ କମ୍ପାନିଗୁଡ଼ିକ କ୍ଷତି ସହି ଚାଲିଥିଲେ। ତେଣୁ ଏବେ ସେମାନେ ଏହାର ଦର ବୃଦ୍ଧି କରୁଥିବା କୁହାଯାଉଛି। ୨୦୨୨ ପରେ ପ୍ରଥମଥର ଚଳିତ ବର୍ଷ ମେ’ ୧୫ ତାରିଖରେ ପେଟ୍ରୋଲ ଓ ଡିଜେଲ ଦାମ ବୃଦ୍ଧି ପାଇଥିଲା। ପ୍ରଥମେ ଉଭୟ ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଦାମ ୩ ଟଙ୍କା ଲେଖାଏ ବଢ଼ିଥିଲା। ଏହାର ୪ ଦିନ ପରେ ଅର୍ଥାତ ମେ’ ୧୯ରେ ପେଟ୍ରଲ ଲିଟର ପିଛା ୮୭ ପଇସା ଓ ଡିଜେଲ ଲିଟର ପିଛା ୯୧ ପଇସା ମହଙ୍ଗା ହୋଇଥିଲା।ମେ’ ୨୩ରେ ପୁଣି ଗ୍ରାହକଙ୍କୁ ମହଙ୍ଗା ମାଡ଼ର ସାମ୍ନା କରିବାକୁ ପଡ଼ିଥିଲା। ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଦାମ ଯଥାକ୍ରମେ ୮୬ ଓ ୯୪ ପିଇସା ବୃଦ୍ଧି ପାଇଥିଲା। ଆଜି ପୁଣି ପେଟ୍ରୋଲର ଲିଟର ପିଛା ୨.୬୧ ଟଙ୍କା ଓ ଡିଜେଲ ୨.୭୧ ଟଙ୍କା ବଢ଼ିଛି। ଆଗକୁ ତେଲ ଦର ଆହୁରି ବୃଦ୍ଧି ପାଇବ। ନେଇ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ମୂଲ୍ୟ ଆକାଶ ଛୁଆଁ ଓ ଟଙ୍କାର ଅବମୂଲ୍ୟାୟନ ଯୋଗୁ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଉଛି। ଯାହାର ସିଧା ପ୍ରଭାବ ଗ୍ରାହକଙ୍କ ପକେଟ ଉପରେ ପଡ଼ୁଛି।

ଡିଜେଲ ପରିବହନ ଇନ୍ଧନ ହୋଇଥିବାରୁ ଦର ବୃଦ୍ଧି ହେବା ଫଳରେ ଗମନାଗମନ, ପରିବହନରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ମହଙ୍ଗା ହେବାରେ ଲାଗିଛି। ପଣ୍ୟ ପରିବହନ ଖର୍ଚ୍ଚ ସବୁ ବଢ଼ିବ। ନେଇ ଆଶଙ୍କା। କରାଯାଉଛି। ପ୍ରତିଟି କ୍ଷେତ୍ରରେ ସାମଗ୍ରୀ ମହଙ୍ଗା ହେବା ନେଇ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଆଜି ବର୍ଦ୍ଧିତ ଦର ପରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୯.୧୬ ଟଙ୍କା ଓ ଡିଜେଲ ଦାମ୍ ୧୦୦.୮୧ ଟଙ୍କା ହୋଇଛି। ଦିଲ୍ଲୀରେ ପେଟ୍ରୋଲ ୧୦୨.୧୨, ଡିଜେଲ୍ ୯୫.୨୦ ଟଙ୍କା, କୋଲକାତାରେ ପେଟ୍ରୋଲ ୧୧୩.୫୧, ଡିଜେଲ୍ ୯୯.୮୨ ଟଙ୍କାରେ ପହଂଚିଛି। ସେହିପରି ମୁମ୍ବାଇରେ ପେଟ୍ରୋଲ ୧୧୧.୨୧, ଡିଜେଲ ୯୭.୮୩ ଟଙ୍କା ହୋଇଛି। ଚେନ୍ନାଇରେ ପେଟ୍ରୋଲ ୧୦୭.୭୭, ଡିଜେଲ ୯୯.୫୫ ଟଙ୍କା ହୋଇଯାଇଛି।

### ନିଟ ପ୍ରଶ୍ନପତ୍ର ଲିକ୍: ଏନଟିଏ ଉପରେ ଅସନ୍ତୋଷ ଝାଡ଼ିଲେ ସୁପ୍ରିମକୋର୍ଟ

# ପୁରୁଣା ଭୁଲରୁ କିଛି ବି ଶିକ୍ଷାଲାଭ କଲେନି

ନୂଆଦିଲ୍ଲୀ, ୨୫।୫: ନିଟ୍ ୟୁଜି ପ୍ରଶ୍ନପତ୍ର ଲିକକୁ ନେଇ ଅସନ୍ତୋଷ ଝାଡ଼ିଛନ୍ତି ସୁପ୍ରିମକୋର୍ଟ। ମେଡିକାଲ ପ୍ରବେଶିକା ପରୀକ୍ଷାକୁ ନେଇ ପୂର୍ବରୁ ଘଟିଥିବା ବିବାଦ ସମୟରେ ଏକାଧିକ ସଂସ୍କାର ପ୍ରସ୍ତାବ ଦିଆଯାଇଥିଲା। ତଥାପି ୨୦୨୬ରେ ପୁଣି ନିଟ ପ୍ରଶ୍ନପତ୍ର ଲିକ ହେବାକୁ ଘଟଣାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି।

ଏଥିସହ ନିଟ ପରୀକ୍ଷା ଆୟୋଜନ କରୁଥିବା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ବା ଏନଟିଏମକୁ ସମାଲୋଚନା କରିଛନ୍ତି। ଏହାବାଦ ସର୍ବୋଚ୍ଚ ଅଦାଲତ ଏନଟିଏକୁ ନୋଟିସ ମଧ୍ୟ କରିଛନ୍ତି। ସୁପ୍ରିମକୋର୍ଟ ନୋଟିସ କରିବା ସହ ଏହି ପ୍ରସଙ୍ଗ ସହ ଜଡ଼ିତ ରିଟ ପିଟିସନକୁ ଭାରତର ସିଲିସିଟର ଜେନେରାଲଙ୍କ ପାଖରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥିତ ଥିବା







ଆଇନଜୀବୀ ତନଭୀ ଦୁବେ ପ୍ରସଙ୍ଗର ତତ୍କାଳ ଶୁଣାଣିକୁ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ପ୍ରସଙ୍ଗ ନିଟ ୟୁଜି ସହ ଜଡ଼ିତ। ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଏହି ପରୀକ୍ଷା ହୋଇଥାଏ। ଏହି ପରୀକ୍ଷାରେ ୨୩ ଲକ୍ଷ ଆଶାୟୀ ଭାଗ ନେଇଥିଲେ। ତେଣୁ କୋର୍ଟ ଏହାକୁ ଗୁରୁତ୍ୱର ଭାବେ ନିଅନ୍ତୁ ଓ ତତ୍କାଳ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରନ୍ତୁ।

କିନ୍ତୁ ସର୍ବୋଚ୍ଚ ଅଦାଲତ ତତ୍କାଳ ବିବାଦ ବ୍ୟତୀତ ନିଜର ଧ୍ୟାନ ବିସ୍ତାର କରି ପରୀକ୍ଷା ପ୍ରକ୍ରିୟା ସହ ଜଡ଼ିତ ପୂର୍ବ ଚିନ୍ତା ଓ ସଂସ୍କାର ପାଇଁ ଦିଆଯାଇଥିବା ପ୍ରସ୍ତାବ କଥା ଉଠାଇଛନ୍ତି। ସ୍ଥିତିକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ‘‘ସେମାନେ କୌଣସି ଶିକ୍ଷା ଲାଭ ନ କରିବା ଅତ୍ୟନ୍ତ ଦୁଃଖର ବିଷୟ। ଆମେ ଏହି ପ୍ରସଙ୍ଗରେ ଗୋଟିଏ କମିଟି ଗଠନ କରିଥିଲୁ।’’ କୋର୍ଟ ପୂର୍ବରୁ ସ୍ଥାପନ ହୋଇଥିବା ମନିଟରିଂ ଓ ସଂସ୍କାର ପ୍ରସ୍ତାବର ଉଲ୍ଲଘଂନକାରୀଙ୍କ ଉତ୍ତରଦାୟୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ନଭେମ୍ବର ୧୪ରେ ଗଠନ ହୋଇଥିବା କମିଟିର ସ୍ଥିତାବସ୍ଥା ସମ୍ପର୍କରେ ଆସନ୍ତା ୩ ଦିନ ମଧ୍ୟରେ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ଏନଟିଏକୁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ସୁରକ୍ଷିତ କରିବା ପାଇଁ ଉଚ୍ଚ ସ୍ତରୀୟ କମିଟି ଦେଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇବାକୁ ବି ସୁପ୍ରିମକୋର୍ଟ କହିଛନ୍ତି। ଉଭୟ ସତ୍ୟପାଠ ୩ ଦିନ ମଧ୍ୟରେ ଦାଖଲ କରାଯିବ।

### ସୌମ୍ୟ ହତ୍ୟା ଘଟଣା

## ବଦଳିଲେ ଆଇପିଏସ୍ ଦୟାଲ୍

ଭୁବନେଶ୍ୱର ୨୫।୦୫ : ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କ ବଦଳି । ବରିଷ୍ଠ ଆଇପିଏସ ଅଫିସର ଦୟାଲ ଗଙ୍ଗୱାରଙ୍କୁ ଗୃହ ବିଭାଗକୁ ବଦଳି କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ବିବାଦୀୟ ହୋଇଥିଲେ। ଖବର ଅନୁଯାୟୀ, ମେ ୭ ତାରିଖରେ ବାଲିଅନ୍ତା ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ପିଟି ପିଟି ହତ୍ୟା କରିଥିଲେ । ଏହି ମାମଲାରେ ପୋଲିସ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରିସାରିଛି । ହେଲେ ଏହି ଘଟଣାରେ ସବୁଠୁ ଅଧିକ ବିବାଦୀୟ ହୋଇପଡିଥିଲେ ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାର । ଏହି ବରିଷ୍ଠ ଆଇପିଏସଙ୍କ ନାଁରେ ପରିବାର ପକ୍ଷରୁ ଆଣିଥିଲେ ସଙ୍ଗୀନ ଅଭିଯୋଗ । ହେଲେ ଅଭିଯୋଗରେ କେତେ ସତ, କେତେ ମିଛ । ତା ବିଷୟରେ ସବିଶେଷ ତଥ୍ୟ ମିଳିନାହିଁ । ତେବେ ଏସବୁ ଭିତରେ ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କୁ ବଦଳି କରାଯାଇଛି । ଦୟାଲ ଗଙ୍ଗୱାରଙ୍କୁ ଗୃହ ବିଭାଗକୁ ବଦଳି କରାଯାଇଛି । ଦୟାଲ ଗଙ୍ଗୱାରଙ୍କ ବଦଳି ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

### ମହାନଦୀ ଜଳ ବିବାଦ

## ବାରମ୍ବାର ବୈଠକ, ହେଲେ ଫଳ ଶୂନ: ବିଜେଡି

### ସ୍ଥିତି ପାଇଁ ୨୪ ବର୍ଷ ଶାସନ ଦାୟୀ: ବିଜେପି

ଭୁବନେଶ୍ୱର ୨୫।୦୫ : ମହାନଦୀ ପ୍ରସଙ୍ଗରେ ପୁଣି ମୁହାଁମୁହିଁ । ଶାସକ-ବିରୋଧୀ ଆମ୍ନାସାମ୍ନା । ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ, ଯଦି ମହାନଦୀରେ ପର୍ଯ୍ୟାପ୍ତ ପାଣି ଅଛି । ଜନ ଅସନ୍ତୋଷ କାହିଁକି । ବୈଷୟିକ କମିଟି ଓ ଟ୍ରିବ୍ୟୁନାଲର ବାରମ୍ବାର ବୈଠକ କାହିଁକି ବସୁଛି ତେବେ ବିବାଦ କାହିଁକି ଓଡ଼ିଶାରେ ପାଣି ନାହିଁ । ଯେଉଁମାନେ କହୁଛନ୍ତି ପାଣି ଅଛି, ସେମାନ ତଥ୍ୟ ରଖନ୍ତୁ । ଅଯଥାରେ ଲଜ୍ଜିତ ହୁଅନ୍ତୁ ନାହିଁ, ଏହା ନିନ୍ଦନୀୟ । ରବିବାର ପୁରୀରେ ଛତିଶଗଡ- ଓଡ଼ିଶା ଙ୍କ ବୈଠକ ବସିଲା। ସେମାନେ କହିଲେ ବାଟ ଫିଟିଲା, ଆଶ୍ୱସ୍ତ ହେବା। ହେଲେ କେମିତି ଆଶ୍ୱସ୍ତ ହେବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହୁଛନ୍ତି ଛତିଶଗଡ ମନ୍ତ୍ରୀସ୍ତରୀୟ କମିଟି କଲା ପରେ ଯାହା ହେବ। ଟ୍ରିବ୍ୟୁନାଲ କହିଛନ୍ତି ଯେ, ତୁରନ୍ତ ମନ୍ତ୍ରୀସ୍ତରୀୟ ବୈଠକ ହେଉ। ସେ ଅନୁଭବ କଲେଣି କିଛି ଠିକ ନାହିଁ, ସମସ୍ୟା ଅଛି। ଛତିଶଗଡର ମନ୍ତ୍ରୀସ୍ତରୀୟ କମିଟି ଗଠନ ହେଲା ପରେ ଯେଉଁ ଆଲୋଚନା ହେବ, ତା ପରେ ଟ୍ରିବୁନାଲ ପାଖରେ ଠିଆ ହେବାକୁ ପଡ଼ିବ। ଙ୍କ ବକ୍ତବ୍ୟ ଗ୍ରହଣୀୟ ନୁହେଁ। ତାଙ୍କ ଘନ ଘନ ଦିଲ୍ଲୀ ଗସ୍ତ ଭଲ। ହେଲେ ଏ ଯାଏଁ ବାଟ ଫିଟିନି କି ସମାଧାନ ହୋଇନି। ଅଧିକ ଆଲୋଚନା , ଅଧିକ ସମୟ ଓ ଅଧିକ ତଥ୍ୟ ଆବଶ୍ୟକ। ଫଳ ଶୂନ୍ୟ, ଯାହା ଦୁର୍ଭାଗ୍ୟ। ସେପଟେ ମହାନଦୀ ପ୍ରସଙ୍ଗରେ ରାଜ୍ୟ ବିଜେପି ସାଧାରଣ ସଂପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି ଯେ, ମହାନଦୀ ପ୍ରସଙ୍ଗରେ ଯଦି ଆଜି କ୍ଷତିଗ୍ରସ୍ତ ହୋଇଛି । ଏଥିପାଇଁ ବିଜେଡିର ୨୪ ବର୍ଷ ଶାସନ ଦାୟୀ ଏହାକୁ ବିଜେପି ସବୁବେଳେ ଉଠାଇଛି ଆପୋଷ ସମାଧାନ ପାଇଁ ସବୁ ପ୍ରୟାସ ସତ୍ତ୍ୱେ, ବିଜେଡି ଏହାକୁ ଟ୍ରିବ୍ୟୁନାଲକୁ ଜିଦରେ ନେଇକି ଗଲେ ହେଲେ ଟ୍ରିବ୍ୟୁନାଲରେ ଠିକ ତଥ୍ୟ ଦେଲାନି ବିଜେଡି ଏବେ ବିଜେପି ସରକାର ଠିକ ତଥ୍ୟ ଦେଉଛି କେମିତି ସମାଧାନ ହେବ, ଜଳ ପାଇବ ଓଡ଼ିଶା ଓ ଠିକ ବିନିଯୋଗ ହେବ, ବିଜେପି ପ୍ରୟାସ କରିଛି ଏକ କମିଟି ଗଠନ ହୋଇଛି, ଯିଏ ଛତିଶଗଡ ସରକାରଙ୍କ ସହ ଆଲୋଚନା କରୁଛି ।

### ରାଜ୍ୟସଭାରେ ଛିଡୁଛି ବିଜେଡି, ବଢୁଛି ବିଜେପି

# ରାଜ୍ୟସଭାରୁ ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା

ଭୁବନେଶ୍ୱର,୨୫/୦୫: ରାଜ୍ୟସଭାରେ ଛିଡୁଛି ବିଜେଡି, ବଢୁଛି ବିଜେପି । ଦେବାଶିଷ ସାମନ୍ତରାୟ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଏବେ ସଂସଦର ଉଚ୍ଚ ସଦନରେ ବିଜେଡିର ସାଂସଦଙ୍କ ସଂଖ୍ୟା ୫ ହୋଇଯାଇଛି । ୨୦୨୨ରେ ନିର୍ବାଚିତ ହୋଇଥିବା ବିଜେଡି ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ ଏବଂ ମାନସ ମଙ୍ଗରାଜଙ୍କ କାର୍ଯ୍ୟକାଳ ୨୦୨୮ ଯାଏଁ ରହିଛି । ସେହିପରି ବିଜେଡିରୁ ୨୦୨୪ରେ ନିର୍ବାଚିତ ହୋଇଥିବା ଶୁଭାଶିଷ ଖୁଣ୍ଟିଆଙ୍କ କାର୍ଯ୍ୟକାଳ ୨୦୩୦ ଯାଏଁ ରହିଥିବାବେଳେ, ଚଳିତବର୍ଷ ବିଜେଡିରୁ ନିର୍ବାଚିତ ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ରଙ୍କ କାର୍ଯ୍ୟକାଳ ୨୦୩୨ରେ ଯାଏଁ ରହିଛି । ଅନ୍ୟପକ୍ଷରେ ଗତ ଏପ୍ରିଲରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ବିଜେପିରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ କୁମାର ନିର୍ବାଚିତ ହୋଇଥିବାବେଳେ, ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ଦିଲ୍ଲୀପ ରାୟଙ୍କୁ ସମର୍ଥନ ଜଣାଇ ରାଜ୍ୟସଭା ପଠାଇଛି ବିଜେପି । ତେଣୁ ଏହି ୩ ସାଂସଦଙ୍କ କାର୍ଯ୍ୟକାଳ ୨୦୩୨ ଯାଏଁ ରହିଛି । ସେହିପରି ୨୦୨୪ରେ ବିଜେପି ପାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ ଜଣାଇଥିଲା ବିଜେଡି । ତାଙ୍କର କାର୍ଯ୍ୟକାଳ ମଧ ୨୦୩୦ ଯାଏଁ ରହିଛି । ଆଜି ବିଜେଡି ଛାଡ଼ିଲେ ବରିଷ୍ଠ ବିଜେଡି ନେତା ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ସେ ଦଳ ଓ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ଦଳ ଛାଡ଼ିବା ପରେ ପାଣ୍ଡିଆନଙ୍କ ପାଇଁ ଦଳ ଛାଡ଼ିଥିବା କହି ରୋଷ ଝାଡ଼ିଲେ ଦେବାଶିଷ। ଓଡ଼ିଆ ସ୍ୱାଭିମାନକୁ ତାମିଲ ଲୋକ ହାତରେ ଟେକିଦିଆ ଯାଇଛି। ବିଜୁ ବାବୁଙ୍କ ସମ୍ପତ୍ତି ତାମିଲ ଲୋକଙ୍କୁ ଟେକିଦେବା ଦୁଃଖ ଦାୟକ।

ବିଜେଡି ଦଳ କେମିତି ସଂଗଠିତ ହେବ କାହାର ଚିନ୍ତା ନାହିଁ। ବର୍ଷେ ହେଲା ନବୀନ ବାବୁଙ୍କୁ ଭେଟି ନାହିଁ, ବିଜେଡିରେ ବରିଷ୍ଠଙ୍କ ସ୍ଥାନ ନାହିଁ ବୋଲି କହିଛନ୍ତି ଦେବାଶିଷ ସାମନ୍ତରାଏ। ଆଜି ସେ ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ଭେଟି ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ଅତ୍ୟନ୍ତ ଘନିଷ୍ଠ ଥିବା ଦେବାଶିଷ ବିଭିନ୍ନ କାରଣରୁ ଅସନ୍ତୁଷ୍ଟ ଥିଲେ । ନବୀନ ଓ ତାଙ୍କ ମଧ୍ୟରେ ଦୂରତା ସୃଷ୍ଟି କରାଯାଇ ଆସୁଥିଲା ବୋଲି ଅଭିଯୋଗ ହେଉଥିଲା । ତାଙ୍କର ଅନୁଗତ ମାନଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉ ନଥିଲା । ଏମିତିକି ତାଙ୍କୁ ଯେଉଁ ସିନିୟର ସିଟିଜେନ ସେଲର ବରିଷ୍ଠ ଉପସଭାପତି ପଦ ଦିଆଯାଇଥିଲା, ତାହାକୁ ଦେବାଶିଷ ପ୍ରତ୍ୟାଖ୍ୟାନ କରିଥିଲେ।

# ତିନି ଦିନ ତିନି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି

### ଉପକୂଳରେ ଗୁଳୁଗୁଳି ସହ ପଶ୍ଚିମ ଓଡ଼ିଶାରେ ବଢ଼ିବ ତାତି

ଭୁବନେଶ୍ବର ୨୫।୫: ଆସନ୍ତା ୩ ଦିନ ପାଇଁ ୩ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ । ସମ୍ବଲପୁର, ବଲାଙ୍ଗିର, ବୌଦ୍ଧକୁ ରେଡ୍ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ । ଝାରସୁଗୁଡ଼ା, ନୂଆପଡ଼ା, କଳାହାଣ୍ଡି, ବରଗଡ଼ ଓ ସୋନପୁରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ । ଆସନ୍ତା ୪ ଦିନ ଉପକୂଳରେ ଗୁଳୁଗୁଳି ସହ ପଶ୍ଚିମ ଓଡ଼ିଶାରେ ତାତି ବଢ଼ିବ । ସେହିଭଳି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୩୦ରୁ କାଳବୈଶାଖୀ ଯୋଗୁ ପାଗ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶକ ମନୋରମା ମହାନ୍ତି ।ତାତିରେ ଭାଜି ହେଉଛି ସାରା ଓଡ଼ିଶା । ହିଟ୍ ୱେଭ ସାଙ୍ଗକୁ ପ୍ରବଳ ଗରମ ଆଉ ଗୁଳୁଗୁଳି । ସତେ ଯେମିତି ଏବେ ତତଲା କଡେଇ ପାଲଟିଛି ଓଡ଼ିଶା । ଉତ୍ତର ପଶ୍ଚିମା ଶୁଷ୍କ ପବନ ବୋହିବା ଯୋଗୁ ଏବେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ୩ ଦିନ ଯାଏ ତାତିରୁ ତ୍ରାହି ନାହିଁ । ଜଳିବ ପୁରା ଓଡ଼ିଶା । ୩ ଦିନ ଯାଏ ୩ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କଲା ପାଣିପାଗ ବିଭାଗ । ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ୨୬ ଜିଲ୍ଲାରେ ପ୍ରଚଣ୍ଡ ଖରା, ଗରମ ସହ ଉପକୂଳରେ ଗୁଳୁଗୁଳିର ଚେତାବନୀ ରହିଥିବା ବେଳେ ସମ୍ବଲପୁର, ବଲାଙ୍ଗିର ଓ ବୌଦ୍ଧକୁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଝାରସୁଗୁଡା ସୋନପୁର କଳାହାଣ୍ଡି ଓ ନୂଆପଡା ୪ ଜିଲ୍ଲାକୁ ଅରେଞ୍ଜି ଓ କନ୍ଧମାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସମ୍ବଲପୁର ଓ ବଲାଙ୍ଗିରକୁ ଉଷ୍ମ ରାତ୍ରି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ପଶ୍ଚିମ ଓ ଉପକୂଳ ଜିଲ୍ଲାର ୧୮ ଜିଲ୍ଲାକୁ ଉଷ୍ମ ଓ ଆଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ମଙ୍ଗଳବାର ସମ୍ବଲପୁର, ବଲାଙ୍ଗିର ଓ ବୌଦ୍ଧକୁ ରେଡ୍ ୱାର୍ଣ୍ଣିଂ ସହ ଝାରସୁଗୁଡା, ସୋନପୁର, କଳାହାଣ୍ଡି ଓ ନୂଆପଡାର ୪ ଜିଲ୍ଲାକୁ ଅରେଞ୍ଜ ଓ କନ୍ଧମାଳ ଓ ବରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ସମ୍ବଲପୁର ଓ ବଲାଙ୍ଗିରକୁ ଉଷ୍ମ ରାତ୍ରି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ପଶ୍ଚିମ ଓ ଉପକୂଳ ଜିଲ୍ଲାର ୧୭ ଜିଲ୍ଲାକୁ ଉଷ୍ମ ଓ ଆଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।ସକାଳେ ପ୍ରଚଣ୍ଡ ଖରା ଆଉ ଅପରାହ୍ନରେ କାଳବୈଶାଖୀର ସମ୍ଭାବନା ଥିବାବେଳେ ଆସନ୍ତା ୨୪ ଘଣ୍ଟାରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ, କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଅନୁଗୁଳ, ଭଦ୍ରକ, ଯାଜପୁର, ବାଲେଶ୍ୱର, ଢେଙ୍କାନାଳ, କେନ୍ଦୁଝର ଓ ମୟୁରଭଞ୍ଜ ଏହି ୨୧ ଜିଲ୍ଲାରେ ବିଜୁଳି ଘଡଘଡି ସହ ୪୦ ରୁ ୬୦ କି.ମି. ଝଟକା ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ମଙ୍ଗଳବାର ସମାନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ ।ସେପଟେ ଉତ୍ତର ଉପକୂଳ ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଂଚଳରେ ୪୦ରୁ ୫୦ ସର୍ବାଧିକ ୬୦ କି.ମି. ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ଆସନ୍ତା ରହିବ । ତେଣୁ ୨୮ ଓ ୨୯ ଦୁଇ ଦିନ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି । ଅନ୍ୟପଟେ ଗତ ୨୪ ଘଣ୍ଟାରେ ୧୮ ଜିଲ୍ଲାରେ ୪୧ ଡିଗ୍ରୀ ଉପରେ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ରେ ୪୫.୮ ଡିଗ୍ରୀ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଛି ।

### ଏସ୍‌ଆଇଆର୍ ଫିଲ୍ଡ ୱାର୍କ ସମୟ ବଦଳିଲା

ଭୁବନେଶ୍ବର ୨୫।୫: ରାଜ୍ୟରେ ଆଗାମୀ ୨୦୨୬ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନୂଆ ନିର୍ଦ୍ଦେଶ । ମେ ମାସ ଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଘରକୁ ଘର ବୁଲା ଏବଂ ପଞ୍ଜୀକରଣ ଶିବିର ପରି କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ ସମୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ଆଶଙ୍କା ଥିବାରୁ ଏହି ପଦକ୍ଷେପ ନିଆଯାଇଛି । ଗ୍ରୀଷ୍ମ ପ୍ରବାହର ପ୍ରଭାବରୁ କ୍ଷେତ୍ର କର୍ମଚାରୀ ଓ ସାଧାରଣ ଭୋଟରଙ୍କୁ ରକ୍ଷା କରିବା ପାଇଁ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ (ଏସ୍‌ଆଇଆର୍) ତଥା ଜିଲ୍ଲାପାଳ ମାନଙ୍କୁ ଏହି ନିୟମାବଳୀ କଡ଼ାକଡ଼ି ଭାବେ ପାଳନ କରିବାକୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ଦ୍ୱିପ୍ରହରରେ କ୍ଷେତ୍ର ପରିଦର୍ଶନ ମନା । ଦିନର ଦ୍ୱିପ୍ରହର ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ପ୍ରକାରର ବାହ୍ୟ କାର୍ଯ୍ୟକ୍ରମ କିମ୍ବା ଘରକୁ ଘର ବୁଲି ଯାଞ୍ଚ ପ୍ରକ୍ରିୟା କରାଯାଇପାରିବ ନାହିଁ । ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଓ ସଂଧ୍ୟାରେ ୪ଟାରୁ ସନ୍ଧ୍ୟା ୭ଟ ପର୍ଯ୍ୟନ୍ତ ଫିଲ୍ଡ ୱାର୍କ କରିବେ ।ଏହାସହ କର୍ମଚାରୀ ମାନେ ଡ୍ୟୁଟି ସମୟରେ ନିଜ ସାଙ୍ଗରେ ଏକ ଜରୁରୀକାଳୀନ କିଟ୍ ରଖିବା ବାଧ୍ୟତାମୂଳକ କରାଯାଇଛି ।

### ସହରାଞ୍ଚଳ ଭିତ୍ତିଭୂମି ବିକାଶ ଓ ଜନସାଧାରଣଙ୍କୁ ଉନ୍ନତ ନାଗରିକ ସୁବିଧା ଯୋଗାଇବା ଲକ୍ଷ୍ୟ

# ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ୨୫ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ

ବାରିପଦା, ୨୫।୫ (ଆନିସ): ରାଜ୍ୟ ସରକାରଙ୍କ ସହରାଞ୍ଚଳ ଭିତ୍ତିଭୂମି ବିକାଶ ଏବଂ ଜନସାଧାରଣଙ୍କୁ ଉନ୍ନତ ନାଗରିକ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ବାରିପଦା ପୌରାଞ୍ଚଳରେ ୨୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ପ୍ରକଳ୍ପଗୁଡ଼ିକର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଉକ୍ତ ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ସହରାଞ୍ଚଳର ଜଳ ନିଷ୍କାସନ ବ୍ୟବସ୍ଥାର ସୁଦୃଢ଼ିକରଣ, ଉନ୍ନତି ଏବଂ ଡ୍ରେନେଜ୍ ବ୍ୟବସ୍ଥାର ବିକାଶ ହେବା ସହିତ ସାଧାରଣ ଲୋକଙ୍କ ଅସୁବିଧାକୁ ଦୂର କରିବାରେ ସହାୟକ ହୋଇ ପାରିବ ବୋଲି କୁହାଯାଉଛି । ବିଶେଷ କରି ବର୍ଷା ଦିନରେ ସହରାଞ୍ଚଳରେ ଜଳ ଜମା ସମସ୍ୟାର ସ୍ଥାୟୀ ସମାଧାନ



ପାଇଁ ବ୍ୟାପକ ଡ୍ରେନେଜ୍ ବ୍ୟବସ୍ଥା ନିର୍ମାଣ କରାଯାଉଛି । ଏହି ଅବସରରେ ରଘୁନାଥପୁର ଠାରେ ଗୋଶାଳା ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିବାବେଳେ ଝିଞ୍ଜିରି ବନ୍ଧ ସନ୍ନିକଟ ଅଞ୍ଚଳ, ଦୁର୍ଗା ହୋଟେଲ ସନ୍ନିକଟ ଅଞ୍ଚଳ, ଉଦଳା ରୋଡ୍ ଓ ବଗିଚାସାହି ମଧ୍ୟବର୍ତ୍ତୀ ଅଞ୍ଚଳ, ବାରୁଣୀ ଘାଟ ସନ୍ନିକଟ ଅଞ୍ଚଳ ଏବଂ ଷ୍ଟେସନ ରୋଡ୍ ସନ୍ନିକଟ ଅଞ୍ଚଳରେ ସହରାଞ୍ଚଳ ଜଳ ନିଷ୍କାସନ ପାଇଁ ନାଳ ସମୂହ ନିର୍ମାଣ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା । ସେହିପରି ଆୟୁର୍ବେଦିକ କଲେଜକୁ ସଂଯୋଗ କରୁଥିବା ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟର ମଧ୍ୟ ଶୁଭାରମ୍ଭ କରାଯାଇଥିଲା । ମନ୍ତ୍ରୀ ତାଙ୍କ ଉଦବୋଧନରେ କହିଥିଲେ ଯେ, ରାଜ୍ୟ ସରକାର ସହରାଞ୍ଚଳର ସମନ୍ୱିତ ବିକାଶ, ସ୍ୱଚ୍ଛ ପରିବେଶ ଏବଂ ଉନ୍ନତ ନାଗରିକ ସୁବିଧା ପ୍ରଦାନ ଦିଗରେ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ସମାପ୍ତ ହେଲେ ସହରବାସୀଙ୍କ ପାଇଁ ଜଳ ନିଷ୍କାସନ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକାର ନଗରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଉପ-ନଗରପାଳ ଶ୍ରୀମତୀ ସୀମା ଦାସ, ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ରାଉତଙ୍କ ସମେତ ସଂପୃକ୍ତ ୱାର୍ଡର ପାରିଷଦଗଣ, ବିଭାଗୀୟ ଅଧିକାରୀ ଏବଂ ବହୁସଂଖ୍ୟକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତି ଅଶୋକ ଓ ସମ୍ପାଦକ ସତ୍ୟଜିତ

ସୁନ୍ଦରଗଡ଼, ୨୫/୦୫(ଆନିସ): ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶ ଅନୁଯାୟୀ ଶନିବାର ଦିନ ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି ୱେଲଫେୟାର କମିଟି ସଦସ୍ୟ ଭାବରେ ନିର୍ଦ୍ୱନ୍ଦରେ ଶ୍ରୀମତୀ ଅଞ୍ଜନା ସାହୁ, ଗୌତମ ହାତୀ,ଉମା ଶଙ୍କର ପଟେଲ, ସୁଶାନ୍ତ କୁମାର ପାଣ୍ଡେ ଓ ସୁନୀତା ପଟେଲ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟ ନିର୍ବାହୀ କମିଟିର ୫ ଟି ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି ବୁଧଦେବ ନାଏକ,ପ୍ରଶାନ୍ତ ପଟେଲ, ପ୍ରଣବ କୁମାର ସିଂ, ମାଳି ଟପ୍ପୋ ଓ ଆଭାମାୟୀ ଖାଖା ସର୍ବମୋଟ ୧୭୦ ଜଣ ସଦସ୍ୟ ମତଦାନ କରିଥିଲେ, ସେଥିମଧ୍ୟରୁ ସଭାପତି ପଦରେ ଅଶୋକ କୁମାର ସ୍ୱାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କିଶୋର କୁମାର ନାଏକଙ୍କ ଠାରୁ ୧ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ପଦରେ ସ୍ୱରାଜ ପଟେଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଗଜେନ୍ଦ୍ର ପାତ୍ରଙ୍କ ଠାରୁ ୫୨ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଛନ୍ତି ଠିକ ସେହିପରି ସମ୍ପାଦକ ପଦରେ ସତ୍ୟଜିତ ପଣ୍ଡା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଭୋର ଆନନ୍ଦ ପଟେଲଙ୍କ ଠାରୁ ୪୪ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଥିବା ବେଳେ ସହ ସମ୍ପାଦକ ପଦରେ ମାନସ ରଞ୍ଜନ ପଣ୍ଡା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରବିନ୍ଦ୍ର ମାଳିଙ୍କ ଠାରୁ ୨୬ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି କୋଷାଧ୍ୟକ୍ଷ ପଦରେ ବାଦଲ ଚୌଧୁରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରାଜେନ୍ଦ୍ର ବେକଙ୍କ ଠାରୁ ୩୬ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବି ସୁକାନ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି ।

# ଶେଖ ସଂନୱାର ହେଲେ ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ସଭାପତି



ଯାଜପୁର , ୨୫/୦୫ (ଆନିସ) : ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସର୍ବସମ୍ମତିକ୍ରମେ ବରିଷ୍ଠ ସାମ୍ବାଦିକ ଶେଖ ସଂନୱାର (ସୋନୁ) ଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ବୈଠକରେ ସଂଗଠନର ସୁଦୃଢ଼ୀକରଣ, ସାମ୍ବାଦିକଙ୍କ ବୃତ୍ତିଗତ ସମସ୍ୟା, ସାମ୍ବାଦିକତାର ମର୍ଯ୍ୟାଦା ଓ ଗଣମାଧ୍ୟମର ସାମାଜିକ ଦାୟିତ୍ୱ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ନବନିର୍ବାଚିତ ସଭାପତିଙ୍କୁ ସଂଗଠନର ସମସ୍ତ ସଦସ୍ୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

ନବନିର୍ବାଚିତ ସଭାପତି ଶେଖ ସଂନୱାର ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ସମସ୍ତ ସାମ୍ବାଦିକଙ୍କୁ ସମତା, ଏକତା ଓ ପାରସ୍ପରିକ ସମ୍ମାନର ସହିତ ସାଥିରେ ନେଇ ସଂଗଠନକୁ ଆହୁରି ସକ୍ରିୟ, ଶୃଙ୍ଖଳିତ ଓ ସୁଦୃଢ଼ କରାଯିବ। ସାମ୍ବାଦିକଙ୍କ ନ୍ୟାୟସଙ୍ଗତ ସ୍ୱାର୍ଥ, ସୁରକ୍ଷା ଓ ବୃତ୍ତିଗତ ଅଧିକାର ପାଇଁ ସଂଗଠନ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ, ଗଣମାଧ୍ୟମରେ ପ୍ରକାଶିତ ପ୍ରତ୍ୟେକ ସଠିକ୍, ନିର୍ଭୀକ ଓ ନିରପେକ୍ଷ ଖବର ସରକାରଙ୍କ ପାଖରେ ପ୍ରକୃତ ଚିତ୍ର ପହଞ୍ଚାଇବାରେ ସହାୟକ ହୋଇଥାଏ। ସମାଜର ସାଧାରଣ ଲୋକଙ୍କ ସମସ୍ୟା, ଅଭାବ-ଅସୁବିଧା, ଉନ୍ନୟନମୂଳକ ଦାବି ଓ ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗଗୁଡ଼ିକୁ ଗଣମାଧ୍ୟମ ମାଧ୍ୟମରେ ବ୍ଲକ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ଓ ଆବଶ୍ୟକ ହେଲେ ସରକାରୀ ପ୍ରଶାସନ ପାଖରେ ପହଞ୍ଚାଇବାକୁ ସାମ୍ବାଦିକମାନେ ନିଜ ଦାୟିତ୍ୱ ନିଷ୍ଠାର ସହିତ ପାଳନ କରିବା ଆବଶ୍ୟକ। ବୈଠକରେ ସତ୍ୟନିଷ୍ଠ, ଦାୟିତ୍ୱବୋଧସମ୍ପନ୍ନ ଓ ଲୋକମୁଖୀ ସାମ୍ବାଦିକତାକୁ ଅଧିକ ଗୁରୁତ୍ୱ ଦେବା ସହ ସଂଗଠନକୁ ସମୟୋପଯୋଗୀ ଭାବେ ଆଗକୁ ନେବା ପାଇଁ ସମସ୍ତ ସଦସ୍ୟ ଦୃଢ଼ ସଙ୍କଳ୍ପ ପ୍ରକାଶ କରିଥିଲେ।

# ବାଲୁଗାଁ ଥାନାରେ ଆମ ପୋଲିସ କାର୍ଯକ୍ରମ

ଖୋର୍ଦ୍ଧା, ୨୫।୫ (ଆନିସ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ ଥାନା ପରିସର ରେ ଆମ ପୋଲିସ କାର୍ଯ୍ୟକ୍ରମ ସଫଳତା ର ସହ ପାଳିତ ହୋଇ ଯାଇଛି। ସରକାର




ଙ୍କ ୨୦୧୩ ମସିହା ରୁ ଆରମ୍ଭ ହୋଇ ଥିବା ଆମ ପୋଲିସ କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ଦେଶ୍ୟ କି ପୋଲିସ ଆଉ ଜନତା ମଧ୍ୟରେ ଥିବା ଦୂରତା କୁ ହଟେଇ ବନ୍ଧୁତା ପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା। ଯାହା ଦ୍ୱାରା ଜଣେ ସାଧରଣ ଅଭିଯୋଗକାରୀ ବିନା ଡର ଭୟ ରେ ଥାନା କୁ ଆସି ନିଜର ଅଭିଯୋଗ ରଖି ନ୍ୟାୟ ଆଶା କରି ପାରିବ। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଥାନା ପରିସର ରେ ଅହେତୁକ ଖୁସି ଓ ଆନନ୍ଦ ଦେଖିବକୁ ମିଳିଥିଲା। ଉକ୍ତ କାର୍ଯକ୍ରମ ରେ ବାଲୁଗାଁ ଅଞ୍ଚଳ ର ଶତାଧିକ ବୁଦ୍ଧିଯିବି, ସାମ୍ବାଦିକ, ଆଇନଜୀବୀ,ଏବଂ ଜନ ସାଧାରଣ ଙ୍କ ଭିଡ଼ ଦେଖିବାକୁ ମିଳିଥିଲା ଯାହା କି ପୂର୍ବ ରୁ କେବେ ଦେଖିବାକୁ ମିଳିନଥିଲା। ବାଲୁଗାଁ ଥାନା ରେ ନୂଆକରି ଦାୟିତ୍ୱ ଗ୍ରହଣ କରିଥିବା ଅଧିକାରୀ ଶ୍ରୀମତି ଶ୍ରଦ୍ଧା ନାୟକ ମହୋଦୟା ଏବଂ ଏସ. ଡି.ପି. ଓ ଶ୍ରୀଯୁକ୍ତ ସଞ୍ଜୟ କୁମାର ପଟ୍ଟନାୟକ ମହୋଦୟ ଙ୍କ ଉପରେ ଅଞ୍ଚଳବାସୀ ଙ୍କ ଦୃଢ଼ ବିଶ୍ବାସ କାରଣ ରୁ ଏ ଭଳି ଆଶାଧିକ ଭିଡ ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯକ୍ରମ ରେ ପୋଲିସ ବିଭାଗ ତରଫ ରୁ ଏସ. ଡି.ପି. ଓ ସଞ୍ଜୟ କୁମାର ପଟ୍ଟନାୟକ, ଥାନା ଅଧିକାରୀ ଶ୍ରୀମତି ଶ୍ରଦ୍ଧା ନାୟକ, ଏସ . ଆଇ ଏବଂ ମହିଳା ଡେସ୍କ ଅଧିକାରିଣୀ ଶ୍ରୀମତି ରାସ୍ମୀ ସାହୁ, ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀଯୁକ୍ତ ଶ୍ରୀନିବାସ ସାମନ୍ତ ଏବଂ ଥାନା ର ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ। ଉପସ୍ଥିତ ସଦସ୍ୟ ମାନେ ଅଞ୍ଚଳ ରେ ନିଶା କାରବାର, ଅପରାଧ, ଟ୍ରାଫିକ ସମସ୍ୟା ଏବଂ ଦ୍ରୁତ ବାଇକ୍? ଚାଳନା କୁ ପ୍ରତିହତ ଭଳି ବିଭିନ୍ନ ସମସ୍ୟା ସହ ନିଜ ନିଜର ସୁଚିନ୍ତିତ ମତାମତ ରଖିବା ପରେ ଆଇ. ଆଇ. ସି ଶ୍ରୀମତି ଶ୍ରଦ୍ଧା ନାୟକ ଏବଂ ଏସ.ଡି. ପି.ଓ ଶ୍ରୀଯୁକ୍ତ ସଞ୍ଜୟ କୁମାର ପଟ୍ଟନାୟକ ସମସ୍ୟା ର ସମାଧାନ ଉପରେ ଆଲୋକ ପାତ କରିବା ସହିତ ନିଶା କାରବାର ଏବଂ ଅପରାଧ କୁ ଦୃଢ଼ ଭାବେ ଦମନ କରିବା ସହ ବାଲୁଗାଁ ଅପରାଧ ମୁକ୍ତ କରିବା ଦିଗରେ ସଦା ଚେଷ୍ଟିତ ରହିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ ଏହାକୁ ସମସ୍ତେ ସ୍ୱାଗତ କରିବା ସହ ପ୍ରଶଂଶା କରିଥଲେ। କାର୍ଯକ୍ରମ ଶେଷ ରେ ଥାନା ଅଧିକାରୀ ଶ୍ରୀମତି ଶ୍ରଦ୍ଧା ନାୟକ ଉପସ୍ଥିତ ସମସ୍ତ ଜନତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ନିତୀଗ୍ରସ୍ତ କୋଟଗଡ଼ ବ୍ଲକ ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ଭିଜିଲାନ୍ସ ତଦନ୍ତ ଦାବୀ

ଫୁଲବାଣୀ,୨୫।୫ (ଆନିସ): ସରକାର ଦୁର୍ନୀତି କୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ଓ ଦୁର୍ନିତୀ ଗସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହୁଥିବା ବେଳେ କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ର ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାତ୍ର, ଓ କନିଷ୍ଠା ଯନ୍ତ୍ରୀ ପ୍ରଫୁଲ୍ ବେହେରା ଲକ୍ଷ ଲକ୍ଷ ଟଙ୍କା ଦୁର୍ନିତୀ ଓ ଆତ୍ମସାତ ମାମଲାରେ ସିଧା ସଳଖ ସଂପୃକ୍ତ ଥିଲେ ମଧ୍ୟ ସେ ଦୁଇ ଦୁର୍ନୀତି ଗସ୍ତ ଯନ୍ତ୍ରୀ ଙ୍କ ବିରୁଦ୍ଧରେ ଏଯାଏଁ କାର୍ଯାନୁଷ୍ଠାନ ଗ୍ରହଣ କରା ନ ଯିବା ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ କରିଛି ଦୀର୍ଘ ଦିନ ଧରି ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ହୋଇ ଆସୁଥିଲା ତେବେ ଏ ନେଇ ବିଭିନ୍ନ ସ୍ତରରେ ଚାପ ପଡିବା ପରେ ଜିଲ୍ଲାପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବ୍ଲକ ଅନ୍ତର୍ଗତ ତତ୍କାଳୀନ ପି ଇ ଓ ଧରାକୋଟ ସୂତନୟନ୍ ମହଂକୁଡ ଓ ଏ ଡି ଓ କଂଶି ରାମ ଦିଗଲ କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ବେଳେ ସହକାରୀ ଯନ୍ତ୍ରୀ ପାତ୍ର ଓ କନିଷ୍ଠ ଯନ୍ତ୍ରୀ ବେହେରା ଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ରାଜ୍ୟ ସରକାର ଙ୍କୁ ସୁପାରିସ କରିଛନ୍ତି ହେଲେ ସରକାର ଏଯାଏ ଏ ଦୁଇ ଦୁର୍ନିତୀ ଗସ୍ତ ଯନ୍ତ୍ରୀ ଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ଗ୍ରହଣ କରିନାହାଁନ୍ତି ଏ ଦୁଇ ଯନ୍ତ୍ରୀ ବିନା ପି ସି ରେ କୌଣସି କାର୍ଯ୍ୟ କରୁ ନଥିଲେ ପି ସି ନଦେଲେ ଗାଳି ଗୁଲଜ କୁଆଡ଼େ କରୁଥିଲେ ସେହିପରି କାର୍ଯ୍ୟ ନକରି ମିଥ୍ୟା ବିଲ କରିବାରେ ସିଦ୍ଧ ହସ୍ତ ଏ ବ୍ଲକ ରୁ ପ୍ରାୟ ଏକ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଚଲୁ କରିଦେଇଛନ୍ତି ଏମାନେ କୁଆଡ଼େ ବୋଲି ଠିକାଦାର ମାନେ କହୁଥିବା ଶୁଣିବାକୁ ମିଳୁଛି ଏଣୁ ରାଜ୍ୟ ଦୁର୍ନିତୀ ନିବାରଣ ବିଭାଗ ପକ୍ଷରୁ ନିରପେକ୍ଷ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ ହେଉଛି

# ଯୁକ୍ତ୨ ବିଜ୍ଞାନର ମେଧାବୀ ସ୍ୱାତୀଙ୍କୁ ସମ୍ବର୍ଦ୍ଧନା

ଯାଜପୁର ୨୫୦୫ (ଆନିସ) : ୨ ବିଜ୍ଞାନ ପରୀକ୍ଷାରେ ୯୫% ନମ୍ବର ରଖି କୃତିତ୍ୱ ହାସଲ କରିଥିବା ବିଂଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତର ଛାତ୍ରୀ ସ୍ୱାତୀ ସୁମନ ମଲ୍ଲିକଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି ଫ୍ରିଡମ୍ ଅଏଲ୍ ଓଡ଼ିଶାର ମୁଖ୍ୟ ପରିଚାଳକ ଅମୀୟ କାନ୍ତ ଧଳ ଏବଂ ବିଞ୍ଝାରପୁର ଅଞ୍ଚଳର ସମାଜସେବୀ ସ୍ମୃତୀ ରଞ୍ଜନ ସାହୁ। ଏହି ଅବସରରେ ସେମାନେ ସ୍ୱାତୀଙ୍କ ଘରକୁ ଯାଇ ତାଙ୍କର ଏହି ଉଲ୍ଲେଖନୀୟ ସଫଳତା



ପାଇଁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଶିକ୍ଷାଜୀବନ ପାଇଁ ଉତ୍ସାହିତ କରିଥିଲେ। ପରିଶ୍ରମ, ନିଷ୍ଠା ଓ ଲକ୍ଷ୍ୟ ପ୍ରତି ଏକାଗ୍ରତା ଥିଲେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ମଧ୍ୟ ଉଚ୍ଚ ସଫଳତା ହାସଲ କରିପାରିବେ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସ୍ୱାତୀ ସୁମନ ମଲ୍ଲିକଙ୍କ ଏହି ସଫଳତା ଅରେଇ ପଞ୍ଚାୟତ ସହ ସମଗ୍ର ବିଞ୍ଝାରପୁର ଅଞ୍ଚଳ ପାଇଁ ଗୌରବର ବିଷୟ ହୋଇଥିବା ବେଳେ, ସ୍ଥାନୀୟ ଅଞ୍ଚଳରେ ଖୁସିର ପରିବେଶ ଦେଖାଦେଇଛି ।

### ଅସହ୍ୟ ହେଉଛି ଖରା ସହ ଗୁଳୁଗୁଳି

# ଜନସାଧାରଣଙ୍କ ପାଇଁ ସର୍ବତ ବାଣ୍ଟିଲେ ସତ୍ୟଜିତ

ବାରିପଦା/କୁଳିଅଣା, ୨୫।୫ (ଆନିସ): ଗ୍ରୀଷ୍ମ ଋତୁ କାଳୀନ ଅସହ୍ୟ ଖରା ସହିତ ଗୁଳୁଗୁଳି କୁ ଦୃଷ୍ଟିରେ ରଖି ଆଜି ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ଅନ୍ତର୍ଗତ ସ୍ଥାନୀୟ କୁଳିଅଣା ଛକ ଠାରେ ସ୍ଥାନୀୟ ଯୁବ ସମାଜସେବୀ ସତ୍ୟଜିତ ମିଶ୍ର ଙ୍କ ସୌଜନ୍ୟରେ ସର୍ବତ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ତେବେ ଆଜିର ଦିନରେ ଦହି ସରବତ ବଣ୍ଟନ କରାଯାଇଥିବା ବେଳେ ଆଗାମୀ ବିଭନ୍ନ ଦିନ ମାନଙ୍କରେ ବିଭିନ୍ନ ପ୍ରକାରର (ଲେମ୍ବୁ, ସ୍କ୍ୱାସ, ଦହି, ଓଆରଏସ, ସରବତ ବଣ୍ଟନ କରାଯିବା ର ବ୍ୟବସ୍ଥା ରହିଛି ବୋଲି ସମାଜସେବୀ ସତ୍ୟଜିତ ମିଶ୍ର ଙ୍କ ଠାରୁ ଜଣାପଡ଼ିଛି ।

ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସିଦ୍ଧାର୍ଥ କର, ସତ୍ୟଜିତ କର,ବିଜୁ ବେହେରା,ଅଂଶୁମାନ କର, ଅବିନାଶ ନାଏକ, କାହ୍ନା ଗିରି ଓ ହରିହର ପ୍ରଧାନ ପ୍ରମୁଖ ଯୁବକ ମାନେ ସରବତ ବଣ୍ଟନରେ ତାଙ୍କୁ ସହଯୋଗ କରିଥିଲେ । ଆଜି ଦିନ ୧୦ ଘଟିକା ଠାରୁ ଦିନ ୨ ଘଟିକା ମଧ୍ୟ ରେ ହୋଇଥିବା ଏହି ସରବତ ବଣ୍ଟନ କାର୍ଯ୍ୟକ୍ରମରେ ପ୍ରାୟ ପାଞ୍ଚଶହ ରୁ ଉର୍ଦ୍ଧ ମହିଳା ଓ ପୁରୁଷ ମାନେ ସରବତ ପିଇଥିବାର ଦେଖାଯାଇଥିଲା। ଉକ୍ତ ସରବତ ବଣ୍ଟନ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳବାସୀ ଙ୍କ ସହିତ ବୁଦ୍ଧିଜୀବୀ ମାନେ ଯୁବ ସମାଜସେବୀ ସତ୍ୟଜିତ ମିଶ୍ର ଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ଧନ୍ୟବାଦ୍ ଜଣାଇଛନ୍ତି ।

ତେବେ ଲୋକଙ୍କ ସେବା ଉଦ୍ଦେଶ୍ୟରେ ଆଗକୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିବେ ବୋଲି ଯୁବ ସମାଜସେବୀ ସତ୍ୟଜିତ ମିଶ୍ର ସୂଚନା ପ୍ରଦାନ କରିଛନ୍ତି ।

### ହାଇକୋର୍ଟଙ୍କ ନିୟମକୁ ଅବମାନନା

# ରୁବାରମୁଣ୍ଡାରେ ନାୟାରା ପେଟ୍ରୋଲ ପମ୍ପ ନିର୍ମାଣକୁ ନେଇ ତେଜୁଛି ବିବାଦ

ଫୁଲବାଣୀ, ୨୫।୫ (ଆନିସ): ମାନ୍ୟବର ହାଇକୋର୍ଟଙ୍କ ନିୟମକୁ ଅବମାନନା କରି କାମ କରୁଛନ୍ତି ଲଳିତ କୁମାର ପାତ୍ର ନାୟରା ପେଟ୍ରୋଲ ପମ୍ପ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ରୁବାର ମୁଣ୍ଡାରେ ନୂତନ ନିର୍ମାଣ ପେଟ୍ରୋଲ ପମ୍ପ ନାୟାରାକୁ ନେଇ ଲାଗିଛି ବିବାଦ । ସେନେଇ ମାନ୍ୟବର ହାଇ କୋର୍ଟ କଟକଙ୍କ ନୋଟିସ ମଧ୍ୟ ହୋଇଛି କିନ୍ତୁ କିଏ ବା ମାନୁଛି ଏହି ନିୟମ କୁ ? ଏହି ଜମି ରେ ୩୧ ପରିବାର ଙ୍କୁ ମିଳି ଥିଲା ସିଲିଙ୍ଗି ପଟା ସେହି ପରିବାର ମଧ୍ୟ ରୁ କେତେ ଜଣଙ୍କ ଜମି ଉପରେ ଠିଆହେଇଛି ପେଟ୍ରୋଲ ପମ୍ପ କାର୍ଯ୍ୟ ଏବଂ ସିଲିଙ୍ଗି ଜମି ଫେରି ପାଇବାକୁ ଆକୁଳ ନିବେଦନ କରିଛନ୍ତି ମାନ୍ୟବର ହାଇକୋର୍ଟଙ୍କ ପାଖରେ ଏବଂ ରିପୋର୍ଟ କରିଛନ୍ତି କନ୍ଧମାଳ ଜିଲ୍ଲାପାଳ ବାଲିଗୁଡା ଉପଜିଲ୍ଲାପାଳ ବାଲିଗୁଡ଼ା ତହସିଲଦାରଙ୍କୁ ଏହି ସମ୍ପର୍କ ରେ ନୋଟିସ କରିଥିଲେ ମଧ୍ୟ କାର୍ଯ୍ୟକାରୀ ହେଉ ନାହିଁ । ଏଥିରେ ଜଣାପଡୁଛି କନ୍ଧମାଳ ପ୍ରଶାସନ ସହଯୋଗ କରୁଛନ୍ତି । ଲଳିତ ପାତ୍ରଙ୍କୁ ସରକାର ସମସ୍ତଙ୍କର କହିଲା ବେଳେ ତାହା ସମ୍ପୂର୍ଣ୍ଣ ମିଥ୍ୟା । ଧନୀକୁ ସାହାଯ୍ୟ କରୁଛନ୍ତି ଗରିବ ଲୋକ ମାନେ ସରକାର ଓ ନେତା ମନ୍ତ୍ରୀଙ୍କ ପାଖରେ ଯାଇ ପଚାରିଲେ ମଧ୍ୟ ନୀରବ ରହିବା ଦେଖିବା କୁ ମିଳୁଛି । ବାଲିଗୁଡ଼ାର ଲଳିତ କୁମାର ପାତ୍ର ଏତେ ବଡ଼ ଲୋକ ଯେ ମାନ୍ୟବର ହାଇକୋର୍ଟ ନିୟମକୁ ମଧ୍ୟ ପାଳନ କରୁନାହାନ୍ତି । ସେଥିପାଇଁ ତ ନିଜ ଇଚ୍ଛାରେ କାର୍ଯ୍ୟ କରୁଛନ୍ତି । ଗରିବ ଲୋକମାନଙ୍କର ଜମିକୁ ହାଡପ କରିନେଲା ପରେ ମଧ୍ୟ ନୀରବ ରହୁଛି କନ୍ଧମାଳ ଜିଲ୍ଲା ପ୍ରଶାସନ ।

୨୦୦୨-୨୦୦୩ ମସିହା ରେ ସିଲିଙ୍ଗି ସରପ୍ଲସ ଜମି ପାଇଥିବା ଜନସାଧାରଣ ବାରମ୍ବାର ତହସିଲଦାର ଏବଂ ଜିଲ୍ଲାପାଳଙ୍କ ଦ୍ୱାରାସ୍ଥ ହୋଇ ନିରାଶ ହେଲା ପରେ କୌଣସି ସୁଫଳ ନପାଇ ଓଡ଼ିଶାର ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରାସ୍ଥ ହୋଇଥିଲେ ମଧ୍ୟ ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଜମିରେ ସ୍ଥିତବସ୍ଥା ବଜାୟ ରଖିବା ପାଇଁ ଆଦେଶ ଦେଇଥିବା ସତ୍ତ୍ୱେ ଶ୍ରୀ ଲଳିତ କୁମାର ପାତ୍ର ଉକ୍ତ ଜମି ମଧ୍ୟରୁ କିଛି ଜମିରେ ନ୍ୟାୟରା ପେଟ୍ରୋଲ ପମ୍ପ କାମ ଜୋରସରରେ କରୁଛନ୍ତି । ଏହି ସ୍ଥିତାବସ୍ଥା ବଜାୟ ରଖିବା ଆଦେଶକୁ ନେଇ ଆବେଦନକାରୀ ମାନେ ତହସିଲଦାର ବାଲିଗୁଡ଼ା ଓ କନ୍ଧମାଳ ଜିଲ୍ଲା ପ୍ରଶାସନ ର ଦ୍ୱାରସ୍ତ ହୋଇ ନିରାଶ ହୋଇଛନ୍ତି । ତହସିଲଦାର ବାଲିଗୁଡ଼ା ଲଳିତ କୁମାର ପାତ୍ରଙ୍କୁ କହୁଛନ୍ତି ହାଇକୋର୍ଟ କିଏ ମୋର ଆଦେଶକୁ ପାଳନ କର ବାଲିଗୁଡ଼ା ତହସିଲଦାର ସିଲିଙ୍ଗି ଓଏଲ ଆର କେସ ନମ୍ବର ୧/୧୯୯୯ କେସ ରେକର୍ଡ କୁ ହଜାଇ ଦେଇ ଷଡଯନ୍ତ୍ର କରି ଫେକ ରେକର୍ଡ ତିଆରି କରି ଗରିବ ସିଲିଙ୍ଗି ଧାରୀଙ୍କ ୨୪ ବର୍ଷ ତଳେ ଜମି ପାଇଥିବା ପରିବାର ଙ୍କ ବିନାନୁମତି ରେ ଜମି ହଡ଼ପ କରି ଲଳିତ ପାତ୍ର ଙ୍କ ନାମରେ କରା ଯାଇଛି ଯାହାକି ଆଇନ ବିରୋଧ ଅଟେ ଏହା ବାଲିଗୁଡ଼ା ସହର ବାସି ନିନ୍ଦା କରିବା ସହିତ ସିବିଆଇ ତଦନ୍ତ କଲେ ପ୍ରକୃତ ଦୁର୍ନୀତି ଗ୍ରସ୍ତ ତହସିଲଦାର ରାଜସ୍ୱ ନିରୀକ୍ଷକ ଏବଂ ଉପରସ୍ତ ରାଜସ୍ୱ ଅଧିକାରୀ ମାନଙ୍କ ସତ୍ୟ ଶତ୍ୟା ଜଣାପଡ଼ିବ ଏବଂ ଗରିବ ଆଦିବାସୀ ଓ ଦଳିତ ପରିବାର ଉପକୃତ ହେବା ସହିତ ସମ୍ପୃକ୍ତ ରାଜସ୍ୱ ଅଧିକାରୀ ମାନଙ୍କ ର ଅସଲ ମୁଖା ଖୋଲିଯିବ ବୋଲି ବାଲିଗୁଡ଼ା ଅଞ୍ଚଳ ବାସି ଦାବି କରୁଛନ୍ତି ଏହିପରି ଦୁର୍ନୀତି ଗ୍ରସ୍ଥ ବାଲିଗୁଡା ତାସିଲଦାର ଙ୍କୁ ଅତିଶୀଘ୍ର ସ୍ଥାନାନ୍ତର କରାଯାଉ ନଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି ।

### ପୁଣି ସକ୍ରିୟ ମାଟି ଚୋର ଦଲାଲ

# ଭୂସମ୍ପତ୍ତି ଲୁଣ୍ଠନକାରୀଙ୍କୁ ଘାରିଛି ନିଶା

ଜଗତସିଂହପୁର, ୨୫।୫ (ଆନିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଫତେପୁରେ ଗ୍ରାମରେ ଗତ କିଛି ଦିନ ତଳେ ଜଗତସିଂହପୁର ଜିଲ୍ଲା ପ୍ରସାସନ ପକ୍ଷରୁ ଏକ ଟିମ୍ ଯେଉଁଥିରେ କି ଜିଲ୍ଲା ପାଳ ଉପଜିଲ୍ଲାପାଳ, ଏରସମା ଥାନା ଅଧିକାରୀ ଙ୍କ ସମେତ ଏକ ଟିମ୍ ରାତି ଅଧିଆ ଚଢାଉ କରି ଭୁ ସମ୍ପତ୍ତି ଲୁଣ୍ଠନ କାରୀ ମାଟି ଚୋରଙ୍କ ନିକଟରୁ ମାଟି କାଟିବା ପାଇଁ ଆଣିଥିବା ପାଞ୍ଚ ଛଅ ଟି ଜେଶିବି ମେସିନ ଶହ ଦସ୍ ବାରଟି ହଇବା ଜବତ କରିଥିବା ବେଳେ ସେତିକିରେ ଜବତ ହେଲେନି ମାଟି ଚୋର ଦଲାଲ୍ ପୁଣି ସକ୍ରିୟ ହୋଇ ଜଗତ ସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୁଣୁଖୁଆ ଗ୍ରାମ ଗାୟତ୍ରୀ ମନ୍ଦିର ନିକଟରେ ନିଧଡକ ଭାବେ ରାତି ଅଧିଆ ମାଟି କାଟି ପୁଣି ଚାଲିଛି ଭୁ ସମ୍ପତ୍ତି ଲୁଣ୍ଠନ ଏଥି ପ୍ରତି ନଜର ନାହିଁ କୁଜଙ୍ଗ ବ୍ଲକ ପ୍ରଶାସନ କିମ୍ବା କୁଜଙ୍ଗ ପୋଲିସ ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନର ଜମି ମାଲିକ ମାନେ କିଭଳି ଭୁ ସମ୍ପତ୍ତି ଲୁଣ୍ଠନ କାରୀ ଦଲାଲ୍ ମାନଙ୍କୁ କିପରି ନିଜ ଜମିକୁ ନଷ୍ଟ କରୁଛନ୍ତି ଜାହା ଫଳରେ କି



ଚାଷୀ ନିଜର ଚାଷ ଜମିକୁ ଚୋର ଙ୍କ ହାତକୁ ଟେକିଦେଇ ଭବିଷ୍ୟତ ଅନ୍ଧରୁକୁ ଟାଣୁଥିବା ବୁଦ୍ଧିଜୀବି ମହାଲ ରେ ଆଲୋଚନାର ବିଷୟ ପାଲଟିଛି ପ୍ରକୁତରେ ଜମିର ମାଲିକ ଅଛନ୍ତି ନା ଏହି ଜମି ଅନାବାଦୀ ଗୋଚର ତାହା ତଦନ୍ତ ସାପେକ୍ ଏହା ଉପରେ ତହସିଲ ଦାର ତଦନ୍ତ କରିବା ନିତ୍ୟାନ୍ତ ଆବଶ୍ୟକତା ରହିଛି ପ୍ରଶାସନ ଗୋଟିଏ ଥର ଚଢ଼ାଉ କରି ପ୍ରଶାସନ ଭାବି ନେଇଛି ସଂପୂର୍ଣ ବନ୍ଦ କରି ଦେଇଛୁ ମାଟି ଲୁଣ୍ଠନ କରୁଥିବା ଦଲାଲଙ୍କୁ . ଜେଉ ଦଲାଲ ମାନେ ମାଟି ଲୁଣ୍ଠନ କରୁଛନ୍ତି ସେମାନେ କେହି ଆରେଷ୍ଟ ହୋଇ ନ ଥିବା ବେଳେ ଏତିକିରେ ପ୍ରଶାସନ ର ବଡ ବାବୁ ମାନେ ଶୋଇ ଯାଇଛି ନିଘୋଡ଼ ନିଦରେ କୁଜଙ୍ଗ ବ୍ଲକ ଅଧୀନରେ ବହୁ ଜାଗାରେ ମାଟି ଚୋର ମାନେ ପ୍ରାୟ ସବୁଦିନ ମାଟି ଚୋରି କରି ଶହ ଶହ ଟ୍ରିପି ମାଟି ବିକ୍ରି କରି ମାଲେ ମାଲ୍ ହେଉଥିବା ବେଳେ ପ୍ରଶାସନ ଗୋଟିଏ ଜାଗାରେ ରେଡ କରି ନିଜର କାର୍ଯ୍ୟକୁ ପୁରା ମାତ୍ରାରେ ବଡ ଧରଣ ସଫଳତା ପାଇଛି ବୋଲି ଭାବୁ ଥିବା ବେଳେ ଭୁ ସମ୍ପତ୍ତି ଲୁଣ୍ଠନ କାରୀ ଦଲାଲ ବିନା ଲାଇଟିରେ ଅନ୍ଧାରି ବିଜେକରି ନିଜର କାର୍ଯ୍ୟ କରି ଚାଲିଥିବା ନଜରକୁ ଆସିଛି ଏହି ଏହି ମାଟି ଚୋର ଭୁ ସମ୍ପତ୍ତି ଲୁଣ୍ଠନ କାରୀ ଦଲାଲ ଙ୍କୁ ପୁରା ମାତ୍ରାରେ ସାବାଡ ନ କଲେ ଦଲାଲ୍ ମାନେ ନିଜର ବେବସାୟ ବଢାଇ ସାରା ଅଚଳ କୁ ଖାଲ କାରୀ କୃତ୍ରିମ ନଦି ସୃଷ୍ଟି କରିବା କୌଣସି ଅସମ୍ଭବ ନୁହେଁ ଏଇ ଭଳି ଭାବରେ ରାତି ଅଧରେ ଭୁ ସମ୍ପତ୍ତି ଲୁଣ୍ଠନ ଚାଲିଥିବା ଦେଖିବାକୁ ମିଳୁଛି କେବେ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଉଛି ତାହା ଦେଖିବାକୁ ବାକି ରହିଲା

# ପୋଲସରାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ପୋଲସରା,୨୫।୫ (ଆନିସ): ପୋଲସରା ବ୍ଲକ ପରିସରରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣି ଶିବିର ଲାଗି ବିଭିନ୍ନ ପଂଚାୟତ ରୁ ୧୦୨ଜଣ ହିତାଧିକାରୀ ସେମାନଙ୍କର ନାମ ପଞ୍ଜିକରଣ କରିଥିଲେ। ୧୭ ଜଣ ହିତାଧିକାରୀଙ୍କୁ ରେଡକ୍ରସ ତରଫରୁ ୧ଲକ୍ଷ ଟଙ୍କାର ସହାୟତା ରାଶି ଚେକ ମାଧ୍ୟମରେ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଅଭିଯୋଗ ମଧ୍ୟରେ ସ୍ଥାୟୀ ସମାଧାନ କରାଯାଇଥିଲା। ୧୪ ଜଣଙ୍କୁ ରାସନ କାର୍ଡ ୧୧ ଜଣଙ୍କୁ ପଟ୍ଟା ସହ ଟ୍ରାଇସାଇକେଲ, ହୁଇଲଚେୟାର ଆଦିପ୍ରଦାନ କରାଯାଇଥିଲା। ପୋଲସରା ସହରରେ ଥିବା ପାଣି ସମସ୍ୟା ଉପରେ ମଧ୍ୟ ଆଲୋଚନା କରି ତୁରନ୍ତ ସମାଧାନ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାଷନ, ଆଇ ଏ ଏସ ସରଣ୍ୟା ଏସ, ଉପଜିଲ୍ଲାପାଳ ଶିବାଶିଷ ବରାଳ, ପିଡି ସମୀର ଜେନା।ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ଦାସ, ବିଡ଼ିଓ ଶଶିଭୂଷଣ ମହାପାତ୍ର, ଏସଡ଼ିପିଓ ସୁଜିତ କୁମାର ନାୟକ, ଥାନାଧିକାରୀ କୌଶିକ ମାଝୀ ସମେତ ସମସ୍ତ ବିଭାଗ ର ଜିଲ୍ଲା ଅଧିକାରୀ ମାନେ ଯୋଗଦେଇଥିଲେ।

# ଡେଙ୍ଗାପଦରକୁ ରାଜସ୍ୱ ଗ୍ରାମ ଘୋଷଣା ସହିତ ବିଭିନ୍ନ କାର୍ଯ୍ୟର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ



ବୁଗୁଡ଼ା,୨୫।୫ (ଆନିସ): ବୁଗୁଡ଼ା ବ୍ଲକରେ ମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟର ମାରାଥନ ଉଦଘାଟନ ସହିତ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ବୁଗୁଡ଼ା ବ୍ଲକ କଳମ୍ବ ପଞ୍ଚାୟତର ଡେଙ୍ଗାପଦର ଗ୍ରାମକୁ ରାଜସ୍ୱ ଭାବେ ମନ୍ତ୍ରୀ ଘୋଷଣା କରିଛନ୍ତି।ପ୍ରଥମେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଅନ୍ତର୍ନିର୍ମାଣ ଯୋଜନା ଆନୁକୂଲ୍ୟରେ ବୁଗୁଡ଼ା ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ର ଉଦଘାଟନ,ପାଙ୍ଗିଡି ଗ୍ରାମ ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ଯୋଜନା ଆନୁକୂଲ୍ୟରେ କଳମ୍ବ ପାଙ୍ଗିଡି ରାସ୍ତାର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ,କଳମ୍ବ ପଞ୍ଚାୟତର ସୁନାକେରା ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ୧ ଓ ପ୍ରାଥମିକ ବିଦ୍ୟାଳୟର ଶୁଭ ଉଦଘାଟନ , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା କଳମ୍ବ ଗ୍ରାମରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦଘାଟନ,ଡେଙ୍ଗାପଦର ଗ୍ରାମ ଠାରେ ୪ ଗୋଟି ଅଙ୍ଗନବାଡ଼ି ଓ ୧୧ ଗୋଟି ପ୍ରାଥମିକ କୃଷି ସମବାୟ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷୁଦ୍ର ଓ ଅତି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ତାଙ୍କ କରକମଳରେ କରିଥିଲେ। ଦିର୍ଘ ବର୍ଷ ଧରି କଳମ୍ବ ପଞ୍ଚାୟତର ଡେଙ୍ଗାପଦର ଗ୍ରାମବାସୀ ଡେଙ୍ଗାପଦର ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପାଇଁ ବାରମ୍ବାର ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରି ଆସୁଥିଲେ ମଧ୍ୟ ତାହା ହୋଇପାରି ଆସୁନଥିଲା। ରାଜ୍ୟରେ ନୂତନ ସରକାର ଗଠନ ପରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଦେଇଥିବା ପ୍ରତିଶ୍ରୁତି ଆଜି ପାଳନ କରି ଡେଙ୍ଗାପଦର ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିଥିଲେ। ଏହାସହିତ ଗ୍ରାମର ପାନୀୟ ଜଳ,କଇଁଆ ଆଗୁଳ ବନ୍ଧ ସହିତ ଜମିକୁ ଜଳସେଚନ ଭଳି ବିଭିନ୍ନ ସମସ୍ୟା ରହିଥିବା ବେଳେ ଏହାରି ଉପରେ ଲୋକଙ୍କ ସହିତ ଆଲୋଚନା କରି ଏହାର ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମନ୍ତ୍ରୀ। ଏହାପରେ ୧୩ ଜଣଙ୍କୁ ପଟା,୧୭୩ ଜଣଙ୍କୁ ରାସନକାର୍ଡ ଓ ୬୦ ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସମସ୍ତ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ ମନ୍ତ୍ରୀ ଶ୍ରୀ ମଲ୍ଲିକ। ଏବିଡିଓ ଧର୍ମରାଜ ପରିଡ଼ା,ଏଟିଓ ସୁନନ୍ଦ ଶେଖର ସାହାଣୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଆତ୍ମା ଚେୟାରମେନ ସନ୍ତୋଷ କୁମାର ସାହୁ,ସମିତି ସଭ୍ୟ ସୁଶାନ୍ତ କୁମାର ସେଠୀ, ଯୁବନେତା କାହ୍ନୁଚରଣ ଗୌଡ, କେଦାରନାଥ ମହାରଣା, କୃଷ୍ଣ ଚନ୍ଦ୍ର ମହାପାତ୍ର, ରବିନ୍ଦ୍ର ପରିଡ଼ା, ସୁନୀଲ ପାଢ଼ୀ, କାର୍ତ୍ତିକ ମଙ୍ଗଳ, ଭଗବାନ ଜେନା, ସଞ୍ଜୟ ଜେନା, ସାନ୍ତନୁ ନାୟକ, ରବିନ୍ଦ୍ରନାଥ ପ୍ରଧାନ, ସନ୍ତୋଷ ଭୋଳ, ସୁଶାନ୍ତ ଆପଟ ଓ ବିଭିନ୍ନ ବିଭାଗର ଯନ୍ତ୍ରୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଗୁଣ୍ଠପଡା ଓ ଢଉଗାଁରେ ଜନ ଅଭିଯୋଗ ଶୁଣାଣି, ଢଉଗାଁରେ ମାଳ ମାଳ ଅଭିଯୋଗ



ଆସିକା,୨୫।୫ (ଆନିସ): ଆସିକା ବ୍ଲକ ଗୁଣ୍ଠପଡା ଓ ଧରାକୋଟ ବ୍ଲକ ଢଉଗାଁ ଗ୍ରାମ ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ଗୁଣ୍ଠପଡା ସରପଞ୍ଚ ଶୈଳବାଳା ଦଳେଇଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ରାଜେନ୍ଦ୍ର କୁମାର ନାୟକ, ପିଇଓ ଜି ଆପେନା,ଯୋଗାଣ ଅଧିକାରିଣୀ ଶର୍ମିଷ୍ଠା ଦଳ ବେହେରା, ସରପଞ୍ଚ ପ୍ରତିନିଧି ନିରାକାର ଦଳେଇ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଦରଖାସ୍ତ ଗ୍ରହଣ କରିଥିଲେ। ସେହିପରି ଧରାକୋଟ ବ୍ଲକ ଢଉଗାଁ ପଞ୍ଚାୟତରେ ସରପଞ୍ଚ ମନୁ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତହସିଲଦାର, ଅତିରିକ୍ତ ବିଡ଼ିଓ, ପିଇଓ, ସରପଞ୍ଚ ପ୍ରତିନିଧି ସଞ୍ଜୟ ପାତ୍ର ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।ରାସନ, ଭତ୍ତା, ଆବାସ ଘର ପାଇଁ ଅଧିକାଂଶ ଅଭିଯୋଗ ଦରଖାସ୍ତ ମାଧ୍ୟମରେ ଆସିଥିଲା। ଢଉଗାଁ ପଂଚାୟତରେ ଏହି ଥରକୁ ମିଶାଇ ୩ ଥର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଥିବା ବେଳେ ଜନ ଅସନ୍ତୋଷ ଦେଖିବାକୁ ମିଳିଥିଲା। ବାରମ୍ୱାର ଅଫିସକୁ ଦୌଡିବା ପରେ ବି ବାର୍ଦ୍ଧକ୍ୟ ଭତ୍ତା,ରାସନ,ଆବାସ ଗୃହ ସମସ୍ୟା ସହିତ ସାମୁହିକ ସମସ୍ୟା ଗୁଡିକ ମଧ୍ୟ ସମାଧାନ ହେଇ ପାରୁନଥିବା କହିଛନ୍ତି ସରପଞ୍ଚ ପ୍ରତିନିଧି ସଞ୍ଜୟ ଗୌଡ଼।ଆଗାମୀ ଦିନରେ ଏଥିପ୍ରତି ସରକାର ଯତ୍ନବାନ ହେବା ଜରୁରୀ ବୋଲି ଜନସାଧାରଣରେ ଅଭିଯୋଗ ହେଉଛି।

## ଗଞ୍ଜାମ କଲେଜ ଟପ୍ପର ହେଲେ ସସ୍ମିତା ବେହେରା

ଗଞ୍ଜାମ,୨୫।୫ (ଆନିସ): ଚଳିତ ବର୍ଷ ଯୁକ୍ତଦୁଇ ବିଜ୍ଞାନରେ ଗଞ୍ଜାମ ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି, ସସ୍ମିତା ବେହେରା ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦର ପୁର ଗ୍ରାମ ବାସିନ୍ଦା ଲାବଣ୍ୟ ବେହେରା ଓ ଜୟନ୍ତୀ ବେହେରାଙ୍କ ଝିଅ ସସ୍ମିତା ଚଳିତ ବର୍ଷ ଯୁକ୍ତ ଦୁଇବିଜ୍ଞାନରେ ୫୨୨ ନମ୍ବର ରଖି ଗଞ୍ଜାମ ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି । ପିଲାବେଳୁ ମେଧାବୀ ଛାତ୍ରୀ ଥିବାବେଳେ ବିଭିନ୍ନ ଶ୍ରେଣୀରେ ବୃତ୍ତି ପାଇଥିଲେ । ଏହି ସଫଳତା ପାଇଁ ଭଗବାନଙ୍କ ଆଶୀର୍ବାଦ, ପରିବାର ଲୋକ ଓ ବିଶେଷ କରି ସାଇ ଟ୍ୟୁଟୁରିୟାଲ ପ୍ରୋପାଇଟର ତଥା ଶିକ୍ଷକ ସୁନୀଲ ସାମଲ ଓ ପାଠ ପଢ଼ାଇଥିବା ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରି ମାନଙ୍କୁ ଶ୍ରେୟ ଦେଇଛନ୍ତି ଭବିଷ୍ୟତ ରେ ଶିକ୍ଷକ ହେବାର ଲକ୍ଷଥିବା କହିଛନ୍ତି । ଏହି ସଫଳତା ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଜିଲ୍ଲାର ଆଇନ ଶୃଙ୍ଖଳା ଭୁଷୁଡି ପଡିଛି - ସିପିଏମ

ବ୍ରହ୍ମପୁର,୨୫।୫ (ଆନିସ): ଗତ ଏକ ସପ୍ତାହ ମଧ୍ୟରେ ୩ ଟି ଅତି ଭୟଙ୍କର ଅପରାଧିକ ଘଟଣା ଜିଲ୍ଲାବାସୀଙ୍କ ଭିତରେ ଆତଙ୍କ ସୃଷ୍ଟି କରିଛି। ଜିଲ୍ଲାର ପ୍ରତ୍ୟେକ ସଧାରଣ ଲୋକ ସମ୍ପୂର୍ଣ୍ଣ ଅସୁରକ୍ଷିତ ମନେ କରୁଛନ୍ତି। ଆଇନ ଶୃଙ୍ଖଳା ପୋଲିସ ପରିବର୍ତ୍ତେ ଅସାମାଜିକ ବ୍ୟକ୍ତି ମାନେ ନିୟନ୍ତ୍ରଣ କରୁଥିବା ଆଶଙ୍କା ସୃଷ୍ଟି ହୋଇଛି। କାରଣ ପୋଲିସର ଇନକାଉଣ୍ଟରକୁ ମଧ୍ୟ ଗୁଣ୍ଡା ମାନେ ଭୃକ୍ଷେପ କରୁନାହାନ୍ତି। ସିପିଏମ ଏଥିରେ ଉଦବେଗ ପ୍ରକାଶ କରିବା ସହିତ ଅତିଶୀଘ୍ର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଦାବି କରାଯାଇଛି।

ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ଅପରାଧ ସଂଖ୍ୟା ସାଙ୍ଘାତିକ ଭାବରେ ବୃଦ୍ଧି ପାଇ ଚାଲିଛି।ଅପରାଧୀ ମାନେ ଶାସକ ଦଳର ବାହୁ ଛାୟାତଳେ ରହି ନିର୍ବିଘ୍ନରେ ଅପରାଧ ଘଟାଉଛନ୍ତି। ଏପରିକି ଅପରାଧୀମାନେ ଅପରାଧ ଘଟାଇବାପରେ ଖୋଲା ଖୋଲି ମନ୍ତ୍ରୀ ଓ ବିଧାୟକଙ୍କ ନାମ ନେଉଛନ୍ତି। ଅନ୍ୟପଟେ ପୋଲିସ ମଧ୍ୟ ନିଷ୍କ୍ରିୟ ରହୁଛି। ତେଣୁ ପୋଲିସ କାର୍ଯ୍ୟରେ ଶାସକ ଦଳର ହସ୍ତକ୍ଷେପ ରହୁଥିବା ସ୍ପଷ୍ଟ ସଂକେତ ମିଳୁଛି।ଫଳରେ ଅସାମାଜିକ ଗୁଣ୍ଡା ମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇବାକୁ ସାହସ ପାଉଛନ୍ତି।ସାଧାରଣ ଲୋକଙ୍କର ପୋଲିସ ଓ ପ୍ରଶାସନ ଉପରୁ ଭରସା ତୁଟି ଯାଉଛି।ଜିଲାସାରା ଏକ ଭୟ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ବ୍ୟବସାୟ ଉପରେ ଏହାର ସାଙ୍ଘାତିକ କୁପ୍ରଭାବ ପଡୁଛି। ତେଣୁ ଜିଲ୍ଲାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅତିଶୀଘ୍ର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ସହ ସାଧାରଣ ଲୋକ ମାନଙ୍କ ସୁରକ୍ଷା ପାଇଁ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପାର୍ଟି ପକ୍ଷରୁ ଦାବୀ କରାଯାଇଛି। ନଚେତ ଅଗାମିଦିନରେ ପାର୍ଟି ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ଏକ ପ୍ରେସ ବିବୃତି ରେ ପ୍ରକାଶ କରିଛନ୍ତି।

# ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ

କୁକୁଡାଖଣ୍ଡି: ରାଜ୍ୟ ସରକାର ଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ସୋମବାର ଦିନ ପ୍ରତି ପଞ୍ଚାୟତ ସ୍ତରୀୟ, ଜିଲ୍ଲା ସ୍ତରୀୟ ରେ ଦ୍ୱିତୀୟ ପର୍ଯ୍ୟାୟ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିବା ବେଳେ କୁକୁଡାଖଣ୍ଡି ବ୍ଲକ ଅଧିନସ୍ଥ ଡେଙ୍ଗାପଦର ପଞ୍ଚାୟତ ପରିସରରେ ସୋମବାର ଦିନ ସକାଳ ସମୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି।ସରପଞ୍ଚ ଲକ୍ଷ୍ମୀ ମହାକୁଡ଼ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଜନ ଅଭିଯୋଗ ଶୁଣାଣୀ ଶିବିର ରେ ବ୍ଲକ ଗୋଷ୍ଠୀ ଉନ୍ନୟନ



ଅଧିକାରୀ ପଲ୍ଲବୀ ସ୍ବାଇଁ, ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର,ଜିପିଓ ଅଶୋକ କୁମାର ପଟ୍ଟନାୟକ,ଯୋଗାଣ ଅଧିକାରୀ ସୁଧାକାର ମଲ୍ଲିକ, ସିଡ଼ିପିଓ କୁସୁମ କୁମାରୀ ସାହୁ, ଗୋଷ୍ଠୀ କୃଷି ଅଧିକାରୀ ସୁବ୍ରତ କୁମାର ବାରିକ, ପଞ୍ଚାୟତ ଅଧିକାରୀ,ସହ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପଞ୍ଚାୟତବାସୀ ଙ୍କ ଅଭିଯୋଗ କୁ ଗୁରୁତ୍ବର ଦେଇ ଅଭିଯୋଗ ଶୁଣାଣୀ କରିଥିଲେ। ଏଥିରେ ପ୍ରାୟ ତିରିଶି ରୁ ଉର୍ଦ୍ଧ୍ୱ ଅଭିଯୋଗ ଦାଖଲ ହୋଇଥିବା ବେଳେ ମୁଖ୍ୟ ସମସ୍ୟା ଭତ୍ତା ଆବାସ ଯୋଜନା ସହ ଅନ୍ୟାନ୍ୟ ସମସ୍ୟା ଉପରେ ପଞ୍ଚାୟତବାସୀ ନିଜ ନିଜ ର ଅଭିଯୋଗ ଜଣାଇଥିଲେ। ଖୁବ୍ ଶୀଘ୍ର ଅଭିଯୋଗ ଗୁଡ଼ିକ ଯାଞ୍ଚ କରାଯାଇ ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପଞ୍ଚାୟତବାସୀ ଙ୍କୁ ଆଶ୍ୱାସନା ଦିଆଗଲା। ଏପରି ଅଭିଯୋଗ ଶୁଣାଣୀକୁ ନେଇ ସରପଞ୍ଚ ଶ୍ରୀମତୀ ମହାକୁଡ଼ ଙ୍କୁ ବୁଦ୍ଧିଜୀବି ମାନେ ପ୍ରଶଂସା କରିଛନ୍ତି ।

# କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଆସିକା,୨୫।୫ (ଆନିସ): ଉତ୍ତମ ପରିବେଶ, ଶୈକ୍ଷିକ ବାତାବରଣ ଓ ଅଭିଜ୍ଞ ଶିକ୍ଷକଙ୍କୁ ନେଇ ସରସ୍ୱତୀ ଶିଶୁ ମନ୍ଦିର ଆସିକାର ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷା ଫଳ ବେଶ ଉତ୍ସାହ ଜନକ ହୋଇଥିବା ବେଳେ, ଆଜି ସ୍କୁଲ ସମ୍ମିଳନୀ କକ୍ଷରେ ଛାତ୍ରଛାତ୍ରୀ ଓ ଅବିଭାବକ ମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆସିକା ଅଞ୍ଚଳର ଏକ ନିର୍ଭରଯୋଗ୍ୟ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ମନ୍ଦିର ହୋଇଥିବା ବେଳେ ଚଳିତ ବର୍ଷର ରେଜଲ୍ଟକୁ ନେଇ ଶିକ୍ଷାବିତ ଓ ବୁଦ୍ଧିଜୀବୀ ମହଲରେ ବେଶ ପ୍ରଶଂସା କରାଯାଇଛି।ଚଳିତ ବର୍ଷ ଯୁକ୍ତଦୁଇ ବିଜ୍ଞାନରେ ପ୍ରଥମ କ୍ଲାସରେ ୭୭ଜଣ,ଦ୍ୱିତୀୟ କ୍ଲାସରେ ୨୩ଜଣ ଓ ତୃତୀୟ ସ୍ଥାନରେ ୧ଜଣ କୃତକାର୍ଯ୍ୟ ହୋଇଛନ୍ତି ।ଏହି ରେଜଲ୍ଟକୁ ନେଇ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ଉନ୍ନତି ପାଇଁ ପରାମର୍ଶ ଦେଇଥିଲେ ଅନୁଷ୍ଠାନର କର୍ମକର୍ତ୍ତା ଓ ଗୁରୁଜୀ ଗୁରୁମା।ସ୍ଥିରତା, କଠିନ ପରିଶ୍ରମ, ନିରନ୍ତର ପ୍ରଚେଷ୍ଟା ହିଁ ସଫଳତା ଆଣିଦେଇଥାଏ ବୋଲି କହିଛନ୍ତି ବ୍ଲକ ଟପ୍ପର ହୋଇଥିବା ଛାତ୍ରୀ ଜ୍ୟୋତିର୍ମୟୀ ଭଞ୍ଜ।ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଉଦ୍ୟମ ଓ ଅଧ୍ୟବସାୟ ଯୋଗୁଁ ଆଜି ଆମ ସ୍କୁଲର ଫଳାଫଳ ବହୁତ ଭଲ ହୋଇପାରିଛି ବୋଲି କହିଛନ୍ତି ଯୁକ୍ତ ଦୁଇ ବିଜ୍ଞାନ ପ୍ରିନସିପାଲ ଡକ୍ଟର ସୁରେନ୍ଦ୍ର ନାଥ ସାବତ। ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା କ୍ଷେତ୍ରରେ ଆମ ଅନୁଷ୍ଠାନ ସବୁବେଳେ ସଜାଗ ରହିଛି ବୋଲି କହିଛନ୍ତି ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ସୁନୀଲ କୁମାର ଗୌଡ଼।ନିଜ ପୁଅ ଝିଅର ସଫଳତା ଓ ସମ୍ବର୍ଦ୍ଧନା ଦେଖି ବେଶ ଗର୍ବ ଅନୁଭବ କରିଥିଲେ ଉପସ୍ଥିତ ଅଭିଭାବକ।ଏହି କାର୍ଯ୍ୟକ୍ରମରେ ସ୍କୁଲ ସଭାପତି ଡ଼ ବିନୋଦ ଚନ୍ଦ୍ର ଦାଶ,ଉପ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା,ସମ୍ପାଦକ ପ୍ରତାପ କୁମାର ମହାପାତ୍ର,କୋଷାଧ୍ୟକ୍ଷ ଦାନାପାଣି ବେହେରା,ଯୁକ୍ତ ଦୁଇ ଅଧକ୍ଷ ଡ଼ ସୁରେନ୍ଦ୍ର ନାଥ ସାବତ, ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ଗୌଡ଼,ଗୁରୁଜୀ ସୁରେନ୍ଦ୍ର କୁମାର ପାଢ଼ୀ, ପ୍ରିୟ ରଞ୍ଜନ ସାହୁ, ରାଜେଶ ଜେନା, ଅମିତ ବିକ୍ରମ ମହାପାତ୍ର, ବେବିନା ଚୌଧୁରୀ, ସୁଚେତା ପଣ୍ଡା, ସୌମ୍ୟା ରାଣୀ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।ଆଜିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କ୍ରୀଡା ଶିକ୍ଷକ ସ୍ବଦେଶ ଦଳେଇ।

# କମଳବନରେ ବାଲ ସଂସ୍କାର ଯୋଗ ଶିକ୍ଷା ଶିବିର ଅନୁଷ୍ଠିତ





ଘୁ.ଉଦୟଗିରି,୨୫।୫ (ଆନିସ): ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ କତିଙ୍ଗିଆ କମଳବନ ଆଶ୍ରମରେ ଅମୃତ ପରିବାର ତରଫରୁ ଅମୃତ ପରିବାରର ପ୍ରତିଷ୍ଠାତା ଶ୍ରୀ ସୁଦୟ ଆବାଙ୍କ ତତ୍ତ୍ୱାଧାନରେ ୨୩ ରୁ ୩୦ ପର୍ଯ୍ୟନ୍ତ ୮ ଦିନ ବ୍ୟାପି ହେବାକୁ ଯାଉଥିବା ''ବାଲ ସଂସ୍କାର ଯୋଗ ଶିକ୍ଷା ଶିବିର'' ଗମ୍ଭୀର ଓ ଆଧାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୨୦୦୫ ମସିହାରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ସଫଳତାର ସହିତ ଏକ ଗୁରୁ ଦାୟିତ୍ୱ ସମ୍ପାଦନ କରି ଆସୁଛି ଏହି ଶିବିରରେ ବିଭିନ୍ନ ଅଂଚଳରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ଯୋଗ,ପ୍ରାଣାୟାମ,ନୈତିକ ଶିକ୍ଷା ଓ ଭାରତୀୟ ସଂସ୍କୃତି ସମ୍ପର୍କିତ ଶିକ୍ଷା ଗ୍ରହଣ କରିବାର ଯୋଜନା ରହିଛି ।ଶିବିରରେ ଅନେକ ବିଜ୍ଞ ଓ ବିଦ୍ୱାନ ଅଂଶ ଗ୍ରହଣ କରି ଶିଶୁମାନଙ୍କ ମଧ୍ୟରେ ନୈତିକତା,ଶୃଙ୍ଖଳା ଓ ଆତ୍ମବିଶ୍ୱାସ ଗଠନ ପାଇଁ ଯୋଗ ଓ ସଂସ୍କାର ଶିକ୍ଷା ଭିତିକ ଅତ୍ୟନ୍ତ ଆବଶ୍ୟକ ପ୍ରଶିକ୍ଷଣ ଦ୍ୱାରା ଶିଶୁମାନଙ୍କ ମାନସିକ ସ୍ଥିରତା,ଶାରୀରିକ ସୁସ୍ଥତା ଓ ଆଧାତ୍ମିକ ଚେତନାର ବିକାଶ ଘଟାଇ ବାରେ ସହାୟକ ହେବେ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି ।ଶିବିରରେ ଯୋଗ ଗୁରୁମାନେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଉପରେ ଶିକ୍ଷା ଦେବାର ବ୍ୟବସ୍ଥା ମଧ୍ୟ ରହିଛି । ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରୁଛନ୍ତି।ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଏପରି ଶିବିର ଆୟୋଜନକୁ ସ୍ୱାଗତ କରି ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ କରିଥିଲେ। ଶିଷ୍ୟ ପ୍ରମୁଖ ଶ୍ରୀ ପ୍ରଜ୍ଞା ରଞ୍ଜନ ଓ ଅମୃତ ପରିବାରର ପ୍ରମୁଖ ଶ୍ରୀ ପ୍ରଫୁଲ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଗୌର ଚନ୍ଦ୍ର ପ୍ରଧାନ ଶିବିରରେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରୁଛନ୍ତି ।

# ରଟିଙ୍ଗିଆ ପଞ୍ଚାୟତରେ କୁଇ ସମାଜ ସମ୍ମିଳନୀ ଅନୁଷ୍ଠିତ





ଘୁ.ଉଦୟଗିରି -୨୫।୦୫। (ଆନିସ): ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ରଟିଙ୍ଗିଆ ପଞ୍ଚାୟତରେ କୁଇ ସମାଜ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆଦିବାସୀଙ୍କ ଭାଷା,ସଂସ୍କୃତି,ପରମ୍ପରା, ଐତିହ୍ୟ,ଲୋକକଳାକୁ ବଞ୍ଚାଇବା ସହ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରିବା ପାଇଁ କୁଇ ସମାଜ ଉପ ଶାଖା ପକ୍ଷରୁ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା। ଆଦିବାସୀ କୁଇ କନ୍ଧ ସମ୍ପ୍ରଦାୟର ଶତାଧିକ ସଂଖ୍ୟାରେ ମେଳି ହୋଇ ପ୍ରକୃତି ପୂଜା,ଗ୍ରାମ ଦେବୀ ପୂଜା କରିବା ପାଇଁ କୌଣସି ଧର୍ମଗତ,ରାଜନୈତିକ ଓ ଲିଙ୍ଗଗତ ଭେଦଭାବ ନରଖି ନିଜ ଜାତି,ଭାଷା,ସଂସ୍କୃତି ପରମ୍ପରା ଐତିହ୍ୟ ଓ ଲୋକକଳାକୁ ବଞ୍ଚାଇବା ପାଇଁ ଏକାଠି ହୋଇଥିଲେ ।କାର୍ଯ୍ୟକ୍ରମଟି କୁଇ ପରମ୍ପରା ଅନୁଯାୟୀ ପ୍ରକୃତି ଓ ଧରଣୀ ପେନୁ ପୂଜା କରି ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଦିବାସୀ ମହାସଂଘ,ଓଡ଼ିଶାର କନ୍ଧମାଳ ଶାଖାର ସଭାପତି ମନୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ନିଖିଳ ଉତ୍କଳ କୁଇ ସମାଜ ୟୁନିଅନ ସଦସ୍ୟ ଉଦେସନ ପ୍ରଧାନ, ସନାତନ ମାଝି, ପୂର୍ବତନ ଉପ ସଭାପତି ସୁଭାଷ ଚନ୍ଦ୍ର ପ୍ରଧାନ, ବିଧୁଭୁଷଣ ପ୍ରଧାନ,ମୁଖ୍ୟ ବକ୍ତା ଭାବେ ଦଶପଲ୍ଲା କୁଇ ସମାଜ ସଭାପତି ଶ୍ରୀନିବାସ ଜାନୀ,କମିଟିର ସଭାପତି ସିଦ୍ଧାନ୍ତ ରଞ୍ଜନ ପ୍ରଧାନ, ସମ୍ପାଦକ ପ୍ରେମ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଯୁକ୍ତ ଦୁଇ କଳା ବିଭାଗରେ ବ୍ଲକ ଟପ୍ପର ହୋଇଥିବା ଅମ୍ବିକା ପ୍ରଧାନ,ପଞ୍ଚାୟତ ସ୍ତରରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ହରିପ୍ରିୟା ପ୍ରଧାନ,ସୋନାଲି ମଲ୍ଲିକ ଏବଂ କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ସିପ୍ରାମୟୀ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। କୁଇ ପରମ୍ପରା ଗୀତ ନୃତ୍ୟରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।ଏଥି ସହିତ କୁଇ ସମାଜ ଉପ ଶାଖା କମିଟିର ସମସ୍ତ ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧନା କରି ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ହୃଷିକେଶ ପ୍ରଧାନ ଅତିଥିଙ୍କୁ ସ୍ବାଗତ କରିଥିବାବେଳେ ଉମେଶ ଚନ୍ଦ୍ର ପ୍ରଧାନ,ବିକି ପ୍ରଧାନ,ଆନନ୍ଦେଶ୍ୱର ପ୍ରଧାନ, ବ୍ଲେସି ପ୍ରଧାନ,କେଶବ ପ୍ରଧାନ,ଉଦ୍ଧବ ପ୍ରଧାନ, ସୁଜଗାନନ୍ଦ ପ୍ରଧାନ,ବିରାଜ ପ୍ରଧାନ,ରଞ୍ଜିତ ପ୍ରଧାନ, ଫିରୋଜ ପ୍ରଧାନ, ମଳୟକାନ୍ତ ପ୍ରଧାନ, ରାଜଶ୍ରୀ ପ୍ରଧାନ, ଅନୁପମା ପ୍ରଧାନ,ଜିନତମା ପ୍ରଧାନ,କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ କାର୍ଯ୍ୟକାରୀ କମିଟି ସଦସ୍ୟ ସହଯୋଗ କରିଥିଲେ ।

# ପ୍ରଧାନ ଶିକ୍ଷକ ନିଲମ୍ବନ ମାମଲା: ମନ୍ଥର ଗତିରେ ତଦନ୍ତ



ଆସିକା,୨୫।୫ (ଆନିସ): କାର୍ଯ୍ୟରେ ଅନିୟମିତତା ନେଇ କିଛିଦିନ ତଳେ ନଣ୍ଡାକୁଆଳି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ସୁମନ ବାଡ଼ତ୍ୟାଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ନଣ୍ଡାକୁଆଳି ସ୍କୁଲରୁ ବଦଳି କରାଯାଇ କେଶପୁର ୟୁପି ସ୍କୁଲରେ ନିଯୁକ୍ତି ମିଳିବା ସହିତ ଦରମାର ୫୦% ବନ୍ଦ କରାଯାଇଥିବା ନେଇ ଏକ ଚିଠି କରାଯାଇଥିଲା।କିନ୍ତୁ ଶିକ୍ଷା ବିଭାଗୀୟ ଅଧିକାରୀ ମାନଙ୍କ ଶିଥିଳତା କାରଣରୁ ଦୋଷୀ ନିଜକୁ ନିର୍ଦୋଷ ପ୍ରମାଣିତ କରିବା ପାଇଁ ବହୁତ ସମୟ ପାଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ନିଲମ୍ବନର ଦୀର୍ଘଦିନ ବ୍ୟବଧାନ ପରେ ବିଭାଗ ପକ୍ଷରୁ ସମ୍ପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯିବ କହି ଏକ ଚିଠି କରାଯାଇଛି। ଏ ସବୁ ଭିତରେ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି କି ସମ୍ପୃକ୍ତ ଶିକ୍ଷକ ନିଜ ଦୋଷ ଦୁର୍ବଳତା ଲୁଚାଇବା ପାଇଁ ପର୍ଯ୍ୟାପ୍ତ ସମୟ ପାଇବା ସହିତ କାଗଜ ପତ୍ର ସଜାଡ଼ିବାରେ ସକ୍ଷମ ହୋଇଯିବେନି ତା ଦୋଷ କରି ଶେଷରେ ନିର୍ଦୋଷୀ ହୋଇଯିବେନି ତ। ଏହା ଯଦି ପ୍ରମାଣିତ ହୁଏ ତାହେଲେ ଶିକ୍ଷା ବିଭାଗରେ ଆହୁରି ଦୁର୍ନୀତି ବଢ଼ିବାର ସମ୍ଭାବନାକୁ ଏଡାଇ ଦିଆ ନ ଯାଇ ପାରେ।ଏ ସମ୍ପର୍କରେ ଆମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତିଙ୍କ ସହିତ ଯୋଗାଯୋଗ କରି ଜାଣିବାକୁ ପାଇଲୁ କି ୨୦୧୯ ମସିହାରୁ ଏଯାବତ ବହୁ ଆବଶକୀୟ ନଥିପତ୍ର ସମ୍ପୃକ୍ତ ଶିକ୍ଷକଙ୍କ ପାଖରୁ ହସ୍ତଗତ ହୋଇପାରିନାହିଁ। ଏ ସବୁ ଗୁରୁତ୍ୱ ପୂର୍ଣ୍ଣ ନଥିପତ୍ର ଏବେ କେଉଁଠି ତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ଷ ବର୍ଷ ଧରି ପିଲାଙ୍କ ମଧ୍ୟାହ୍ନ ଭୋଜନ ହଡପ, ଡ୍ରେସ ଓ ଜୋତା ହଡପ, ସ୍କୁଲ ଉନ୍ନୟନ ପାଇଁ ବିଭିନ୍ନ ପାଣ୍ଠି ସାଙ୍ଗକୁ ଅନ୍ୟାନ୍ୟ ବିଲ ଗୁଡିକରେ ବ୍ୟାପକ ଅନିୟମିତତା ହୋଇଥିବା ସ୍ୱତ୍ତ୍ୱେ କାହିଁକି ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ପ୍ରତି ଗୋଷ୍ଠି ଶିକ୍ଷା ଅଧିକାରୀ କୋହଳ ମନୋଭାବ ଦେଖାଉଛନ୍ତି ଏ ନେଇ ଶିକ୍ଷବିତ ମହଲରେ ଭିନ୍ନ ଆଲୋଚନା ହେବାରେ ଲାଗିଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍କୁଲ ପରିଦର୍ଶନ କରିବା ପାଇଁ ଗଲେ ପରିଦର୍ଶକ ରେଜିଷ୍ଟର ବୁକରେ ସମ୍ପୃକ୍ତ ସ୍କୁଲର ଭଲମନ୍ଦ ଯାହା ଦେଖିଲେ ଓ ଅନୁଭବ କଲେ ଲେଖିକି ଦସ୍ତଖତ କରିବା ନିୟମ ଥିଲାବେଳେ କାହିଁକି ନଣ୍ଡାକୁଆଳି ସ୍କୁଲ ପରିଦର୍ଶନ ଖାତାରେ ନିଜର ପରିଦର୍ଶନ ଅନୁଭୂତି ଲେଖି ନଥିଲେ ବୋଲି ଆମେ ପ୍ରଶ୍ନ କରିବାରୁ ଏହାକୁ ଏଡାଇ ଯାଇ କହିଥିଲେ ମୁଁ ଅଫିସ ଆସିଲି। ପରେ ଅନିୟମିତତାକୁ ନେଇ କାରଣ ଦର୍ଶାଅ ନୋଟିସ ମାଗିଥିଲି। ଏ ମାମଲାରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ସମସ୍ତ କାରନାମାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ନିଶ୍ଚିତ କଠୋର ଦଣ୍ଡ ବିଧାନ କରାଯିବ ବୋଲି କହିଛନ୍ତି ବିଇଓ। ବହୁ ଗୁରୁତ୍ୱ ପୂର୍ଣ୍ଣ ନଥିପତ୍ର ବର୍ତ୍ତମାନ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇନଥିବା ବେଳେ ନିଲମ୍ବିତ ପ୍ରଧାନ ଶିକ୍ଷକ ସୁମନ ବାଡ଼ତ୍ୟାଙ୍କ ପାଇଁ ଗଳା ବାଟ ବାହାର କରାଯାଉନି ତ ବୋଲି ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି କି ଦାୟିତ୍ୱ ହସ୍ତାନ୍ତର ପୂର୍ବରୁ କେବଳ ଫେବୃଆରୀ ମାସ ପର୍ଯ୍ୟନ୍ତ ହିଁ ଏମ ଡ଼ି ଏମ୍? ବିଲ ପୈଠ କରିଛନ୍ତି ପୂର୍ବତନ ପ୍ରଧାନ ଶିକ୍ଷକ ସୁମନ ବାଡ଼ତ୍ୟା। ପରବର୍ତ୍ତୀ ସମୟରେ ମାର୍ଚ୍ଚ ମାସ ଓ ଏପ୍ରିଲ ମାସର ୧୦ତାରିଖ ପର୍ଯ୍ୟନ୍ତ ବିଲ ପୈଠ ହୋଇନଥିବା ନେଇ ଆଲୋଚନା ଜୋର ଧରିଛି। ଏହି ୪୦ଦିନର ବିଲ କରିବ କିଏ। କେମିତି ହେବ ଏହାର ସମାଧାନ ଯାକୁ ନେଇ ଅଧିକାରୀ ଓ ସମ୍ପୃକ୍ତ ଶିକ୍ଷକ ମଧ୍ୟରେ ମଧୁ ଚନ୍ଦ୍ରିକା ହୋଇନି ତ। ବାଘର ଭୟ ବାଘକୁ ଓ ଫାଗର ଭୟ ଫାଗକୁ ନ୍ୟାୟରେ ପରସ୍ପରକୁ ସାହାଯ୍ୟ କରିବାକୁ ଲାଗି ପଡିଛନ୍ତି କି ବିଭାଗୀୟ ଅଧିକାରୀ ଓ ଶିକ୍ଷକ। ନଥିପତ୍ର ଏବେ କେଉଁଠି!ସ୍କୁଲରେ ତ ନାହିଁ ଅଛି କେଉଁଠି!ଶୂନ୍ୟରେ ନା ସମ୍ପୃକ୍ତ ନିଲମ୍ବିତ ପ୍ରଧାନ ଶିକ୍ଷକଙ୍କ ଘରେ। ୬ବର୍ଷର କାମକୁ ୬ଦିନରେ ସାରି ଦୋଷମୁକ୍ତ ହୋଇଯିବେନି ତ ପିଲାଙ୍କ ପେଟ କାଟି ନିଜର ପେଟ ଭରୁଥିବା ଲୋଭୀ ଶିକ୍ଷକ। ମୋର ଡର କାହାକୁ ଭୟ କାହାକୁ ତୁ ଗୁହାରୀ କହିବୁ ଯାହାକୁ ମୁଁ ଘଇତା କରିଛି ତାହାକୁ!ଏହି ନ୍ୟାୟରେ ନୀରବ ଓ ନିଶ୍ଚଳ ରହି ନିଜ ଦୋଷକୁ ଲୁଚାଇବା ପାଇଁ ଲାଗିପଡିଛନ୍ତି ସମ୍ପୃକ୍ତ ଶିକ୍ଷକ।ଏବେ ଚର୍ଚ୍ଚା ଜୋର ଧରିଛି କି କାଳେ ସମ୍ପୃକ୍ତ ଶିକ୍ଷକଙ୍କୁ କୁଆଡେ ଖୁବଶୀଘ୍ର ପୁଣି କାର୍ଯ୍ୟରେ ପୁନଃ ଅବସ୍ଥାପିତ କରାଇ ନିଜ ଗାଁ ପାଖରେ ଥିବା ତଥା ନିଜକୁ ସୁବିଧା ହେଲା ଭଳି ସ୍କୁଲରେ ନିଯୁକ୍ତି ମିଳିବ। ପୁଣି ଥରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେଇ ଆରମ୍ଭ କରିବେ ନି ତ ହରିଲୁଟ। ଏ ବିଷୟକୁ ଜିଲ୍ଲା ଶିକ୍ଷା ବିଭାଗ ବାରମ୍ବାର ସୃଷ୍ଟି ନିକ୍ଷେପ କରିବା ସହିତ ସଠିକ ତଦନ୍ତ କରିବାର ଆବଶକ୍ୟତା ରହିଛି।ସ୍ଥାନୀୟ ବିଇଓ ଜଣେ ଦକ୍ଷ ଅଧିକାରୀ ହୋଇଥିବା ସ୍ଥଳେ ସମ୍ପୃକ୍ତ ମାମଲାରେ ଟିକେ କୋହଳ ନୀତି ଆପଣା ଉଥିବା ନେଇ ଚର୍ଚ୍ଚା ଜୋର ଧରିଛି।ଏବେ ଅପେକ୍ଷା କେବେ ନିଆଯାଉଛି ବିହିତ କାର୍ଯ୍ୟାନୁଷ୍ଠାନ। ନା ବିଭାଗୀୟ ଛତ୍ରଛାୟା ତଳେ ଲୁଚି ଯାଉଛି ଏ ଆର୍ଥିକ ଅନିୟମିତତା ଫାଇଲ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ସୁସ୍ଥ ମାନସିକତା

ସମାଜରେ ରହୁଥିବାରୁ ମଣିଷକୁ କୁହାଯାଏ ସାମାଜିକ ପ୍ରାଣୀ। ସମାଜ ଓ ମଣିଷ ଜଣେ ଅନ୍ୟ ଜଣର ପରିପୂରକ। ଜଣକ ବିନା ଅନ୍ୟ ଜଣର ସ୍ଥିତିକୁ ପରିକଳ୍ପନା କରିହୁଏନା। ଜଣକ ବିନା ଅନ୍ୟ ଜଣେ ଯେମିତି ଅଧୁରା। ବ୍ୟକ୍ତି ବିନା ସମାଜର ସ୍ଥିତି ନାହିଁ ଆଉ ସମାଜ ବିନା ମଣିଷର ଗତି ନାହିଁ। ତେବେ ସମାଜ ଭିତରେ ମଣିଷ ରହୁଥିବାରୁ ସାମାଜିକ ଶୃଙ୍ଖଳା ଭିତରେ ରହିବାକୁ ପଡେ ଶାନ୍ତି ପୂର୍ଣ୍ଣ ସହାବସ୍ଥାନରେ ନିତି ନିୟମ, ବନ୍ଧନ କୁ ମାନି ସମ୍ପର୍କ ଗଢିବାରେ ଆବଶ୍ୟକତା ହୋଇଥାଏ। ବୁଦ୍ଧି ବିବେକ ସହ କାର୍ଯ୍ୟ କରିବାରେ ଦରକାର ପଡେ।

କେଉଁ କାର୍ଯ୍ୟ ଭଲ କେଉଁଟି ମନ୍ଦ କେଉଁଟି ସମାଜ ପାଇଁ ହିତକର ତାହା ମଣିଷ ସ୍ଥିର କରେ। ମଣିଷ ଉଚ୍ଛୃଙ୍ଖଳ ହେଲେ ସମାଜରେ ଘଟିଯାଏ ଅନେକ ଘଟଣା। ବିପର୍ଯ୍ୟସ୍ତ ହୋଇପଡେ ଆଇନ କାନୁନ, ବିପନ୍ନ ହୋଇପଡେ ଜନଜୀବନ, ଶାନ୍ତି ବ୍ୟାଘାତ ହୁଏ। ମନ ସୁସ୍ଥ ଥିଲେ ଶରୀର ବି ସୁସ୍ଥ ରହେ। ମଣିଷ ସୁସ୍ଥ ରହିଲେ ମନ ପ୍ରଫୁଲ୍ଲ ରହେ। କାର୍ଯ୍ୟ କରିବା ପାଇଁ ମନରେ ସାହସ ବଢେ। ପ୍ରତିଦିନ ସୁସ୍ଥ ଓ ସୁଖରେ ରହିବା ପାଇଁ ମଣିଷ ପ୍ରଭାତରେ ଖୋଲା ସ୍ଥାନ ବା ପାର୍କ କୁ ଯାଏ, ପାଦ ଚଲା ରାସ୍ତାରେ ଚାଲେ, ବ୍ୟାୟାମ କରେ, ଯୋଗ, ପ୍ରାଣାୟାମ କରେ, ଶରୀରକୁ ସୁସ୍ଥ ରଖିବା ପାଇଁ ରୋଗ ମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାର ଫଳରସ ପିଏ। ଯା ଦ୍ୱାରା ଶରୀରରେ ଶକ୍ତି ମିଳେ, ଫୁର୍ତ୍ତି ଲାଗେ ମନ, କାର୍ଯ୍ୟ କରିବାର କ୍ଷମତା ବଢେ। ମନ, ମସ୍ତିଷ୍କ, ଶରୀର ତିନୋଟି ସୁସ୍ଥ ରହିଲେ ମଣିଷ ସୁଖ କୁ କିଣି ସୁଖରେ ରୁହେ। ଯଦି କାହା ଜୀବନରେ ରୋଗ, ଶୋକ ଦୁଃଖ ପାଖ ଛାଡେନା ସେ ମଣିଷ ଟିକିଏ ଖୋଲା ହସ ହସି ପାରେନା। ଆମେ ଜାଣୁ ଯେ ଭଲ ନିଦ୍ରା ମଣିଷକୁ ରୋଗ ମୁକ୍ତ ହେବାରେ ସହାୟକ ହୁଏ। ଆମର ଆହାର, ବିହାର, ଚାଲି ଚଳନ, କଥାବାର୍ତ୍ତା କ୍ରିୟା କର୍ମ ପ୍ରତ୍ୟେକ ବ୍ୟକ୍ତିର ଚରିତ୍ର ରେ ପ୍ରଭାବ ପକାଏ। ମଣିଷ ପାଖରେ ଯେତେ ଜ୍ଞାନ ଥାଉନା କାହିଁକି ଗର୍ବ ଅହଙ୍କାର ତାକୁ ନିଆଁ ପରି ଗ୍ରାସିଦିଏ। ଅଶାନ୍ତିର ବାତାବରଣ ଅନ୍ୟ ପାଇଁ ଛିଡା କରେ ତାର ମୁଁ ର ନିଆଁ ରେ ହିତାହିତ ଜ୍ଞାନ ଭୁଲିଯାଏ। କାହା ମନରେ ତା ପାଇଁ କଷ୍ଟ ହେଉଛି କି ବୋଲି ସେ ଭାବି ନ ଥାଏ। ସୁତରାଂ ଜୀବନରେ ସଫଳତା ପାଇବାକୁ ହେଲେ ଅନେକ କୁକର୍ମ କୁ ପରିତ୍ୟାଗ କରି ନମ୍ରତା ସାଧୁତା ସଚୋଟତା, କର୍ତ୍ତବ୍ୟ ନିଷ୍ଠତା ଉପରେ ଧ୍ୟାନ ଦେବାକୁ ହୁଏ। ନିଜକୁ ସବୁ ପରିସ୍ଥିତି ସହିତ ଖାପ ଖୁଆଇ ଚାଲିବାକୁ ହୁଏ। ଉତ୍ତମ ବୁଝାମଣା ହିଁ କୌଣସି ସମ୍ପର୍କ କୁ ସୁଦୃଢ କରି ରଖେ। ଉଦାହରଣ ଟିଏ ଦେଇ କୁହା ଯାଇପାରେ ଯେ ଜଣେ ବୃଦ୍ଧ ଥିଲେ, ପେଶାରେ ଦୁଗ୍ଧ ଚାଷୀ. ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଥିଲେ, ପତ୍ନୀ ଆରପାରିକୁ ଚାଲି ଯାଇଥିଲେ। ବୃଦ୍ଧ ଜଣକ କ୍ଷୀର ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ।

ଝିଅଟିର ବିବାହ ପ୍ରାପ୍ତ ବୟସରେ ହାତକୁ ଦୁଇ ହାତ କରିଦେଲେ ବୃଦ୍ଧ। କିଛି ବର୍ଷ ପରେ ବୃଦ୍ଧ ଜଣକ ରୋଗାକ୍ରାନ୍ତ ହୋଇ ଶଯ୍ୟାଶାୟୀ ହେଲେ। ପିଲାମାନଙ୍କୁ ତାଙ୍କର ସମ୍ପତ୍ତି ବିଷୟରେ କହିଦେବାକୁ ଚାହିଁଲେ। ତାଙ୍କ ପରେ ସେ କିଣିଥିବା ୧୯ ଟି ଗାଈ କୁ ବାଣ୍ଟି ନେବାକୁ କହିଥିଲେ। ବଡପୁଅ ନେବ ୧୯ ଟି ରୁ ଅଧେ, ସାନପୁଅ ବଳକା ଗାଈରୁ ଅଧେ ଆଉ ଯାହା ରହିବ ଝିଅ ନେବ। ଦିନେ ବୃଦ୍ଧ ଜଣକ ହୃଦଘାତ ରେ ଚାଲିଗଲେ। ତାଙ୍କର ଶୁଦ୍ଧିକ୍ରିୟା ହେଲାପରେ ପୁଅ ଝିଅ, ବାପା କହିଥିବା ଭାଗ ବଣ୍ଟା କୁ ସ୍ଥିର କରିବାକୁ ଚାହିଁଲେ ହେଲେ ଅଡୁଆ ଧରିଲା ଭାଗ ବଣ୍ଟାରେ। ତେଣୁ ସେ ଗାଁ ମୁଖିଆ କାନରେ ପକାଇଲେ ଏ କଥାର ସମାଧାନ କରିବାକୁ। ଗାଁ ମୁଖିଆ ସମାଧାନ କରିବାକୁ ଆସିଲା ବେଳେ ସାଙ୍ଗରେ ନିଜର ଗାଈ କୁ ନେଇକି ଆସିଲେ। ବୃଦ୍ଧ ବାପା ଯାହା କହିଥିଲେ ପ୍ରଥମେ ଶୁଣିଲେ ତାପରେ ୧୯ ଟି ଗାଈ ସହିତ ମୁଖିଆଙ୍କର ଗାଈ ମିଶାଇ ୨୦ ଟି କଲେ। ଏଥର ଭାଗ ବାଣ୍ଟିଲେ ବଡପୁଅ ନେଲା ଅଧା ମାନେ ୧୦ ଟି ସାନପୁଅ ତାର ଅଧା ମାନେ ୫ ଟି, ଝିଅ ବଳକା ନେଲା ମାନେ ୪ ଟି ହେଲା ୧୯ ମୁଖିଆ ତାଙ୍କ ଗାଇଟିକୁ ଫେରାଇ ନେଇଗଲେ। କହିବାର କଥା ହେଉଛି ଅଯଥା କଳହ ନ କରି ପରସ୍ପରର ବୁଝାମଣା ଭିତରେ ଖୁସିରେ ରହିଲେ, ଯଦି କଳି ତକରାଳ ହୋଇଥାନ୍ତା ସମାଧାନ ର ପନ୍ଥା ବାହାରି ନ ଥାନ୍ତା।

ସର୍ବଦା ନିଦ ଓ ନିନ୍ଦା କୁ ଯିଏ ଜିତିଯାଏ ସେ ମଣିଷ ସର୍ବଦା ସୁଖରେ ରୁହେ। ଜୀବନ ଓ ସମୟ ଆମର ଶ୍ରେଷ୍ଠ ଗୁରୁ। ଜୀବନ ଆମକୁ ସମୟକୁ ଉପଯୋଗ କରିବା ଶିଖାଏ ଏବଂ ସମୟ ଆମକୁ ଜୀବନର ମୂଲ୍ୟ ବତାଏ। ତେଣୁ ସୁଖ ଦୁଃଖର ଦୋ ଛକି ରାସ୍ତାରେ ସବୁବେଳେ ସନ୍ତୁଳନ ରକ୍ଷା କରିବା ଦରକାର। ସୁଖ ବେଳେ ଅତ୍ୟନ୍ତ ଖୁସି ଓ ଦୁଃଖ ବେଳେ କାତର ହେବା ଅନୁଚିତ। ସମାଜର ସବୁଠାରୁ ଶ୍ରେଷ୍ଠ ପ୍ରାଣୀ ହେଉଛି ମଣିଷ। ପ୍ରତିଦିନ ଅନେକ ମଣିଷ ଆମ ସଂସ୍ପର୍ଶରେ ଆସନ୍ତି ହେଲେ କାହାକୁ କେବେ ଛୋଟ ଭାବି ତା ମନରେ ଦୁଃଖ ଦୋନାହିଁ କାରଣ ୫ ଟଙ୍କାର କଲମ ଟିଏ ମଧ୍ୟ ୫ କୋଟି ଟଙ୍କାର ଚେକ ଲେଖିବାକୁ କାମରେ ଆସେ। ଜୀବନରେ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ ଦ୍ୱାରା ମିଳେ କାରଣ ଡ଼ାଳ କାଟିଦେଲେ ଗଛ ମରେନାହିଁ ବରଂ ମୂଳ କାଟିଲେ ହିଁ ଶୁଖିଥାଏ। ପରିଶ୍ରମ, ନିଷ୍ଠା ରେ ଗଛର ମୂଳ ପରି ମଜବୁତ ହେବା ଦରକାର।

କାହାର ପ୍ରଶଂସା ଦେଖି ଇର୍ଷା କରି ସମାଲୋଚନା କରିବା ଠାରୁ ନିଜେ କିପରି ସେହି ସଫଳତା ପାଇବେ ସେଥିପ୍ରତି ଯତ୍ନବାନ ହେବା ଦରକାର। ଜଣକୁ ସମାଲୋଚନା କରି ତା ବିରୁଦ୍ଧରେ କିଛି କହିବା ପୂର୍ବରୁ ନିଜର ସଚୋଟତା ଉପରେ ଭରସା ରଖିବା ଦରକାର। ମଣିଷ ନିଜର କର୍ମ ପାଇଁ ନୁହେଁ ବରଂ ନିଜର ଛୋଟ ଭାବନା, ଭୁଲ ବ୍ୟବହାର ପାଇଁ ହାରିଯାଏ। ସୁସ୍ଥ ଶରୀର ପାଇଁ ଯେପରି ସୁସ୍ଥ ପରିବେଶ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଏ ସେହିପରି ମନକୁ ସୁସ୍ଥ ରଖିବା ପାଇଁ ଯୋଗ ପ୍ରାଣାୟାମ, ସତସଙ୍ଗ, ଭଜନ, କୀର୍ତ୍ତନ, ଆଧ୍ୟାତ୍ମିକ ଆଲୋଚନା ରେ ଭାଗ ନେଇ ସମୟର ସଦୁପଯୋଗ କରିବା ଦରକାର। ଅଯଥା ଗପପେଡି ନ ଖୋଲି ପୁସ୍ତକ ଅଧ୍ୟୟନ,ଲେଖା ଲେଖି କିଛି ନ ହେଲେ ନୀରବତା ଅବଲମ୍ବନ କରିବା ଉଚିତ। ଗୁରୁଜନ ଙ୍କ କଥା ସଦା ମାନିବା ଦରକାର। ଖୁସି ରହିବା ପାଇଁ କାହାର ଜୀବନ ଅନିଷ୍ଟ କରନ୍ତୁ ନାହିଁ। ସେ ବଡ଼ ହୋଇଗଲା, ତାର ବଙ୍ଗଳା, ଗାଡି ହୋଇଗଲା ମୋର ନାହିଁ ଏହି ଭାବନା ମନରୁ ପରିହାର କରିବା ଉଚିତ। ଇର୍ଷା ମଣିଷକୁ ବିପଦରେ ପକାଏ। ଜଣକର ସଫଳତା ଦେଖି ଇର୍ଷା କରନ୍ତୁନି ଜିଦ କଲେ ବରଂ ସଫଳତା ମିଳିପାରେ। ସଫଳତା ପାଇବା ପାଇଁ ଆହାର, ନିଦ୍ରା, ମୈଥୁନ, କାମନା ସବୁକୁ ପରିତ୍ୟାଗ କରି ସଂଯମତା ଅବଲମ୍ବନ କରନ୍ତୁ। କ୍ରୋଧ ସମୟରେ ପାଣି ପିଇ ଶାନ୍ତ କରନ୍ତୁ ମନକୁ କାରଣ ତୁଣୀର ରୁ ଶର, ଜିହ୍ୱା ରୁ ଶବ୍ଦ ବାହାରିଗଲେ ଆଉ ଫେରେନାହିଁ। ପର ଧନରେ ଲୋଭ କରି ଲାଞ୍ଚ ନେଇ ସମାଜରେ ନିନ୍ଦିତ ହେବା ଅପେକ୍ଷା ନିଜ ଧନରେ ଖୁସିରେ ରୁହନ୍ତୁ। ପଡୋଶୀ ଘରର ଜିନିଷ କିମ୍ବା ପିଲାର ଶ୍ରେଷ୍ଠତା ଦେଖି ନିଜ ପିଲାଙ୍କୁ ଦୁଃଖ ଦିଅନ୍ତୁ ନାହିଁ କି ତୁଳନା ପାସଙ୍ଗରେ ପକାନ୍ତୁ ନାହିଁ। ମଣିଷ ଜୀବନ ଥରେ ଆସେ ସବୁ କଥାରେ ଆତ୍ମ ସନ୍ତୋଷ ଲାଭ କରନ୍ତୁ। ଅଯଥା ଯୁକ୍ତି ଓ କଳହ ରୁ କ୍ଷାନ୍ତ ରୁହନ୍ତୁ। ସମୟ ମିଳିଲେ ଦୂର ସ୍ଥାନକୁ ଯାତ୍ରା କରି ପରିବାର ସହ ଛୁଟି କଟାନ୍ତୁ। ଉଭୟ ପକ୍ଷର କଥା ଶୁଣି ବିଚାର କରନ୍ତୁ। ଗୋଟିଏ ଆଦର୍ଶବାନ ମଣିଷ ଭାବରେ ଜୀବନ ଜିଅନ୍ତୁ। ନିଜର ବିଚାର କଳ୍ପନା କୁ ସୁମାର୍ଗ ରେ ପରିଚାଳିତ କରନ୍ତୁ। ନିଜେ ଖୁସିରେ ରହି ସକରାତ୍ମକ ଚିନ୍ତା କରନ୍ତୁ ଅନ୍ୟ ମାନଙ୍କୁ ସମ ଦୃଷ୍ଟି ସମ ଭାବାପନ୍ନ ହେବା ଦିଗରେ ସହଯୋଗ କରନ୍ତୁ। ନିଜେ ଖୁସିରେ ରହି ଅନ୍ୟ ମାନଙ୍କୁ ସେହି ଖୁସିରେ ସାମିଲ କରନ୍ତୁ।

**ଜୟଶ୍ରୀ ପଟ୍ଟନାୟକ**
**ଗଙ୍ଗନଗର ଛକ**
**ଭୁବନେଶ୍ୱର**

# ରାଜ୍ୟରେ ଜାତି ରାଜନୀତିର ସମ୍ଭାବନା

କୁହାଯାଉଛି ଓଡ଼ିଶାରେ ଜାତି ରାଜନୀତି ନାହିଁ। ଅନେକ ରାଜ୍ୟରେ ଜାତିଭିତ୍ତିକ ରାଜନୀତି ସ୍ପଷ୍ଟଭାବେ ବାରି ହେଉଥିବା ବେଳେ ଓଡିଶାରେ ତାହା ଏଯାଏଁ କାୟା ବିସ୍ତାର କରିପାରି ନାହିଁ। ଏହା ସ୍ୱାଗତଯୋଗ୍ୟ ବିଷୟ ନିଶ୍ଚୟ। ଜାତିକୁ ନେଇ ରାଜନୀତି କରିବା ଆଦୌ ଉଚିତ୍ ନୁହେଁ। ସୁସ୍ଥ ଗଣତନ୍ତ୍ର ପାଇଁ ଉଭୟ ଜାତି ଓ ଧର୍ମଭିତ୍ତିକ ରାଜନୀତିର ଆବଶ୍ୟକତା ନାହିଁ। ଏହି ଦୃଷ୍ଟିରୁ ଆମେ ଉଲ୍ଲସିତ ହେବା ଉଚିତ୍ ଯେ ଓଡ଼ିଶାକୁ ଏଯାଏଁ ଜାତିଭିତ୍ତିକ ରାଜନୀତି ଛୁଇଁପାରି ନାହିଁ। ତେଣୁକରି ରାଜ୍ୟରେ କୌଣସି ଜାତିଭିତ୍ତିକ ରାଜନୈତିକ ଦଳ ବିସ୍ତାରୀତ ହୋଇନାହିଁ। ଆଗକୁ ସମାନ ପ୍ରକ୍ରିୟା ବଳବୋତ୍ତର ରହିବ ବୋଲି କୁହାଯାଇ ପାରିବ ନାହିଁ। କାରଣ ସାମାଜିକ ସ୍ତରରେ ଜାତି ସଚେତନତା ବଢ଼ୁଛି। ବିଶେଷକରି ବିଭିନ୍ନ ଜାତି ରାଜନୀତି, ଚାକିରୀ ଓ ଶିକ୍ଷା କ୍ଷେତ୍ରରେ କେତେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି ତାହାର ତର୍ଯ୍ୟମା କରିବା ଆରମ୍ଭ କରିଛନ୍ତି। ଏହା ତାଙ୍କୁ ରାଜନୈତିକଭାବେ ସଚେତନ ହେବାକୁ ବାଧ୍ୟ କରୁଛି। ଫଳରେ ଜାତି ଦୃଷ୍ଟିରୁ ଥିବା ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ କ୍ରମେ ସଂଗଠିତ ହେଉଛନ୍ତି। ଏହା ନିଶ୍ଚିତଭାବେ ଜାତି ରାଜନୀତିକୁ ପ୍ରୋତ୍ସାହିତ କରିବ।

ଯେତେବେଳେ ଏକ ବା ଏକାଧିକ ଜାତି ସଂଗଠିତ ହୋଇ ରାଜନୀତି କରିବାର ଦେଖାଯାଏ, ସେତେବେଳେ ତାହାକୁ ଜାତି ଆଧାରିତ ରାଜନୀତି ବୋଲି କୁହଯାଏ। ଏହି ପ୍ରକାର ରାଜନୀତି ଉତ୍ତରପ୍ରଦେଶ, ବିହାର ସମେତ ଅନେକ ରାଜ୍ୟରେ ପରିଲକ୍ଷିତ ହେଉଛି। ଏହି ସମସ୍ତ ରାଜ୍ୟରେ ବିଭିନ୍ନ ଜାତିଗୋଷ୍ଠୀ ସଂଗଠିତ ହୋଇ ରାଜନୀତିକୁ ଅକ୍ତିୟାର କରିବାକୁ ଚେଷ୍ଟା କରୁଛନ୍ତି। କେତେକ କ୍ଷେତ୍ରରେ ଏକକ ଜାତିର ଆଧିପତ୍ୟରେ ରାଜନୀତି ବି ଚାଲିଛି। ଏ ଦିଗରେ ସଫଳତା ମଧ୍ୟ ମିଳୁଛି। ଏହା ସମସ୍ତଙ୍କୁ ଜ୍ଞାତ ଯେ ଉତ୍ତରପ୍ରଦେଶରେ ଯାଦବମାନେ ସମାଜବାଦୀ ପାର୍ଟିର ମେରୁଦଣ୍ଡ। ଅନ୍ୟାନ୍ୟ ଓବିସିମାନେ ମଧ୍ୟ କିଛି ମାତ୍ରାରେ ଏହି ଦଳକୁ ସମର୍ଥନ କରନ୍ତି। ଏହି ଦଳ ସେଠାରେ ରାଜନୈତିକ ଶକ୍ତିଭାବେ ଉଭା ହୋଇଛି। ସେଠାରେ ଅନୁସୂଚୀତ ଜାତିମାନେ ମଧ୍ୟ ସଂଗଠିତ ହୋଇ ବହୁଜନ ସମାଜ ପାର୍ଟି ନାମରେ ରାଜନୈତିକ ଶକ୍ତି ଭାବେ ଆବିର୍ଭୁତ ହୋଇଛନ୍ତି। ଏବେ ଆଜାଦ ସମାଜ ପାର୍ଟି ନାମରେ ଅନ୍ୟ ଏକ ଦଳ ଦଳିତ, ପଛୁଆବର୍ଗ ଓ ସଂଖ୍ୟାଲଘୁମାନଙ୍କୁ ନେଇ କାୟା ବିସ୍ତାର କରୁଛି। ବିହାରରେ ଓବିସିମାନେ ରାଜନୈତିକ ଭାବେ ଦୁଇଭାଗରେ ବିଭକ୍ତ। ଗୋଟିଏ ହେଉଛି କୁର୍ମି ନେତୃତ୍ୱାଧୀନ ଜନତା ଦଳ ଇଉନାଇଟେଡ଼ ଓ ଅନ୍ୟଟି ହେଉଛି ଯାଦବ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ। ସେଠାରେ ଏସସି ବର୍ଗକୁ ନେଇ ଲୋକଜନଶକ୍ତି ପାର୍ଟି ମଧ୍ୟ ରହିଛି। ସେହିପରି ତାମିଲନାଡୁରେ ଓବିସି ନେତୃତ୍ୱାଧୀନ ଡିଏମକେ ରାଜ୍ୟରେ ପ୍ରମୁଖ ରାଜନୈତିକ ପାର୍ଟି। ଝାଡ଼ଖଣ୍ଡ ରାଜ୍ୟରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମୂଳ ଆଧାର ହେଉଛି ସାନ୍ତାଳ ଜନଜାତି। ଅନ୍ୟ ଜନଜାତିମାନେ ଅନେକାଂଶରେ ଏହି ଦଳକୁ ସମର୍ଥନ କରନ୍ତି। ତେବେ ଓଡିଶାରେ ଏପରି ରାଜନୀତି ନାହିଁ କହିଲେ ଚଳେ।

ଉଭୟ ଭାରତବର୍ଷ ଓ ଓଡ଼ିଶାରେ ଦୁଇ ପ୍ରକାର ଜାତିସମୂହ ରହିଛି। ଗୋଟିଏ ହେଉଛି ଅଗ୍ରସର ଜାତିସମୂହ ଓ ଅନ୍ୟଟି ହେଉଛି ଅନଗ୍ରସର ଜାତିସମୂହ। ପ୍ରଥମଟିରେ ଅଳ୍ପ କେତୋଟି ଜାତି ଥିବାବେଳେ ଦ୍ୱିତୀୟଟିରେ ଅସଂଖ୍ୟ ଜାତି ରହିଛି। ବାସ୍ତବ ପକ୍ଷେ ଦେଖିବାକୁ ଗଲେ ଦେଶର ତଥା ରାଜ୍ୟର ଶାସନ କ୍ଷମତା ଏହି ଅଗ୍ରସର ଜାତି ସମୂହ ନିକଟରେ ରହି ଆସିଛି। ସମସ୍ତ ପ୍ରତିଷ୍ଠିତ ରାଜନୈତିକ ଦଳ ଏମାନଙ୍କ ଦ୍ୱାରା ପରିଚାଳିତ। ଅବଶ୍ୟ ବେଳେବେଳେ ଏମାନେ ଅନଗ୍ରସର ବର୍ଗରୁ ଜଣେ ଦୁଇଜଣକୁ ଉଚ୍ଚ ପଦପଦବୀରେ ବସାନ୍ତି। ହେଲେ ପ୍ରକୃତ କ୍ଷମତା ଏମାନଙ୍କ ହାତରେ ଥାଏ। ଏମାନେ କେବେବି ଶାସନ କ୍ଷମତାକୁ ହାତଛଡ଼ା କରିବାକୁ ଦିଅନ୍ତି ନାହିଁ। ଫଳରେ ଦେଶରେ ତଥା ରାଜ୍ୟରେ ଅନଗ୍ରସର ଜାତିସମୂହ ସମାନ ଓ ସଂଖ୍ୟାନୁପାତିକ ରାଜନୈତିକ କ୍ଷମତା ହାସଲ କରିବାକୁ ସକ୍ଷମ ହୋଇ ନାହାଁନ୍ତି। ତେଣୁ ଅନଗ୍ରସର ଜାତି ସମୂହର ନେତାମାନେ ଏହାକୁ ନେଇ ପ୍ରତିବାଦ କରି ଆସିଛନ୍ତି। ଏମାନେ ସଂଖ୍ୟାନୁପାତିକ କ୍ଷମତା ହାସଲର ସପକ୍ଷରେ ଯୁକ୍ତିକରି ଆସିଛନ୍ତି। ସମାନ ଭାଗୀଦାରୀ କଥା କହି ଆସିଛନ୍ତି। ସମାନୁପାତିକ ଭାଗୀଦାରୀ କଥା ଉଠିଲେ ଏମାନେ ଜାତି ରାଜନୀତି କରୁଛନ୍ତି ବୋଲି ଅଭିଯୋଗ ଆସେ। ଏହା ଏକ ଅଦ୍ଭୁତ ଅଭିଯୋଗ।

ଯେତେବେଳେ ପ୍ରଚଳିତ ରାଜନୈତିକ ବ୍ୟବସ୍ଥା ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅନଗ୍ରସର ବର୍ଗ ସକ୍ଷମ ହୁଅନ୍ତି ନାହିଁ, ସେତେବେଳେ ନିଜ ଜାତି ସଂଗଠନକୁ ରାଜନୈତିକ କ୍ଷମତା ହାସଲ କରିବା ପାଇଁ ବ୍ୟବହାର କରନ୍ତି। ଏହା ଉତ୍ତରପ୍ରଦେଶ, ବିହାର, ତାମିଲନାଡୁ, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟରେ ଦେଖିବାକୁ ମିଳୁଛି। ଏଦିଗରେ ଅନଗ୍ରସର ଜାତିଗୁଡିକ ଅନେକାଂଶରେ ସଫଳତା ମଧ୍ୟ ପାଇଛନ୍ତି। ଦେଶର ରାଜନୀତି କ୍ଷେତ୍ରରେ ଏହାକୁହିଁ ଜତିବାଦୀ ରାଜନୀତି ବୋଲି କୁହାଯାଇଛି। ଯେତେବେଳେବି ଏହିପ୍ରକାର ରାଜନୀତିର ପ୍ରବକ୍ତାମାନଙ୍କୁ ପ୍ରଶ୍ନ କରାଯାଇଛି ସେମାନେ ଏହାକୁ ସ୍ୱୀକାର କରିନାହାଁନ୍ତି। ସେମାନେ ନିଜକୁ ସାମାଜିକ ନ୍ୟାୟର ସମର୍ଥକ ଓ ଏହାକୁ ସାମାଜିକ ନ୍ୟାୟ ଆନ୍ଦୋଳନ ବୋଲି କହିଛନ୍ତି। ସମାନତା ସ୍ଥାପନ ପାଇଁ ଏହାର ଆବଶ୍ୟକତା ରହିଛି ବୋଲି ତାଙ୍କ ମତ।

ଅନ୍ୟ ପକ୍ଷରେ ଯେଉଁମାନେ ସଂଖ୍ୟାଧିକ ଅନଗ୍ରସର ଜାତିସମୂହକୁ ସଂଖ୍ୟାନୁପାତିକ ଅଧିକାରରୁ ବଞ୍ଚିତ କରନ୍ତି ତାଙ୍କୁ ଜତିବାଦୀ କୁହଯାଏ ନାହିଁ। ବାସ୍ତବରେ ଏହାବି ଏକ ପ୍ରକାରର ଜାତିବାଦ। ଯାହା ସ୍ୱାଧୀନତା ପରଠାରୁ ଦେଶରେ ପରିଲକ୍ଷିତ ହୋଇଆସିଛି। ଅଜବ ବିରୋଧାଭାସ। ମୁଷ୍ଟିମେୟ ଜାତି ସମସ୍ତ କ୍ଷମତାକୁ ନିଜ ନିୟନ୍ତ୍ରଣରେ ରଖିଲେ ତାହା ଜାତିବାଦ ନୁହେଁ। କିନ୍ତୁ ସଂଖ୍ୟାବହୁଳ ଜାତିସମୂହ ନିଜର ସଂଖ୍ୟାନୁପାତିକ ଅଧିକାର ହାସଲ ପାଇଁ ପ୍ରୟାସ କଲେ ସେମାନେ ହୁଅନ୍ତି ଜାତିବାଦୀ। ତେଣୁକରି ଜାତିବାଦୀ ରାଜନୀତି ସେହି ରାଜ୍ୟରେ ଚାଲେ ଯେଉଁ ରାଜ୍ୟରେ ଅନଗ୍ରସର ଜାତିସମୂହ ନିଜ ସମାନ ଅଧିକାର ସମ୍ବନ୍ଧରେ ସଚେତନ। ଉଲ୍ଲେଖିତ ରାଜ୍ୟମାନଙ୍କରେ ଜାତି ରାଜନୀତି ଚାଲିଛି ଯେହେତୁ ସେଠାରେ ଅନଗ୍ରସର ଜାତିସମୂହ ସଚେତନ ଓ ସମାନ ଅଧିକାର ପାଇଁ ସଂଗ୍ରାମ ରତ।

ଓଡ଼ିଶାରେ ଜାତି ରାଜନୀତି ନାହିଁ ଯେହେତୁ ଏଠାରେ ଅନଗ୍ରସର ଜାତିସମୂହ ନିଜର ସମାନ ଅଧିକାର ସମ୍ବନ୍ଧରେ ସଚେତନ ନୁହଁନ୍ତି। ଭାରତବର୍ଷର ଯେକୌଣସି ରାଜ୍ୟ ଅପେକ୍ଷା ଓଡ଼ିଶାରେ ଏମାନଙ୍କ ସଂଖ୍ୟା ସର୍ବାଧିକ। ଅନୁସୂଚୀତ ଜାତି ଓ ଜନଜାତିମାନଙ୍କ ସଂଖ୍ୟା ୪୦% ଓ ଓବିସି ଙ୍କ ସଂଖ୍ୟା ପ୍ରାୟ ୫୪%, ମିଶାଇଲେ ଏହା ୯୦% କୁ ଅତିକ୍ରମ କରିଯାଉଛି। ଏମାନଙ୍କ ସହିତ ସଂଖ୍ୟାଲଘୁମାନଙ୍କୁ ମିଶାଇଲେ ଏ ସଂଖ୍ୟା ଆହୁରି ବଢ଼ିଯିବ। ତଥାପି ଓଡିଶା ରାଜନୀତିରେ ଏମାନେ ସଂଖ୍ୟାନୁପାତିକ ଅଧିକାରଠାରୁ ବହୁ ଦୂରରେ ଅଛନ୍ତି। ଅନୁସୂଚୀତ ଜାତି ଓ ଜନଜାତିମାନେ ଯଦିଓ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱର ସୁବିଧା ପାଉଛନ୍ତି ତଥାପି ଏମାନେ ପ୍ରକୃତ କ୍ଷମତାର ଅଧିକାରୀ ନୁହଁନ୍ତି। ଏମାନେ କେବଳ ହାଁଜୀ ରାଜନୀତି କରିଥାନ୍ତି। ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସି ମାନେତ ଆହୁରି ତଳେ ଅଛନ୍ତି। ଏମାନେ ସମାନ ଅଧିକାର ସମ୍ବନ୍ଧରେ ଆଦୌ ସଚେତନ ନୁହଁନ୍ତି। ଏମାଙ୍କୁ ମାତ୍ର ୧୧-୨୫% ସଂରକ୍ଷଣ ଚାକିରୀ ଓ ସାଧାରଣ ଶିକ୍ଷାରେ ଦିଆଯାଉଛି।

ତେଣୁ ଏହା ନିରାଟ ସତକଥା ଯେ ଓଡିଶାରେ ଜାତି ରାଜନୀତି ନାହିଁ। ଉତ୍ତରଭାରତର ଜାତି ରାଜନୀତିର ପ୍ରଭାବ ଓଡ଼ିଶାରେ ଏଯାଏଁ ପଡିନାହିଁ। ରାଜ୍ୟରେ ଯେଉଁଦିନ ଅନଗ୍ରସର ଜାତିସମୂହ ସଚେତନ ହେବେ ଓ ନିଜର ସଂଖ୍ୟାନୁପାତିକ ଅଧିକାର ପାଇଁ ଲଢିବା ଆରମ୍ଭ କରିବେ ସେହି ଦିନଠାରୁ ଓଡ଼ିଶାରେ ମଧ୍ୟ ଜାତି ରାଜନୀତି ଆରମ୍ଭ ହେବ। ସାମ୍ପ୍ରତିକ ଅବସ୍ଥାରେ ଏହା ଆଉ ବିଳମ୍ବ ନୁହେଁ ପରି ମନେହୁଏ। କାରଣ ରାଜ୍ୟର ସମସ୍ତ ରାଜନୈତିକ ଦଳ ଏବେ ସମସ୍ତ କ୍ଷେତ୍ରରେ ଏହି ବର୍ଗମାନଙ୍କ ସମାନୁପାତିକ ଅଧିକାର କଥା କହୁଛନ୍ତି। ବିଜେପି ଜଣେ ଆଦିବାସୀକୁ ମୁଖ୍ୟମନ୍ତ୍ରୀ କରିଛି। କଂଗ୍ରେସ ଜଣେ ଅନୁସୂଚୀତ ବର୍ଗର ନେତାଙ୍କୁ ରାଜ୍ୟ ଅଧ୍ୟକ୍ଷ ଦାୟିତ୍ୱ ଦେଇଛି। ବିଜେଡ଼ି ଓବିସି ସମେତ ସମସ୍ତ ସଂରକ୍ଷିତ ବର୍ଗର ଆନୁପାତିକ ସଂରକ୍ଷଣ ସପକ୍ଷରେ କହିବାର ଶୁଣାଯାଉଛି। ସମସ୍ତ ପ୍ରତିଷ୍ଠିତ ରାଜନୈତିକ ଦଳ ଜାତି ଓ ଗୋଷ୍ଠୀ ଆଧାରରେ ଗୋଟି ଚାଳନା କରୁଛନ୍ତି। ଅନ୍ୟପକ୍ଷରେ ଉତ୍ତର ଭାରତର ଆଜାଦ୍ ସମାଜ ପାର୍ଟି(ଏଏସପି), ସମାଜବାଦୀ ପାର୍ଟି(ଏସପି), ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି), ବହୁଜନ ସମାଜ ପାର୍ଟି(ବିଏସପି) ପରି ରାଜନୈତିକ ଦଳମାନେ ଏହାରି ସୁଯୋଗରେ ନିଜର ସ୍ଥିତିକୁ ରାଜ୍ୟରେ ବଢ଼ାଇବାକୁ ଚାହୁଁଛନ୍ତି। ତେଣୁ ଖୁବଶୀଘ୍ର ଓଡିଶାରେ ମଧ୍ୟ ଜାତି ରାଜନୀତି ଆରମ୍ଭ ହେବାର ସମ୍ଭାବନା ରହିଛି।

**ଅଧ୍ୟାପକ ଗୋପବନ୍ଧୁ, ଦର୍ଶନ ବିଭାଗ**
**(ଅବସରପ୍ରାପ୍ତ)**
**ବାରିପଦା, ମୟୂରଭଞ୍ଜ,**

# ବେଙ୍ଗ କହେ ବେଙ୍ଗୁଲି ଲୋ ଶୁଣୁ କଥା

ଜଙ୍ଗଲ ଅଛି ବୋଲି ଜୀନ ବଞ୍ଚିଛି ସତ ହେଲେ ଜଙ୍ଗଲ ଅଭ୍ୟନ୍ତରରେ ଯୋଉ ଜୁଆର ଓ ଭଟ୍ଟା ଚାଲିଛି ତାହା ଅନୁଭବ କରିଛି ଉଭୟଚର ପ୍ରାଣୀ ବେଙ୍ଗ । ପିଲାଦିନେ ମାଆ ବେଙ୍ଗ ହାତୀର ବର୍ଣ୍ଣନା ଦେବାକୁ ଯାଇ ପେଟ ଫୁଲେଇ ଫୁଲେଇ ଶେଷକୁ ଢ଼ୋ କରି ଫାଟିଯାଇ ମୃତ୍ୟୁ ବରଣ କଲାପରେ ହାତୀକୁ ଦେଖିବାକୁ ଅନେକ ଥର ସ୍ଥଳ ଭାଗକୁ ଯାଇ ଅନୁସନ୍ଧାନ କରି ଦେଖିଛି ବେଙ୍ଗ ଓ ତା ଦଳ ସେଇ ଜଙ୍ଗଲୀ ପଶୁ ସବୁଙ୍କର ଖାଦକ ଓ ଖାଦ୍ୟ ଭିତରେ ହେଉଥିବା ଲଢେଇ । ପୁଣି ଦେଖିଛି ବଳବାନ ପଶୁଙ୍କ ମଧ୍ୟରେ ବଳ କସାକଷିର ସେ ଭୟଙ୍କର ଦୃଶ୍ୟ । ହାତୀ କିନ୍ତୁ ବଳଶାଳୀ ହେଲେ ମଧ୍ୟ ନାହିଁ ଗର୍ବ ନାହିଁ ଅହଙ୍କାର କି ନାହିଁ ବଳ କସାକଷି ପାଇଁ ପ୍ରବୃତ୍ତି । ସତେ ଯେମିତି ରାଗ, କ୍ରୋଧ, ଅହଂକାର ଇତ୍ୟାଦି ନକାରାତ୍ମକ ଶକ୍ତି ଗୁଡିକ ଜୁଆର ପରି ସକାରାତ୍ମକ ଗୁଣଧାରୀ ବ୍ୟକ୍ତିତ୍ୱ ଭିତରେ ଭଟ୍ଟା ପଡିଯାଇଛି ଆସୁରୀକ ଉତ୍ପୀଡ଼ନ ଶକ୍ତିସବୁ । ପ୍ରକାଶୁଛି ବ୍ୟକ୍ତିତ୍ୱ । ଶାନ୍ତ, ସରଳ, ନମନୀୟ ଓ କମନୀୟତାର ସ୍ରୋତ ଯେମିତି ଜୁଆର ରୂପେ ଉଛୁଳି ଉଠୁଛି ହାତୀ ବ୍ୟକ୍ତିତ୍ୱରେ ।

ସିଂହ ରାଜା ମରିଯାଇଛନ୍ତି । ସମସ୍ତ ଆସୁରୀକ ପ୍ରବୃତ୍ତିର ଜୁଆର ଭିତରେ ସେ ରାଜା କିନ୍ତୁ ଦମ୍ଭ, ସାହାସ, ଧର୍ଯ୍ୟ ନରହିଲେ ସେ କି ରାଜା!ବଂଶାନୁକ୍ରମିକ ସିଂହର ଏକମାତ୍ର ପୁତ୍ରକୁ ରାଜା କରିବାକୁ ଏବେ ଅନ୍ୟ ସମସ୍ତ ପଶୁମାନେ ଅନିଚ୍ଛୁକ । ପ୍ରଥମ ସିଂହ ରାଜା ପରାକ୍ରମୀ ଥିଲେ ମଧ୍ୟ ତାଙ୍କର କୂଅରେ ପଡି ମୃତ୍ୟୁ ବରଣ କରିବାଟା ସମସ୍ତଙ୍କୁ କାହିଁକି ତାଙ୍କର ଧର୍ଯ୍ୟହୀନତାର ପ୍ରମାଣ ଦିଏ । କିଏ ଜଣେ ଭୁଲେଇ ଭାଲେଇ କହିଦେଲା ଆଉ ଗୋଟେ ସିଂହ ଆସି କୁଅ ଭିତରେ ଲୁଚି ରହିଛି ବୋଲି ଯେଁ ନା ପ୍ରମାଣ ରେ ଅଧର୍ଯ୍ୟ ହୋଇ କୁଅ ଭିତରେ ନିଜ ପ୍ରତିବିମ୍ବ ଦେଖି ଅନ୍ୟ ସିଂହ ଭାବି ଜୁଆରିଆ ମନକୁ ବାନ୍ଧି ନପାରି କୁଅ ଭିତରକୁ ଡେଇଁ ଜୀବନର ଭଟ୍ଟା ଆସିଗଲା ଅର୍ଥାତ ଅପମୃତ୍ୟୁ । କେହି କେହି ବିଲୁଆ କୁ ସନ୍ଦେହ ଦୃଷ୍ଟିରେ ଦେଖିବାରୁ କାନ କୁହା କଥାକୁ ବିଶ୍ୱାସ କରି ବିଲୁଆଦଳଙ୍କୁ ରାଜ୍ୟ ଶାସନ କାର୍ଯ୍ୟରୁ ବୃତ୍ତି ନିବୃତ୍ତ ରଖିଲେ ତାଙ୍କ ପୁଅ ପରବର୍ତ୍ତୀ ଯୁବ ସିଂହରାଜା । ଅଳ୍ପ ଦିନ ଶାସନକାଳ ଭିତରେ ନୂଆ ରାଜାଙ୍କ ଦର୍ପଣ କାଚ କାମୁଡି କାମୁଡି ମୃତ୍ୟୁ ପରି ଜୀବନରେ ଭଟ୍ଟା ପଡିବାରେ ମଧ୍ୟ ସେହି ବିଲୁଆ ପରିବାର ଉପରେ ସନ୍ଦେହ ହେଉଥିଲେ ମଧ୍ୟ ରାଜା ଯୁଗ ସହ ତାଳ ମିଳାଇ ଦର୍ପଣ ଏକ କାଚ ବୋଲି ନଭାବି ନଜାଣି ତା ଭିତରେ ଆଉ ଗୋଟେ ସିଂହ ଅଛି ଭାବି ତାକୁ କାମୁଡି କ୍ଷତାକ୍ତ ହୋଇ ଗିଳି ପକେଇ ମୃତ୍ୟୁ ବରଣ କରିବା ପୂର୍ବରୁ ଦର୍ପଣ ଭିତରେ କୂଅର ସ୍ୱଚ୍ଛ ଜଳ ପରି ପ୍ରତିବିମ୍ବ ଫୁଟିଉଠିବା କଥା ରାଜାଙ୍କର ଜାଣିବା ଉଚିତ ବୋଲି ବେଙ୍ଗ ଭାବୁ ଭାବୁ ପୁଣି ଭାବନାରୁ ନିବୃତ୍ତ ରହେ । ସେ ଭାବେ ଯେ ତା ପରି କ୍ଷୁଦ୍ର ଜୀବର ଏତେକଥା ଭାବିବା ଉଚିତ ନୁହଁ ବରଂ ଅନୁଚିତ ପ୍ରସଙ୍ଗ ଅଟେ

ଆଜି କିନ୍ତୁ ଜଙ୍ଗଲରେ ରାଜାଙ୍କ ସ୍ଥାନ ତାଙ୍କ ପରବର୍ତ୍ତୀ ବଂଶଧରକୁ ଦେବାକୁ ସ୍ଥିର କଲାବେଳେ ଖୁସିର ଜୁଆର ପରିବର୍ତ୍ତେ ଆନ୍ଦୋଳନର ଭଟ୍ଟା ଆସୁଥିଲା । ନୂଆ ଯୁବରାଜ ଚାଲାକି କରି ବିଲୁଆମାନଙ୍କୁ ରାଜକାର୍ଯ୍ୟରେ ଅଂଶ ଗ୍ରହଣ କରିବାକୁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ଜୁଆର ସୃଷ୍ଟି କରି ପାରିନଥିଲା । ଏଥର ସମସ୍ତେ ମତ ରଖିଥିଲେ ଉଭୟଚର ପ୍ରାଣୀ ମଧ୍ୟ ଆମ ଜଙ୍ଗଲ ବାସିନ୍ଦା । ତେବେ ସେମାନଙ୍କୁ ଏଥର ସୁଯୋଗ ଦିଆଯାଉ । ତାଙ୍କ ଭିତରେ ନିର୍ବାଚନ ଜୁଆର ସୃଷ୍ଟି ହେଉ ଓ ସେମାନେ କୁହନ୍ତୁ କିଏ ରାଜା ହେବ । ପ୍ରଥମ ପାଳି ବେଙ୍ଗର ଥିଲା ତ ସେ କହୁ କହୁ କହିଥିଲା ହାତୀ । ହାତୀ ହିଁ ବଣର ରାଜା ପଡବାଚ୍ୟ କାରଣ ହିଂସ୍ରତା ନୁହଁ ବରଂ ଗାନ୍ଧିଜୀଙ୍କ ପରି ଅହିଂସାର ଜୁଆର ଭିତରେ ହିଂସ୍ରତାର ମୃତ୍ୟୁ ହେଉ । ଗୋପବନ୍ଧୁଙ୍କ ପରି ସେବା ପରି ଜୁଆରରେ କ୍ରୋଧ, ରାଗ, ରୋଷ ଇତ୍ୟାଦିର ଭଟ୍ଟା ପଡୁ ।ସମସ୍ତେ ତାଳମାରି ଜୟ ହାତୀ ରାଜାଙ୍କର ଜୟ କହୁ କହୁ ବେଙ୍ଗମାନେ ପାଣିକୁ ଡେଇଁ ଲୁଚିପଡ଼ିଥିଲେ । ହାତୀ ତାଙ୍କ ମହାନୁଭାବତାରେ ବେଙ୍ଗମାନଙ୍କୁ ଗୁପ୍ତଚର ରୂପେ ନିଯୁକ୍ତି ଦେଇ ସବୁ ଜନ୍ତୁମାନଙ୍କ ମିଳିତ ସହଯୋଗରେ ଯୁବରାଜ ସିଂହଙ୍କୁ ମନ୍ତ୍ରୀ ପଦରେ ନିଯୁକ୍ତି ଦେଇଥିଲେ ଓ ବିଲୁଆଙ୍କୁ କାଟୁଆଳ ପଦରେ ଅଭିଷିକ୍ତ କରିଥିଲେ ।

ହାତୀ ରାଜା ହେଲାପରେ ଯାହା କରୁଥିଲେ ବା ଯୁଆଡେ ଯାଉଥିଲେ ପାତ୍ର, ମନ୍ତ୍ରୀ ଗୁପ୍ତଚର ଆଦି ସମସ୍ତଙ୍କୁ ସାଙ୍ଗରେ ନେଇ ଯାଉଥିଲେ ଓ ପରାମର୍ଶ କରି ଯେ କୌଣସି ନିଷ୍ପତ୍ତି ନେଉଥିଲେ ।ସେଦିନ ହାତୀ ନଈର ବଢିଲା ପାଣି ଭିତରକୁ ପଶିଯାଇ ପିମ୍ପୁଡିମାନଙ୍କୁ ଉଦ୍ଧାର କରୁଥିବା ଦେଖି ପାତ୍ର ମନ୍ତ୍ରୀ ଆଦି ସମସ୍ତେ ତଟସ୍ଥ ତଥା ଆଶ୍ଚର୍ଯ୍ୟ ପ୍ରକଟ କଲେ । ବେଙ୍ଗ କହିଲା ମତେ କହିଥିଲେ ମୁଁ ଆପଣଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ପିମ୍ପୁଡିମାନଙ୍କୁ ଉଦ୍ଧାର କରିଥାନ୍ତି ଆପଣ ଏଇ ଛାର ପିମ୍ପୁଡିମାନଙ୍କ ପାଇଁ ଗଭୀର ନଦୀ ଜଳରେ ପ୍ରବେଶ କରିବା ଉଚିତ ନଥିଲା । ସ୍ରୋତରେ ଭାସିଯାଇଥିଲେ ଆମ ରାଜାଙ୍କୁ ଆମେ କୋଉଠୁ ପାଇଥାନ୍ତୁ କହି ସମସ୍ତେ କାନ୍ଦି କାନ୍ଦି ବ୍ୟସ୍ତ ହୋଇପଡୁଥିଲା ବେଳେ ହାତୀ ମହାରାଜ କହିଥିଲେ ମତେ ମଧ୍ୟ ପହଁରା ଆସେ । ମୋ ପାଇଁ ବ୍ୟସ୍ତ ନହୋଇ ଭାବିଲ ପିମ୍ପୁଡି ଗୁଡାକ ଭାଷି ଯାଇଥିଲେ କେତେ ବଡ଼ ଦୁର୍ଘଟଣା ହୋଇଯାଇଥାଆନ୍ତା । ସିଂହ କହିଲେ ଏହି ଛାର ପିମ୍ପୁଡି କଥା କାହିଁକି ଚିନ୍ତା କରୁଛନ୍ତି ମହାରାଜ!ହାତୀ ରାଜା କହିଲେ କିଏ କହିଲା ପିମ୍ପୁଡି ଛାର!ସେ ଆମମାନଙ୍କୁ କେତେ କେତେ ବିପଦରୁ ରକ୍ଷା କରୁଛି । କେମିତି ମହାରାଜ!ସେ ପରା ଶିକାରୀ ଗୋଡ଼କୁ କାମୁଡି ଦେଇ ପଶୁ ଓ ପକ୍ଷୀ କୂଳକୁ ରକ୍ଷା କରିଥାଏ ।

ପୁଣି ହାତୀ ରାଜା କହୁଥାନ୍ତି ପରିବେଶକୁ ପରିଚ୍ଛର୍ଣ୍ଣ ରଖିବାରେ ପିମ୍ପୁଡିମାନେ ଖୁବ ସାହାଯ୍ୟ କରିଥାନ୍ତି । ତୁମେମାନେ ସମସ୍ତେ ଶୁଣିଥିବ ଯେ ବର୍ଷା ଦିନେ ଝିଂଟିକା ପାଖରେ ଖାଦ୍ୟ ନଥିବାରୁ ଭୋକରେ ତାର ପ୍ରାଣବାୟୁ ଉଡିଯିବା ବେଳେ ଏହି ପିମ୍ପୁଡି ହିଁ ଖାଦ୍ୟ ଦାନ କରି ଝିଂଟିକାର ଭୋକ ଦୂର କରି ତାକୁ ବଞ୍ଚାଇବା ସହ ସଞ୍ଚୟ କରିବା ପାଇଁ ଶିଖାଇଥିଲା । ସୁଦିନରେ ସମୟ ଅପଚୟ ନକରି ଏକତ୍ରିତ ହୋଇ ଖାଦ୍ୟ ସଞ୍ଚୟ କରି ରଖିଲେ ଭବିଷ୍ୟତରେ ଆସୁଥିବା ଦୁର୍ଦ୍ଦିନ ଅର୍ଥାତ ଝଡ଼ି, ତୋଫାନ, ବର୍ଷା, ସୁନାମୀ, ବାତ୍ୟା, ବନ୍ୟା ଓ ମରୁଡି ଆଦି ଦୈବଦୁର୍ବିପାକ ବେଳେ ନିଜେ ସଞ୍ଚି ରଖିଥିବା ଖାଦ୍ୟ ଖାଇ ନିଜ ଜୀନ ବଞ୍ଚେଇବା ସହ ଅନ୍ୟର ଜୀନ ମଧ୍ୟ ବଞ୍ଚାଇ ପୁଣ୍ୟ ଅର୍ଜ୍ଜନ କରିପାରିବ । ସେଇଥିପାଇଁ ପରା ସନ୍ୟାସୀ ଅବଧୂତ ତାଙ୍କ ଚବିଶ ଗୁରୁଙ୍କ ଭିତରେ ପିମ୍ପୁଡ଼ିକୁ ସ୍ଥାନ ଦେଇ ତାଙ୍କ ମହାନୁଭବତା ପ୍ରମାଣ କରିଛନ୍ତି ।

ଏଣିକି ଜଙ୍ଗଲର ସବୁ ପଶୁ,ପକ୍ଷୀ, ସରୀସୃପ ଓ କୀଟପତଙ୍ଗମାନେ ହାତୀ ରାଜାଙ୍କ ଉଦାରତା ଅର୍ଥାତ ପରୋପକାର, ସେବା, ସାହାଯ୍ୟ ଓ ସହଯୋଗ ଗୁଣ ଗୁଡିକର ପରିଚୟ ପାଇବା ସହ ନିଜେ ସମସ୍ତେ ସେହି ଗୁଣ ଗୁଡିକୁ ଆପଣେଇ ନେଉଥିଲେ । କଥାରେ ନାହିଁ ବଡ଼ ନାଆଟି ଯୁଆଡେ ସାନ ନାଆଟି ସେଇଆଡ଼େ ।ଯିଏ ଦଳପତି ସେ ନିଜେ ନିଜର ତଥା ଅନ୍ୟମାନଙ୍କର ଆଦର୍ଶ ଓ ପ୍ରେରଣା ହେବା ଉଚିତ ।ସେଇଥି ପାଇଁ ପିତାଙ୍କୁ ପରିବାରର ସର୍ବମୟ କର୍ତ୍ତା ତଥା ପିତା ସ୍ୱର୍ଗ ବୋଲି କୁହାଯାଏ । ମାଆ ଆମର ଯେମିତି ପ୍ରଥମ ଗୁରୁ ହୋଇ କୋଉଟା ଭଲ ଓ କୋଉଟା ମନ୍ଦ ଦର୍ଶାଇ ସୁବାଟରେ ଯିବାକୁ କହିଥାଆନ୍ତି । ଏଠି ହାତୀ ରାଜା ମଧ୍ୟ ସେମିତି ପିତା, ମାତା ଓ ଗୁରୁଙ୍କ ଭଳି ନିଜେ ଆଦର୍ଶ ହୋଇ ଅନ୍ୟର ପ୍ରେରଣା ସାଜିଥାଆନ୍ତି ତ ହାତୀ ରାଜା ଲକ୍ଷ କଲେ ଯୁବରାଜ ସିଂହ ମଧ୍ୟ ତାଙ୍କୁ ଅନୁସରଣ କରି ଉଚିତ କର୍ମ କରିବା ସହ ସବୁଠାରେ ନ୍ୟାୟ କଥା କହି ସତ୍ୟ ପଥରେ ଆଗେଇଚାଲିଛନ୍ତି । ତେଣୁ ହାତୀ ରାଜା ଯୁବକ ସିଂହ ରାଜାଙ୍କୁ ଶାସନଭାର ପ୍ରଦାନ କରି ବାନପ୍ରସ୍ଥ ଯିବାପାଇଁ ସ୍ଥିର କରିଥିଲେ ।ବେଙ୍ଗ କହୁଥିଲା ଜୀବନରେ ଜୁଆର ଅଛି ମାନେ ଭଟ୍ଟା ତ ନିଶ୍ଚୟ ରହିବ ।ନୂଆ ସିଂହ ରାଜା ସମସ୍ତଙ୍କୁ ଆଶା ଓ ଆଶ୍ୱାସନା ଦେବା ସହ ହାତଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ କର୍ମ ଯୋଗାଇ ଦେଇଥିଲେ ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ,ପୁରୀ**

# ବୈଜ୍ଞାନିକ ଚିକିତ୍ସା ବନାମ ଗୁଣିଆ ଦିସାରୀ

ଦୁନିଆ ଆସି ଏକ ବିଂଶ ତମ ଶତାବ୍ଦୀ ରେ ପହଞ୍ଚି ଲାଣି। ଭାରତର ବର୍ତ୍ତମାନ ଜନସଂଖ୍ୟା ୧,୪୧୬,୧୪୮,୩୨୩ ୨୦୨୩ ମାର୍ଚ୍ଚ ୨୦ ସୁଦ୍ଧା ଏବଂ ୨୦୨୧ ରେ ଏହା ପ୍ରାୟ ୧୩୯ କୋଟି ଥିଲା। କୋଭିଡ ର ଭୟାବହତା ଯୋଗୁଁ ୧୦ ବର୍ଷକୁ ଥରେ ହେଉଥିବା ଜନଗଣନା ହୋଇ ପାରିନାହିଁ।ଯଦି ଗଣନା ହୁଏ ,ଏହା ହୁଏ ତ କେତେ ମାତ୍ରାରେ ବୃଦ୍ଧି ହୋଇଥିବ କଳନା କରି କହି ହେବ ନାହିଁ। ହେନରୀ ୱାଲ୍ଟର ଙ୍କୁ ଜନଗଣନା ର ଜନକ ବା ପ୍ରତିଷ୍ଠାତା ବୋଲି କୁହାଯାଏ। ଏବଂ ଭାରତ ରେ ପ୍ରଥମେ ଭାଇସ୍ରାଏ ଲର୍ଡ ମାୟୋ ଆରମ୍ଭ କରିଥିଲେ ୧୮୭୨ ରେ ପ୍ରଥମେ ଆରମ୍ଭ କରାଯାଇଥିଲା। ଏବଂ ଏହା ୧୮୮୧ ସମ୍ପୂର୍ଣ୍ଣରୂପେ ସମାପ୍ତି ହୋଇଥିଲା । ଏଠାରେ ବିଭିନ୍ନ ସଂପ୍ରଦାୟ ଲୋକ ବସବାସ କରନ୍ତି। ଯେମିତି ହିନ୍ଦୁ,ମୁସଲମାନ,ଖ୍ରୀଷ୍ଟିଆନ ଇତ୍ୟାଦି। ଏବେ ମଧ୍ୟ ବିଭିନ୍ନ କଥାରେ ଗୋଷ୍ଠୀ କନ୍ଦଳ ଲାଗି ରହିଛି। ପ୍ରଯୁକ୍ତି ବିଦ୍ୟା ର ଦୃତ ଅଗ୍ରଗତି ମଧ୍ୟ ହେବାରେ ଲାଗିଛି। ଏଥିରେ ସନ୍ଦେହ ନାହିଁ। ସେଥି ମଧ୍ୟରୁ ଚିକିତ୍ସା ବିଜ୍ଞାନ ର ମଧ୍ୟ ସୁବିଧା ଓ ନୂତନ ଉଦ୍ଭବ ଲାଗି ରହିଛି। ଅସମ୍ଭବକୁ ସମ୍ଭବ କରାଯାଇପାରୁଛି ଟଙ୍କା ଦ୍ୱାରା। ତଥାପି ଚିକିତ୍ସା ବିଜ୍ଞାନ ବୋଧହୁଏ ଏହି ଗୁଣିଆ ଦିଶାରି ଆଗରେ ହାରମାନିଛି। ଏବଂ କୁହାଯାଏ ଭଗବାନଙ୍କ ବିନା ନିର୍ଦ୍ଦେଶରେ ଗଛର ପତ୍ର ଟିଏ ବି ହଲେନି। ତା ହେଲେ ଏଇ ନିର୍ଦ୍ଦେଶ ଟି ମଧ୍ୟ କଣ ବିଶ୍ୱ ନୀୟନ୍ତାଙ୍କର, ଭାବିଲେ ଚକିତ ଲାଗେ। ସତ୍ୟ ଘଟଣା ଟିଏ, ଅତି ନିକଟରେ ଗୋଟିଏ ନିଷ୍ପାପ ଝିଅଟିର ମୃତ୍ୟୁ ହୋଇଛି। କାରଣ ପଚାରିବାରୁ ସଂପର୍କୀୟ ମାନେ କହିଥିଲେ ବହୁତ ସାରା ମେଡିକାଲ୍ କୁ ନେଇକି ଗଲୁ। କିନ୍ତୁ କେହି ଡକ୍ଟର ରୋଗ କୁ ଚିହ୍ନଟ କରିପାରିଲେ ନାହିଁ ଏବଂ ଝିଅଟି ଜୀବନ ଯୁଦ୍ଧରେ ହାରିଗଲା। ସଂପର୍କୀୟ କହିଲେ କେହି ଗୁଣି ଗାରେଡ଼ି କରିଛି। କୌଣସି କାରଣ ବଶତଃ ସେମାନେ ଝାଡ଼ିବା ପାଇଁ ଡିସାରୀ ପାଖକୁ ନେଇ ନଥିଲେ। ଚର୍ଚ୍ଚ ନେଇକି ଭଲ କରିବା ପାଇଁ ବହୁତ ପ୍ରୟାସ କରିଥିଲେ। କିନ୍ତୁ କୌଣସି ବିଦ୍ୟା କାମ ଦେଇ ନଥିଲା ପିଲାଟି ପକ୍ଷେ । ଶେଷରେ ଝିଅଟି ର ମୃତ୍ୟ ବରଣ ହୋଇଥିଲା। ଆଉ ଜଣେ ବୁଦ୍ଧିଜୀବି ମଧ୍ୟ ଅତି ନିକଟରେ ଠିକ୍ ଏହି ଗୁଣି କଥା ହିଁ କହିଥିଲେ। ବହୁତ୍ ଡକ୍ଟର ଦେଖେଇବା ପରେ ମଧ୍ୟ ତାଙ୍କର ଦେହ ଭଲ ହୋଇ ନଥିଲା। ତାଙ୍କ କଥା ଶୁଣିକି ଆଶ୍ଚର୍ଯ୍ୟ ଲାଗିଥିଲା। ସେହି ବିଦ୍ୱାନ ବ୍ୟକ୍ତି ମଧ୍ୟ କହିଥିଲେ ଦିଶାରି ପାଖୁ ଯିବାରୁ କୁଆଡେ ଭଲ ହେଲେ। ନହେଲେ ୨ ମାସ ପରେ ସେ ଆଉ ଦୁନିଆରେ ନଥାନ୍ତେ। ସତରେ କହିବାକୁ ଗଲେ କଣ ଲୁଚି ରହିଛି ଅବା କଣ ଯାଦୁ ରହିଛି ଗୁଣି ଗାରେଡ଼ିରେ। ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଏବଂ ଭୟ ମଧ୍ୟ ଲାଗେ। କଣ ଚିକିତ୍ସା ବିଜ୍ଞାନ ଠୁ ମଧ୍ୟ ଏହି ଗୁଣି ଗାରେଡ଼ି ଆଉ ଦିଶାରୀ ଏତେ ଶକ୍ତିଶାଳୀ। ଏମିତି କେଉଁ ଜ୍ଞାନ ଗ୍ରହଣ କରିବାକୁ ପଡେ ଏହି ଗୁଣି ଗାରେଡ଼ି ପାଇଁ। କୋଉ କୋର୍ସ କରିବାକୁ ପଡେ। କଣ ଏହାର ରହସ୍ୟ।କେହି ବିଶ୍ୱାସ ନ କରିଲେ ମଧ୍ୟ ଏହା ସତ ଲାଗେ।ଯଦି କେହି ଆଖ ପାଖ ଲୋକ ଏହି କଷ୍ଟ ଭୋଗିକି ନିଜ ପାଖେ ଆସି କହିଥାନ୍ତି। ବସ୍ତୁତଃ କଣ ଲାଭ ମିଳିଥାଏ ଯେଉଁ ଲୋକ ଏହି କାମରେ ଲିପ୍ତ ରୁହନ୍ତି? ଏହା କରିବା ଦ୍ୱାରା ତାଙ୍କର କିଛି କଣ କ୍ଷତି ହୋଇନଥାଏ ? ବାସ୍ତବରେ ଏହା ଉପରେ ଗବେଷଣା ଟିଏ ହେବା ଉଚିତ ମନେ ହୁଏ। ଯେଉଁ ଲୋକ ଏହି କଷ୍ଟ ଭୋଗ କରୁଛନ୍ତି ଅତି କମ୍ ରେ ସେମାନେ କିଛି ସୂଚନା ପାଇବାକୁସମର୍ଥ ହୋଇ ପାରିଥାନ୍ତେ। ଏହି କଷ୍ଟ କୁ ଯେଉଁ ବ୍ୟକ୍ତି ଉପଲବ୍ଧି କରିଛି ସେ ହିଁ ତାର ପ୍ରକୃତ ଅର୍ଥ ବୁଝି ପାରିଥିବ । କିନ୍ତୁ ଏହା ବାସ୍ତବରେ ବାସ୍ତବ ନା ଅବାସ୍ତବ , ହୃଦୟଙ୍ଗମ କରିବା କାଠିକର ପାଠା ତଥାପ ମନ ଚାହେଁ ଗୋଟିଏ ଗଭୀର ଅନ୍ୱେଷଣ ଓ ଅନୁସନ୍ଧାନ ଅଭିଜ୍ଞତାକାରୀଙ୍କ ନିକଟରୁ ।

**ମାନସୀ ଆଚାର୍ଯ୍ୟ, ଅଧ୍ୟାପିକା**
**ବୈପାରୀଗୁଡ଼ା, କୋରାପୁଟ,**

# ସରୁନି ଦାଦନ ଦୁଃଖ, ଦାଦନ ଖଟିବାକୁ ଯାଇ ଚାରି ବର୍ଷ ହେବ ଘର ମୁଖିଆ ନିଖୋଜ

କୁନ୍ଦୁରା,୨୫।୫ (ଆନିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ରେ ପୁଣି ସମ୍ନାକୁ ଆସିଛି ଆଉ ଗୋଟେ ଦାଦନ ଶ୍ରମିକ ର ଦୁଃଖ ପରିବାର ଚଳାଇବା ପାଇଁ ବାହାର ରାଜ୍ୟକୁ କାମ କରିବାକୁ ଗଲେ ବାପା । ଉଦେଶ୍ୟ ଥିଲା ଦୁଇ ପଇସା ରୋଜଗାର କରି ଆଣିବେ ପରିବାରର ଦୁଃଖ ଦୂର କରିବେ କିନ୍ତୁ ଦାଦନ ଯାଇ ଚାରି ବର୍ଷ ହେବ ନିଖୋଜ ଅଛନ୍ତି ଘରର ମୁଖିଆ ସେପଟେ ପୁଅ ପେଟ ପାଇଁ ପାଠ ଛାଡିଛି, କୁଲି କାମ କରି ପରିବାର ଚଳାଉଛି ଏଭଳି ଘଟଣା କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ବାଗଦିରୀର ନିଖୋଜ ଦୁର୍ଯ୍ୟୋଧନଙ୍କ ପରିବାର ନିକଟରେ ଦେଖିବାକୁ ମିଳିଛି କୁନ୍ଦୁରା ବ୍ଲକ ବାଗଦିରୀ ଗାଁ ର ଦୁର୍ଯ୍ୟୋଧନ ପାଇକ ଜଣେ କୁଲି ମଜୁରିଆ ସେ କଷ୍ଟେ ମଷ୍ଟେ ନିଜ ପରିବାର ଚଳାଉ



ଥିଲେ ହେଲେ ଗରିବ ଶ୍ରେଣୀର ହେତୁ ତାଙ୍କର ଆର୍ଥିକ ଅନଟନ ଲାଗିରହିଥିଲା ଦୁଇ ପଇସା ଅଧିକ ରୋଜରାଗ କରିବେ ଆଉ ପରିବାରର ଦୁଃଖ ଦୂର କରିବେ,ଏହି ଆଶା ନେଇ ଦୁର୍ଯ୍ୟୋଧନ ଚାରି ବର୍ଷ ତଳେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ହେଲେ ସେ ଏ ଯାଏଁ ଘରକୁ ଫେରିଲେ ନାହିଁ। ତାଙ୍କ ସହ ପରିବାର ଲୋକଙ୍କ ଯୋଗାଯୋଗ ନାହିଁ । ତେଣୁ ଚିନ୍ତାରେ ପଡ଼ି ଯାଇଛନ୍ତି ଦୁର୍ଯ୍ୟୋଧନଙ୍କ ପରିବାର ପୁଅ ମିଥୁନ, ଝିଅ ବରୁଣୀ ପାଇକ ଓ ସ୍ତ୍ରୀ ପଦ୍ମା ପାଇକ । ଚାରି ବର୍ଷ ହେବ ଅସହାୟ ଅବସ୍ଥାରେ କେବଳ ସ୍ୱାମୀଙ୍କ ଫଟୋକୁ ଧରି ଗାଁର ଫେରିବା ରାସ୍ତାକୁ ଅନାଇ ବସିଛନ୍ତି ସ୍ତ୍ରୀ ସେପଟେ ପେଟ ପାଇଁ ପାଠ ଛାଡିଲେ ପୁଅ ମିଥୁନ ପାଇକ ଏବେ କଅଁଳ କାନ୍ଧରେ ପରିବାର ବୋଝ,ଘରର ଆର୍ଥିକ ସମସ୍ୟା ପାରିବାରିକ ଦାୟିତ୍ୱ ବଢିଗଲା ମାଆ ଓ ଭଉଣୀ ଙ୍କୁ ନେଇ କୁଲି ଭୁତି କରି ବଡ଼ କଷ୍ଟରେ ପରିବାର ଚଳାଉଛନ୍ତି ମିଥୁନ । ଏଣୁ ସରକାରୀ ସହାୟତା ପାଇଁ ପ୍ରଶାସନକୁ ନିବେଦନ କରାଯାଇଛି ପରିବାର ଲୋକେ ଦୁର୍ଯ୍ୟୋଧନ ପାଇକ ୨୦୨୩ ମସିହାରେ ଗାଁର କିଛି ଲୋକଙ୍କ ସହିତ ହାଇଦ୍ରାବାଦ ଦାଦନ ଖଟିବା ପାଇଁ ଯାଇଥିଲେ ହେଲେ ସାଥିରେ ଯାଇଥିବା ଗାଁ ଲୋକେ ଘରକୁ ଫେରିଲେ କିନ୍ତୁ ଚାରି ବର୍ଷ ବିତିଲାଣି କିନ୍ତୁ ଦୁର୍ଯ୍ୟୋଧନ ପାଇକ ଆଉ ଫେରି ନାହାନ୍ତି । ଏନେଇ ପ୍ରଥମେ କୁନ୍ଦୁରା ଥାନା ଦ୍ୱାରସ୍ତ ହୋଇଛନ୍ତି ଦୁର୍ଯ୍ୟୋଧନ ପାଇକଙ୍କ ସ୍ତ୍ରୀ ପଦ୍ମା ପାଇକ ତା ପରେ କୋରାପୁଟ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ ପରେ ୧୮୪ / ୨୦୨୩ ଅନୁଯାଇ ନିଖୋଜ ମାମଲା ରୁଜୁ ହୋଇଛି ଏବଂ ଗତ ତା ୧୧-୧୧-୨୦୨୪ରିଖ ଦିନ କୁ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ମଧ ଅଭିଯୋଗ ହୋଇଛି କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଖବର ନାହିଁ । ଏଣୁ ଦୁର୍ଯ୍ୟୋଧନଙ୍କୁ ଖୋଜିଆଣିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି ସ୍ଥାନୀୟ ସରପଞ୍ଚ ଏବଂ ଗାଁ ର ରଘୁନାଥ ବିଶୋଇ, ସେନାପତି ନାୟକ କେବଳ ଯେ କୁନ୍ଦୁରାର ବାଗଦିରୀ ଅଂଚଳ ନୁହଁ ସମଗ୍ର କୋରାପୁଟ ଜିଲ୍ଲାରେ ରହିଛି ଏଭଳି ଦାଦନ ସମସ୍ୟା ଚିନ୍ତା ବଢ଼ାଉଛି ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେବା ଜରୁରୀ ରହିଛି ବୋଲି ବୁଦ୍ଧିଜୀବୀ ମହାଲରେ ଆଲୋଚନା ଚାଲିଛି ।

## ଗୋଷ୍ଠୀ ସଂଘର୍ଷ ରୋକିବାକୁ ଶାନ୍ତି କମିଟି ଗଠନ

# ମୁତୟନ ହୋଇଛନ୍ତି ଯବାନ

ରାୟଗଡ଼ା,୨୫।୫(ଆନିସ): ହାଡ଼ପା ନିଖିଲ ହତ୍ୟା ମାମଲା ନେଇ ଅଶାନ୍ତ ହୋଇଛି ରାୟଗଡ଼ା ସହର। ପୁଲିସ ବର୍ତମାନ ସୁଦ୍ଧା ୧୨ ଜଣଙ୍କୁ ଗିରଫ କରିଥିବା ବେଳେ ଏଥିରେ ଜଡ଼ିତ ଥିବା ଅନ୍ୟ ଅପରାଧୀଙ୍କୁ ଖୋଜୁଛି। ତଥାପି ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଗତ ଶୁକ୍ରବାର ରାତିରେ ରେଲି ସାହି ଓ ପିଟଲା ସାହି ମଧ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ଏହାକୁ ନେଇ ପୁଲିସ ପକ୍ଷରୁ ରେଲି ସାହି ଏବଂ ପିଟଲା ସାହିରେ ମାମଲା ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଛି। ଗତକାଲି ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ ହୋଇଥିଲା । ରାୟଗଡ଼ା ଥାନାରେ ତିନିଟି ମାମଲା ରୁଜୁ ହୋଇଛି। ଏଥି ସହିତ ମୃତ ନିଖିଲଙ୍କ ବାପା ହାଡ଼ପା ଶିବାଙ୍କୁ ପୁଲିସ ଖୋଜୁଥିବା ଜଣାପଡ଼ିଛି । ତାଙ୍କ ନାଁରେ ମଧ ଅପରାଧିକ ମାମଲା ରହିଥିବା କାରଣରୁ ପୁଲିସ



ଖୋଜାଖୋଜି ଚଳାଇଛି । ସହରକୁ ଅପରାଧମୁକ୍ତ କରାଯିବା ପାଇଁ ପୁଲିସ ଦୃଢ଼ ପଦକ୍ଷେପ ନେବାକୁ ନିଷ୍ପତି ନେଇଥିବା ସୂଚନା ମିଳିଛି । ଅପରାହ୍ନରେ ଉପଜିଲ୍ଲାପାଳ ରମେଶ କୁମାର ଜେନା, ଏଏସପି ରାମେନ୍ଦ୍ର ପ୍ରସାଦ, ଏସଡିପିଓ ଗୌରହରି ସାହୁ ଓ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ରେଲି ସାହି ଓ ପିଟଲା ସାହିର ଲୋକଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇ ସମସ୍ୟାର ସମାଧାନ କରିବା ସହିତ ଗୋଷ୍ଠୀ ସଂଘର୍ଷରୁ ଦୂରେଇ ରହିବା ପାଇଁ ଆଲୋଚନା ହୋଇଥିଲା । ତେବେ ସହରର ସୁରକ୍ଷା ଏବଂ ଉତେଜନା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପକ୍ଷରୁ ସହରରେ ବ୍ୟାପକ ଯବାନ ମୁତୟନ କରାଯାଇଛି । ଏଭଳିକି ଯବାନମାନେ ସାଧା ପୋଷାକରେ ମଧ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରୁଥିବା ପରିଲିଖିତ ହୋଇଛି। ପରିସ୍ଥିତି ନିୟନ୍ତ୍ରଣ ଥିବା ଏସଡିପିଓ ଶ୍ରୀ ସାହୁ କହିଛନ୍ତି।

## ଗ୍ରାମାଞ୍ଚଳ ଠିପି ବନ୍ଦ ମଦ ଦୋକାନ ପାଇଁ ପ୍ରତିଯୋଗିତା

# ୨୫ଟି ଦୋକାନ ପାଇଁ ଦରଖାସ୍ତରୁ ପାଇଲେ ୧୮ କୋଟି ୪୮ ଲକ୍ଷ ଟଙ୍କା

ରାୟଗଡା,୨୫ ।୫(ଆନିସ) ରାୟଗଡା ଜିଲ୍ଲାରେ ୨୮ଟି ଠିପି ବନ୍ଦ ମଦ ଦୋକାନ ପାଇଁ ଦରଖାସ୍ତ ଆହ୍ୱାନ ହୋଇଥିଲା । ସୂଚନାରୁ ଜଣାପଡିଛି ୨୮ ଦୋକାନ ମଧ୍ୟରୁ ୩ଟି ଠିପି ବନ୍ଦ ଦୋକାନ ପାଇଁ କେହି ଦରଖାସ୍ତ ପକାଇନାହାନ୍ତି । ଅପରପକ୍ଷରେ ୨୫ଟି ଦୋକାନ ପାଇଁ ସମୁଦାୟ ୬୧୬ ଜଣ ଆବେଦନ କରିଥିବା ଜଣା ପଡିଛି । ଦରଖାସ୍ତ ବାବଦରେ ସରକାରଙ୍କ ତହବିଲକୁ ଆସିଛି ୧୮ କୋଟି ୪୮ ଲକ୍ଷ ଟଙ୍କା । ଚଳିତ ବର୍ଷ ନୂତନ ଅବକାରୀ ନୀତିରେ ଗୋଟିଏ ଠିପି ବନ୍ଦ ଦୋକାନ ପିଛା ୩ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ଯାହା ପୂର୍ବରୁ ୧ଲକ୍ଷ ଟଙ୍କା ଥିଲା । ଚଳିତ ବର୍ଷ ରାୟଗଡା ସହରାଞ୍ଚଳ ଠିପି ବନ୍ଦ ମଦ ଦୋକାନ ପାଇବା ପାଇଁ ଆବେଦନକାରୀଙ୍କ ସଂଖ୍ୟା କମିଯାଇଥିବା ବେଳେ ଗ୍ରାମାଞ୍ଚଳ ମଦ ଦୋକାନ ପାଇଁ ଆବେଦନକାରୀଙ୍କ ସଂଖ୍ୟା ବହୁ ମାତ୍ରାରେ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ମୁନିଗୁଡାର ଗୋଟିଏ ଠିପି ବନ୍ଦ ଦୋକାନ ପାଇଁ ୮୭ ଜଣ ଆବେଦନ କରିଥିବା ବେଳେ,

ରାମନାଗୁଡା ଦୋକାନ ପାଇଁ ୮୦ ଜଣ,ବିଷମକଟକ ଦୋକାନ ପାଇଁ ୬୪ ଜଣ,ଗୁଣପୁର ୧ ନମ୍ବର ଦୋକାନ ପାଇଁ ୫୮ ଓ ୨ ନମ୍ବର ଦୋକାନ ପାଇଁ ୫୮ଜଣ,ଅମଲାଭଟ୍ଟା ଦୋକାନ ପାଇଁ ୪୩ଜଣ, ପଦ୍ମପୁର ଦୋକାନ ପାଇଁ ୪୦ଜଣ,ଗୁଡାରି ଦୋକାନ ପାଇଁ ୩୬ ଜଣ,ଟିକିରି ଦୋକାନ ପାଇଁ ୩୨ଜଣ,ସିମାନ୍ତ ଅଞ୍ଚଳ କେରଡା ଦୋକାନ ପାଇଁ ୨୨ ଜଣ,କାଶିପୁର ଦୋକାନ ପାଇଁ ୧୮ଜଣ,ଜେକେପୁର ଠାରେ ୨ଟି ଦୋକାନ ପାଇଁ ୧୯ ଜଣ,ଥେରୁବାଲି ଦୋକାନ ପାଇଁ ୬ଜଣ ଆବେଦନ କରିଥିବା ଅବକାରୀ ବିଭାଗିୟ ତଥ୍ୟରୁ ଜଣାପଡିଛି । ସେହିଭଳି ରାୟଗଡା ସହରାଞ୍ଚଳର ୧୨ଟି ଦୋକାନ ପାଇଁ ମାତ୍ର ୩୭ ଜଣ ଆବେଦନ କରିଥିବା ବେଳେ ରାୟଗଡା ସହର ସପ୍? ନମ୍ବର ୨, ୬ ଓ କୁମୁଟିପେଣ୍ଠ ଦୋକାନ ପାଇଁ କେହି ଆବେଦନ କରିନଥିବା ଜଣାପଡିଛି । ରାୟଗଡା ସହରାଞ୍ଚଳରେ ୨ଟି ଦୋକାନରେ ଜଣେ ଲେଖାଏଁ ବ୍ୟକ୍ତି ଆବେଦନ କରିଛନ୍ତି । ଆସନ୍ତା ୨୫,୨୬ ଓ ୨୭ ତାରିଖରେ ଆବଦନକାରୀଙ୍କ ଦରଖାସ୍ତ ସ୍କୃଟିନି କରାଯିବ ବୋଲି ରାୟଗଡା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ ସୂଚନା ଦେଇଛନ୍ତି । ସ୍କୃଟିନି ପରେ ଲଟେରୀ କରାଯିବ ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ଧଳସାମନ୍ତ ସୂଚନା ଦେଇଛନ୍ତି । ଚଳିତ ବର୍ଷ ବହୁ ସଂଖ୍ୟାରେ ମହିଳା ମାନେ ମଧ ଠିପି ବନ୍ଦ ମଦ ଦୋକାନ ପାଇଁ ଆବେଦନ କରିଥିବା ଦେଖିବାକୁ ମିଳିଛି ।

# ପ୍ରହଲ୍ଲାଦ ସହାୟ ମୀନା ହେଲେ ଗଜପତିର ନୂତନ ଏସପି



ପାରଳାଖେମୁଣ୍ଡି,୨୫।୫ (ଆନିସ): ଗଜପତି ଜିଲ୍ଲାର ନୂତନ ଏସପି ଭାବେ ପ୍ରହଲ୍ଲାଦ ସହାୟ ମୀନାଙ୍କୁ ଦାୟିତ୍ୱ ମିଳିଥିବା ଜଣାଯାଇଛି. ଓଡିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଆଇପିଏସ୍/ ଓପିଏସଙ୍କ ସ୍ତରରେ ବଡ ଧରଣର ଅଦଳବଦଳ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ପ୍ରହଲ୍ଲାଦ ସହାୟ ମୀନା ନିଯୁକ୍ତ ହୋଇଥିବାର ଜଣାପଡିଛି । ଶ୍ରୀ ମୀନା ୨୦୧୭ ବ୍ୟାଚର ଆଇପିଏସ୍? ଅଫିସର ବୋଲି ଜଣାପଡିଥିବା ବେଳେ ସେ ବରଗଡ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଭାବେ ଅବସ୍ଥାପିତ ଥିଲେ । ଏଥି ପୂର୍ବରୁ ଗଜପତି ଜିଲ୍ଲାର ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଗତ ମାର୍ଚ୍ଚ ମାସ ଶେଷରେ ଅବସର ଗ୍ରହଣ କରିଥିଲେ । ଏହାପରେ ଏହି ପଦବୀରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ୍. ଏବଂ ଗଜପତିର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି ସାମୟିକ ଭାବେ ଭାରପ୍ରାପ୍ତ ଏସପି ଭାବେ ଏହି ଗୁରୁଦାୟିତ୍ୱ ତୁଲାଉଥିଲେ । ଶ୍ରୀ ମୀନାଙ୍କୁ ବର୍ତ୍ତମାନ ରାଜ୍ୟ ସରକାର ଗଜପତି ଜିଲ୍ଲାର ନୂତନ ଏସପି ଭାବେ ଦାୟିତ୍ୱ ଦେଇଛନ୍ତି ।

# ସମାଜସେବା ପାଇଁ ଗଜପତିର ଶିକ୍ଷକ କିଶୋର ଦାସଙ୍କୁ ମହାରାଷ୍ଟ୍ର ର ପୁନେ ଠାରେ ସମ୍ମାନୀତ ହେଲେ

ପାରଳାଖେମୁଣ୍ଡି,୨୫।୫ (ଆନିସ): ସମାଜସେବା ପାଇଁ ଗଜପତି ଜିଲ୍ଲାର ଶିକ୍ଷକ କିଶୋର ଚନ୍ଦ୍ର ଦାସଙ୍କୁ ପୁନେରେ ସମ୍ମାନୀତ କରାଯାଇଥିବା ସୂଚନା ମିଳିଛି । ମହାରାଷ୍ଟ୍ର ରାଜ୍ୟର ପୁନେ ସହରର ହୋଟେଲ ନିଉ ମୋଶୀ ଗ୍ରାଣ୍ଡ ଠାରେ ଥିବା ସମ୍ମିଳନୀ କକ୍ଷରେ ଶ୍ରୀ ଦାସଙ୍କୁ ସମ୍ମାନୀତ କରାଯାଇ ମୁମେଣ୍ଟ ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଛି । ଏହି ସମାବେଶରେ ଭାରତୀୟ ଆୱାର୍ଡ କାଉନସିଲ ପ୍ରତିଷ୍ଠାତା ଡ଼କ୍ଟର ଅନୁ କ୍ରିଷ୍ଣାଙ୍କ ସମେତ ମୁଖ୍ୟ ଅତିଥି ଭାବେ ଅଧକ୍ଷ ଅନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା କାଉନସିଲ, ଡ଼କ୍ଟର ଆଲୋକ କୁମାର ବୋଷ, ସନ୍ମାନୀୟ ଅତିଥି ଭାବେ ଅଧକ୍ଷ ମାନବ ଅଧିକାର ଆସୋସିସନ ଶିବଦାସ ନାରାୟଣ ମହାଜନ ଓ ବରିଷ୍ଠ ଅତିଥି ଭାବେ ବିଜୟ ଜ୍ଞାନେଶ୍ୱର ଚହ୍ୱାନ ଉପସ୍ଥିତ ଥିଲେ। ଭାରତୀୟ ଆୱାର୍ଡ କାଉନସିଲ ପ୍ରତିଷ୍ଠାତା




ଡ଼କ୍ଟର ଅନୁ କ୍ରିଷ୍ଣା କହିଛନ୍ତି ଗଜପତିର ଶିକ୍ଷକ କିଶୋର ଚନ୍ଦ୍ର ଦାସ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ସମ୍ମାନୀତ କରାଯାଇଛି ।

# ରବି ଧାନ ସଂଗ୍ରହ ପାଇଁ ଜୟପୁର ସବଡ଼ିଭିଜନ ରେ ଗଡ଼ିଲା ଚାଷୀ ସଚେତନତା ରଥ

ଜୟପୁର,୨୫।୫ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ସବଡ଼ିଭିଜନ ରେ ରବି ଧାନ ସଂଗ୍ରହ ପାଇଁ ୩ ଟି ଚାଷୀ ସଚେତନତା ରଥ ର ଶୁଭାରମ୍ଭ ହୋଇଛି, ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ, ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଏହି ରଥ ସବୁ ଜୟପୁର ସବଡ଼ିଭିଜନ ର ବିଭିନ୍ନ ବ୍ଲକ ବୁଲି ଚାଷୀ ମାନଙ୍କୁ ସଚେତନତା କରାଇବ, ଚାଷୀ ମାନେ ଟୋକେନ ସଂଗ୍ରହ କରି ଧାନ ପରିଷ୍କାର କରି ଏଫକ୍ୟୁ ମାନର ଧାନ ଆଣିବା ପାଇଁ କୁହା ଯାଇଛି, ପ୍ରତି ମଣ୍ଡି ରେ ଚାଷୀ ମାନଙ୍କ ପାଇଁ ସମସ୍ତ ସୁବିଧା କରାଯିବ, ଯେପରି କି ପାନୀୟ ଜଳ ଓଆରଏସ ପାଉଡର, ବିଦ୍ୟୁତ, ଚାଷୀ ମାନେ ଛାଇ ରେ ବସିବା ପାଇଁ ଟେଣ୍ଟ ମାରିବା ଭଳି ଅନେକ ଦିଗ ଉପରେ ଧ୍ୟାନ ଦିଆଯିବ, କଟଣି ଛଟଣି ଉପରେ ମଧ ନଜର ରହିବ, ଚାଷୀ ଯେପରି ନିଜର ଉପ ଉପାର୍ଜିତ ଶସ୍ୟ



କୁ ସଠିକ ଭାବେ ବିକ୍ରି କରି ପାରିବ ସେ ନେ ନେଇ ଅଧିକ ଧ୍ୟାନ ଦିଆଯିବ ବୋଲି ଉପ ଜିଲ୍ଲାପାଳ ଯଦୁମଣି ନାୟକ କହିଛନ୍ତି, ଏହି ରଥ ଜୟପୁର ପୌରପାଳିକା,ଜୟପୁର,କୁନ୍ଦୁରା, ବୈପାରୀଗୁଡା, କୋଟପାଡ଼, ବୋରିଗୁମ୍ମା ର ସମସ୍ତ ଗାଁ ବୁଲିବ,ଏହି କାର୍ଯ୍ୟକ୍ରମ ରେ ରେ ଜୟପୁର ନିୟନ୍ତ୍ରିତ ବଜାର କମିଟି ର ସମ୍ପାଦକ ତୁଷାର କାନ୍ତି ସେଠି ଏବଂ ଆରଏମସି ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ,

# ନିଖିଲ ହତ୍ୟା ମାମଲାରେ ଆଉ ୪ ଗିରଫ

## ହତ୍ୟା ଘଟଣାରେ ବର୍ତମାନ ସୁଦ୍ଧା ୧୬ ଗିରଫ

ରାୟଗଡ଼ା,୨୫।୫(ଆନିସ) ରାୟଗଡ଼ା ସହରର ହାଡ଼ପା ନିଖିଲ ହତ୍ୟା ମାମଲାରେ ପୋଲିସ ୧୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତିନି ମୁଖ୍ୟ ଷଡ଼ଯନ୍ତ୍ରକାରୀ ସମେତ ୪ଜଣଙ୍କୁ ଗିରଫ କରାଯାଇଥିବା ଏସପି ସ୍ୱାଥି ଏସ.କୁମାର ସୂଚନା ଦେଇଛନ୍ତି । ଗିରଫ ତିନି ମୁଖ୍ୟ ଷଡ଼ଯନ୍ତ୍ରକାରୀ ହେଲେ ଟିଂଟୁ ଓରଫ୍ ଦେବାଶିଷ ବିଭୋର, ପବନ କଣ୍ଟ ଏବଂ ସାଗର କନ୍ଥ । ଏହି ମାମଲରେ ଜଡ଼ିତ ରହିଥିବା ଅନ୍ୟ ଜଣେ ଗିରଫ ଅଭିଯୁକ୍ତ ହେଲେ ଅଜୟ ଦେବରାପଲୀ । ଏହି ଚାରି ଜଣଙ୍କ ସମେତ ନିଖିଲ ହତ୍ୟା ମାମଲାରେ ବର୍ତମାନ ସୁଦ୍ଧା ୧୬ଜଣ ଗିରଫ ହୋଇଥିବା ଏସପି ସ୍ୱାଥି ଏସ.କୁମାର କହିଛନ୍ତି । ତିନି ମୁଖ୍ୟ ଷଡ଼ଯନ୍ତ୍ରକାରୀ ଟିଂଟୁ, ପବନ ଓ ସାଗରଙ୍କୁ ପୋଲିସ ବିଶାଖାପାଟଣା, ଗୋଆ ଏବଂ କର୍ଣ୍ଣାଟକ ହୁବାଲି ପର୍ଯ୍ୟନ୍ତ ପିଛା କରିବା ପରେ ଗିରଫ କରିବାରେ ସଫଳ ହୋଇଥିବା କହିଛନ୍ତି ଏସପି ସ୍ୱାଥି ଏସ.କୁମାର ।

ସେହିଭଳି ଅଜୟଙ୍କୁ ଆନ୍ଧ୍ରପ୍ରଦେଶ ରାଜ୍ୟର ପେଲନାଡ଼ୁ ଜିଲାରୁ ଗିରଫ କରାଯାଇଥିବା ସୂଚନା ମିଳିଛି । ପ୍ରକାଶ ଥାଉକି, ଗତ ୯ ତାରିଖ ରାତି ରାୟଗଡ଼ା ସହରର ଅଭିଯୁକ୍ତମାନେ ନିଖିଲକୁ ଗୋଡ଼ାଇ ଗୋଡ଼ାଇ ଇନ୍ଦିରାନଗର ତୃତୀୟ ଲେନ୍ ଠାରେ ଗୁଳି ମାରିଥିଲେ । ଏହାପରେ ୧୦ ତାରିଖ ଦିନ ସକାଳୁ କନ୍ଧତୁମ୍ପିଗୁଡ଼ା ନିକଟସ୍ଥ ନାଗାବଳୀ ନଦୀ ତଟରେ ନିଖିଲଙ୍କ ମୃତ ଦେହ ଠାବ କରିଥିଲା ପୋଲିସ । ପୂର୍ବରୁ ନିଖିଲଙ୍କୁ ଅପହରଣ କରିବା ନେଇ ତାଙ୍କ ମାଆ ବାଲାମା ପୋଲିସରେ ଏତଲା ଦେଇଥିଲେ । ତେବେ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାସ ପାଇଁ ଏସପିଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ବିଭିନ୍ନ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ଏହି ତଦନ୍ତ ବେଳେ ଗିରଫ ବ୍ୟକ୍ତିମାନେ ସାମିଲ ଥିବା ପୋଲିସ ଜାଣିବାକୁ ପାଇଥିଲା । ସେମାନେ ବିଭିନ୍ନ ରାଜ୍ୟକୁ ଫେରାର ହୋଇଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିବା ପରେ ପୋଲିସ ଟିମ୍ ବିଭିନ୍ନ ରାଜ୍ୟକୁ ଗସ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି ।

# ସୁରକ୍ଷା ଖୋଜୁଛି କୋଟିଆ ଫଳକ, ଫଳକ କ୍ଷତିଗ୍ରସ୍ତ ହେବାର ଆଶଙ୍କା

ଜୟପୁର,୨୫।୫ (ଆନିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ କୋଟିଆ




ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ରହିଥିବା କୋଟିଆ ଫଳକ ଏବେ ସୁରକ୍ଷା ଖୋଜୁଛି। ଫଳକକୁ ସୁରକ୍ଷା ଦେବା ପାଇଁ ଚାରିପାଖରେ ଲୁହାର ସୁରକ୍ଷା ବାଡ଼ ନିର୍ମାଣ କରାଯାଇଥିଲା। ହେଲେ ବର୍ତ୍ତମାନ ସେହି ସୁରକ୍ଷା ବାଡ଼ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। କୋଟିଆ ଅଞ୍ଚଳକୁ ବୁଲିବା ପାଇଁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ଲୋକ ଆସୁଥିବା ବେଳେ ଏହି ଫଳକର ସୁରକ୍ଷାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ସୁରକ୍ଷା ବାଡ଼ ଭାଙ୍ଗିଯାଇଥିବାରୁ ଫଳକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏନେଇ ପ୍ରଶାସନ ଶୀଘ୍ର ଦୃଷ୍ଟି ଦେଇ ଫଳକର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ଆୟୋଜିତ

ନର୍ଲା,୨୫।୫(ଆନିସ) ନର୍ଲା ବ୍ଲକ ସଭାଗୃହ ଠାରେ ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ସମେତ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ୪୧ ଗୋଟି



ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ବ୍ଲକର କେରାଣ୍ଡିଖୁଣ୍ଟି ଠାରୁ ଭୀମକେଲା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣରେ ଠିକାଦାରଙ୍କ ମନ୍ଥର କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେହିପରି ସରିଆଁ,ଟୋଲ ବ୍ରାହ୍ମଣୀ, ଚିଆଁପଦର, ଅର୍ଜୁନ ଗାଁ ଓ ଦେଣ୍ଡୋଗୁଡା ଗାଁରେ ମଦ ବିକ୍ରିକୁ ବନ୍ଦ କରିବାକୁ ଗ୍ରାମବାସୀ ମାନେ ଦାବୀ ପତ୍ର ପ୍ରଦାନ କରିଥିଲେ।

# ଶୀତଳ ଷଷ୍ଠୀ ସକାଶେ ଖମ୍ବପଡା ଶୈବପୀଠରେ ଥାଳଉଠା କାର୍ଯ୍ୟକ୍ରମ

ନର୍ଲା, ୨୫।୫(ଆନିସ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରା - ଖମ୍ବପଡ଼ା ଶୈବପୀଠରେ ଶିବ ବିବାହ - ଶୀତଳଷଷ୍ଠୀ ପାଇଁ ଥାଳଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଏବର୍ଷ ମଧ ଆସନ୍ତା ଜୁନ୍? ୧୯ ତାରିଖରେ ବାବା ବିଶେଶ୍ୱରଙ୍କର ଶୀତଳଷଷ୍ଠୀ ପର୍ବ ଆୟୋଜିତ ହେବା ସେଥିପାଇଁ ଶିବକର୍ତ୍ତା ଭାବେ ଧଅାଁରାମାଲ ନିବାସୀ ବ୍ରଜ ରଣା ଓ ବିଦୁସୂତା ରଣା ଏବଂ ପାର୍ବତୀ କର୍ତ୍ତା ଭାବେ ଟୁଟିଙ୍ଗ ନିବାସୀ ରାଜକୁମାର ଯୋଶୀ ଓ ରଜନୀ ଯୋଷୀ ଦାୟିତ୍ୱ ନିର୍ବାହ କରିବେ। ତେବେ ଥାଳଉଠା କାର୍ଯ୍ୟକ୍ରମରେ ଉଭୟ ପକ୍ଷ ଉପସ୍ଥିତ ରହି ଥାଳ ଅଦଳ ବଦଳ କରିଥିଲେ। ପୂଜକ ଗୋପାଳ ପୂଝାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏ ଅବସରରେ ରୁପ୍ରା



ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ସମବେତ ହୋଇଥିଲେ। ଶିବଶକ୍ତି ସାଂସ୍କୃତିକ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ ଆହ୍ୱାନ କରିଥିଲେ। ସୂଚନାଯୋଗ୍ୟ ଯେ ରୁପ୍ରା - ଖମ୍ବପଡ଼ା ବିଶେଶ୍ୱର ଶୈବପୀଠ ଏକ ପ୍ରାଚୀନ ଶୈବପୀଠ ଭାବେ କଳାହାଣ୍ଡି ଜିଲ୍ଲାରେ ଜଣାଶୁଣା। ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରୁ ଏହା ପରିଚିତ ଥିବାବେଳେ ଶିବଶକ୍ତି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ବର୍ଷତମାମ ଆୟୋଜିତ ହୋଇଆସୁଛି।

# ଓଏସପିସିବି-ଉତ୍କଳ ଆଦିତ୍ୟ ରିଫାଇନେରୀ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

ରାୟଗଡା , ୨୫/୫(ଆନିସ): ରାୟଗଡ଼ା ଜିଲ୍ଲା ଟି ଅନ୍ତର୍ଗତ ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ଉତ୍କଳ ଆଲୁମିନା, ଉତ୍କଳ ଆଦିତ୍ୟ ରିଫାଇନେରୀ ଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (ଓଏସପିସିବି) ମଧ୍ୟରେ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଅଭିଯାନ ସମ୍ବନ୍ଧୀୟ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ସ୍ଥାନୀୟ ଓଷାପଡ଼ା ସ୍ଥିତ ଟାଉନସିପ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ୨୦ ଓଭର ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍‌ର ୟୁନିଟ୍ ହେଡ୍ ଶ୍ରୀ ରବି ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଶ୍ରୀ ସିତିକାନ୍ତ ସାହୁ, ବଲାଙ୍ଗିର ଆଞ୍ଚଳିକ ଅଧିକାରୀ ଶ୍ରୀମତୀ ବବିତା ସିଂ, ପରିବେଶ ଯନ୍ତ୍ରୀ ଶ୍ରୀ ଦେବବ୍ରତ ସେଠୀ, ବରିଷ୍ଠ ପରିବେଶ ଯନ୍ତ୍ରୀ ଶ୍ରୀ ସନ୍ତୋଷ ପଣ୍ଡା, ସମ୍ବଲପୁର ଆଞ୍ଚଳିକ ଅଧିକାରୀ ଶ୍ରୀ ସତ୍ୟନାରାୟଣ ନନ୍ଦ, ରାଉରକେଲା



ଆଞ୍ଚଳିକ ଅଧିକାରୀ ଶ୍ରୀ ଅନୁପ ମଲ୍ଲିକ, ରାୟଗଡା ଆଞ୍ଚଳିକ ଅଧିକାରୀ ଶ୍ରୀ ଅଶୋକ କୁମାର ଭୋଇ, ରାୟଗଡା ଉପ-ଯନ୍ତ୍ରୀ ଶ୍ରୀ ରେପୁ କୁମାର ସାହୁ, ୟୁଆଇଏଏଲ ୟୁନିଟ୍ ମୁଖ୍ୟ ଶ୍ରୀ ରବି ନାରାୟଣ ମିଶ୍ର ଓ ଆଦିତ୍ୟ ରିଫାଇନେରୀର ପ୍ରୋଜେକ୍ଟ ମୁଖ୍ୟ ଶ୍ରୀ ମଜହର ବେଗ୍ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଅତିଥିମାନେ ଉଦବୋଧନ ଦେଇ କହିଥିଲେ ଯେ, ପ୍ରଦୂଷଣ ଜନିତ ବିପଦକୁ ହ୍ରାସ କରିବା, ପଲିଥିନ୍ ବ୍ୟବହାରକୁ ନିରୁତ୍ସାହିତ କରିବା ଓ ପ୍ରାକୃତିକ ସମ୍ପଦର ସୁବିବେଚିତ ବ୍ୟବହାର ମାଧ୍ୟମରେ ପରିବେଶର ସୁରକ୍ଷା କରି ଏକ ସ୍ଥାୟୀ ଭବିଷ୍ୟତ ଗଢ଼ି ତୋଳିବା ଆବଶ୍ୟକ। ବରିଷ୍ଠ ପରିବେଶ ଯନ୍ତ୍ରୀ ଶ୍ରୀ ଦିଲୀପ ଦାସ ମଧ ସମାବେଶକୁ ସମ୍ବୋଧିତ କରି ପରିବେଶ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ସମ୍ଭବ ଥିଲେ ଗାଡ଼ି ପରିବର୍ତ୍ତେ ସାଇକେଲ୍ ବ୍ୟବହାରକୁ ଉତ୍ସାହିତ କରିଥିଲେ।

ମ୍ୟାଚ୍‌ରେ ଓଏସପିସିବି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯୪ ରନ୍ ସଂଗ୍ରହ କରିଥିଲା। ପରବର୍ତ୍ତୀ ସମୟରେ ଉତ୍କଳ ଆଦିତ୍ୟ ରିଫାଇନେରୀ ଦଳ ଜୋରଦାର ପ୍ରୟାସ କରିଥିଲେ ମଧ ମାତ୍ର ୩ ରନ୍‌ରେ ପରାଜିତ ହୋଇଥିଲା। ଫଳରେ ମ୍ୟାଚ୍‌ଟି ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଓଏସପିସିବିର ପ୍ରାୟ ୫୯ ଜଣ ସଦସ୍ୟ ଯୋଗଦେଇଥିବା ବେଳେ ଉତ୍କଳ ଆଦିତ୍ୟ ରିଫାଇନେରୀ ପକ୍ଷରୁ ଶ୍ରୀ ନାରାୟଣ ମିତ୍ର, ଶ୍ରୀ କିରଣ ନାୟକ, ଶ୍ରୀ ସମୀର ପାଢ଼ୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିବେଶ ବିଭାଗର ଶ୍ରୀ ସୁରେନ୍ଦ୍ର ସିଓରାନ, ଶ୍ରୀ ଚନ୍ଦନ ଚୌଧୁରୀ, ଶ୍ରୀ ସୁବ୍ରମଣ୍ୟୁ କୁଣ୍ଡ ଓ ଅନ୍ୟ ସଦସ୍ୟମାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା। ସମସ୍ତ ଅତିଥିମାନେ ଚାରା ରୋପଣ କରି ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଗଠନର ବାର୍ତ୍ତା ଦେଇଥିଲେ।

ଏହି ପଦକ୍ଷେପ ଉତ୍କଳ ଆଲୁମିନା ଓ ଆଦିତ୍ୟ ରିଫାଇନେରୀର ପରିବେଶ ସୁରକ୍ଷା ପ୍ରତି ଦୃଢ଼ ପ୍ରତିବଦ୍ଧତା ଓ ସମସ୍ତ ହିତଧାରୀଙ୍କ ସହ ସହଯୋଗମୂଳକ ସମ୍ପର୍କର ପ୍ରତିଫଳନ ପ୍ରମାଣିତ କରିଛି।

# ଡାକବଙ୍ଗଳା ଶୂନ୍ୟ ପଟ୍ଟାମୁଣ୍ଡାଇ! ରାଜନୀତି ସଂସ୍କୃତି ଓ ବିକାଶ ପ୍ରଭାବିତ

## ବଡ଼ ବଡ଼ ହୋଟେଲ ଏକମାତ୍ର ସାହାରା



ପଟ୍ଟାମୁଣ୍ଡାଇ, ୨୫।୫ (ଆନିସ): ଓଡିଶା ରାଜନୀତିର ଅନ୍ୟତମ ପ୍ରମୁଖ କେନ୍ଦ୍ରସ୍ଥଳ ପ୍ରମୁଖ ବାଣିଜ୍ୟକ ପେଣ୍ଠ ସ୍ଥଳ ପଟ୍ଟାମୁଣ୍ଡାଇ ଏବେ ଡାକବଙ୍ଗଳା ଶୂନ୍ୟ ହୋଇପଡିଛି ପଟ୍ଟାମୁଣ୍ଡାଇ ଐତିହ୍ୟ ସଂସ୍କୃତି ପରମ୍ପରାର ସୁରକ୍ଷା ଓ ପଟ୍ଟାମୁଣ୍ଡାଇ ବିକାଶର ନକ୍ସା ପ୍ରସ୍ତୁତ ହୋଇଥାଏ ଏହି ଡାକବଙ୍ଗଳାରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନୀତିକୁ ନିୟଂତ୍ରଣ କରୁଥିବା ଗରାପୁର ଡାକବଙ୍ଗଳା ଓ ପଟ୍ଟାମୁଣ୍ଡାଇ ଡାକବଙ୍ଗଳାର ବିଶେଷ ଗୁରୁତ୍ୱ ରହିଛି ପଟ୍ଟାମୁଣ୍ଡାଇ (ସଂ)ବିଧାନସଭା ଆସନରୁ ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ପ୍ରହଲ୍ଲାଦ ମଲିକ ଓ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଏହି ଆସନରୁ ପ୍ରତିନିଧିତ୍ୱ କରି ଆସନ ଗୁରୁତ୍ୱ ଓ ଗାରିମାକୁ ରାଜ୍ୟ ରାଜନୀତିରେ ପ୍ରତିଷ୍ଠିତ କରିଥିଲେ ପଟ୍ଟାମୁଣ୍ଡାଇ ଡାକବଙ୍ଗଳା ପଟ୍ଟାମୁଣ୍ଡାଇର ପ୍ରାଣକେନ୍ଦ୍ର ଦେଶ ବିଦେଶ ସମେତ ରାଜ୍ୟର ବଡ଼ ବଡ଼ ଅଧିକାରୀ ଓ ରାଜ୍ୟପାଳ ବିଭିନ୍ନ ଦଳର ମୁଖ୍ୟମନ୍ତ୍ରୀ,ମନ୍ତ୍ରୀ ସାଂସଦ ବିଧାୟକ ଓ ନେତା ଡାକ ବଙ୍ଗଳାକୁ ସେମାନଙ୍କ ନୀତି ନିର୍ଧାରଣ କେନ୍ଦ୍ର ଭାବେ ବ୍ୟବହାର କରିଥାନ୍ତି ପଟ୍ଟାମୁଣ୍ଡାଇ ଡାକ ବଙ୍ଗଳାରେ ପ୍ରସ୍ତୁତ ହୁଏ ପଟ୍ଟାମୁଣ୍ଡାଇ ବିକାଶର ନକ୍ସା ରାଜ୍ୟର ପଦସ୍ଥ ସରକାରୀ ପଦାଧିକାରୀ ଓ ମନ୍ତ୍ରୀ ବିଧାୟକଙ୍କୁ ଭେଟି ଦୁଃଖ ଜଣାଇବା ପାଇଁ ଡାକ ବଙ୍ଗଳାକୁ ଦୌଡ଼ି ଆସିଥାନ୍ତି ଅତୀତରେ ପଟ୍ଟାମୁଣ୍ଡାଇ ଗସ୍ତରେ ଆସୁଥିବା ମନ୍ତ୍ରୀ ବିଧାୟକ ଓ ସରକାରୀ ପଦାଧିକାରୀଙ୍କ ରାତ୍ରି ପାଇଁ ଡାକବଙ୍ଗଳା ସଂରକ୍ଷିତ ରଖା ଯାଇଥାଏ ପଟ୍ଟାମୁଣ୍ଡାଇ କଲେଜ ମହିଳା କଲେଜ ପଟ୍ଟାମୁଣ୍ଡାଇ କେନାଲ ପଟ୍ଟାମୁଣ୍ଡାଇ ବସଷ୍ଟାଣ୍ଡ, ବ୍ଲକ ମୁନିସିପାଲିଟି ଥାନା, କୋର୍ଟ ସ୍ୱାସ୍ଥ୍ୟକେନ୍ଦ୍ର, ଜଳ ସମ୍ପଦ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦି ବିଭିନ୍ନ ଅଫିସ ଦପ୍ତର ଖୋଲା ଯିବା ସହିତ ଏହାର ବିକାଶ ସମସ୍ତ କାର୍ଯ୍ୟକ୍ରମ ଏହି ଡାକବଙ୍ଗଳାରୁ ନିର୍ଧାରିତ ହୋଇଥାଏ ଏପରିକି ପଟ୍ଟାମୁଣ୍ଡାଇରେ ବନ୍ୟା ସମୟରେ ରିଲିଫ ଓ ବାତ୍ୟା ସମୟରେ ବାତ୍ୟା ନିୟଂତ୍ରଣ ପାଇଁ ଡାକ ବଙ୍ଗଳାକୁ ବ୍ୟବହାର କରାଯାଇଥାଏ ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ ସ୍ୱାର୍ଥ ରକ୍ଷା ପାଇଁ ଆନ୍ଦୋଳନର ପ୍ରସ୍ତୁତି ଓ ନକ୍ସା ଏହି ଠାରେ ପ୍ରସ୍ତୁତ କରାଯାଇଥାଏ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଓ ବିଭିନ୍ନ ସରକାରୀ ଗସ୍ତ ପାଇଁ ମନ୍ତ୍ରୀ ବିଧାୟକ ଓ ସରକାରୀ ପଦାଧିକାରୀ ଡାକବଙ୍ଗଳାରେ ରହି କାର୍ଯ୍ୟକ୍ରମ ସ୍ଥିର କରିବା ସହିତ ଦରକାର ପଡିଲେ ରାତ୍ରି ଯାପନ କରିଥାନ୍ତି ଅତୀତରେ ବିଶ୍ୱ ପ୍ରସିଦ୍ଧ ଭିତରକନିକା ପରିଦର୍ଶନରେ ଆସୁଥିବା ମନ୍ତ୍ରୀ ବିଧାୟକ ଅଫିସର ଓ ପର୍ଯ୍ୟଟକମାନେ ପଟ୍ଟାମୁଣ୍ଡାଇ ଡାକବଙ୍ଗଳାରେ ରହୁଥିଲେ ସରକାରୀ କ୍ୟାଟର ନଥିବା ଅଧିକାରୀ ମାନେ କାର୍ଯ୍ୟରେ ଯୋଗ ଦେବା ପରେ ସାମୟିକ ଭାବେ ଡାକବଙ୍ଗଳାରେ ରହୁଥିଲେ ୧୯୯୮ ମସିହାରେ ତତ୍କାଳୀନ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ପଟ୍ଟାମୁଣ୍ଡାଇ ହସ୍ପିଟାଲର ସମ୍ପ୍ରସାରଣ ଓ ଶଯ୍ୟା ବୃଦ୍ଧି ପାଇଁ ପଟ୍ଟାମୁଣ୍ଡାଇ ଡାକବଙ୍ଗଳାକୁ ହସ୍ପିଟାଲ ସହିତ ମିଶ୍ରଣ ପାଇଁ ନିଷ୍ପତ୍ତି ନେଇଥିଲେ ପରବର୍ତୀ ସମୟରେ ୨୦୦୨ ମସିହାରେ ନଳିନୀକାନ୍ତ ମହାନ୍ତି ପୂର୍ତ୍ତ ମନ୍ତ୍ରୀ ଥିବା ସମୟରେ ପଟ୍ଟାମୁଣ୍ଡାଇ ଡାକ ବଙ୍ଗଳା ହସ୍ପିଟାଲ ସହିତ ମିଶ୍ରଣ କରାଯାଇ ହସ୍ପିଟାଲ ସମ୍ପ୍ରସାରଣ କାର୍ଯ୍ୟ ଆଗେଇ ନିଆଯାଇଥିଲା ପଟ୍ଟାମୁଣ୍ଡାଇ ହସ୍ପିଟାଲର ଅଭିବୃଦ୍ଧି ସମ୍ପ୍ରସାରଣ କାର୍ଯ୍ୟକ୍ରମକୁ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚି ନାୟକ ଓ ପ୍ରତାପ ଜେନା ଚୂଡାନ୍ତ ରୂପ ଦେଇଥିଲେ ପଟ୍ଟାମୁଣ୍ଡାଇ ଡାକବଙ୍ଗଳା ଭଗ୍ନ ସ୍ତୁପ ଉପରେ ଠିଆ ହୋଇଛି ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପଟ୍ଟାମୁଣ୍ଡାଇ ବିକାଶର ମୁକ ସାକ୍ଷୀ ପଟ୍ଟାମୁଣ୍ଡାଇ ଡାକବଙ୍ଗଳା ଏବେ ବିଲୀନ ହୋଇଯାଇଛି ରାଜ୍ୟ ରାଜନୀତିର ଅନ୍ୟତମ ପ୍ରାଣକେନ୍ଦ୍ର ଓ ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର ପଟ୍ଟାମୁଣ୍ଡାଇ ରାଜନୀତି କଳା ସାହିତ୍ୟ ସଂସ୍କୃତି ଐତିହ୍ୟ ଓ ପରମ୍ପରା ରେ ବଳିଆନ, ବିଶ୍ୱ ପ୍ରସିଦ୍ଧ ଭିତରକନିକାର ପ୍ରବେଶ ଦ୍ୱାର ତଥା ବିଭିନ୍ନ ଦୃଷ୍ଟିକୋଣରୁ ଗୁରୁତ୍ୱ ପୂର୍ଣ୍ଣ ପଟ୍ଟାମୁଣ୍ଡାଇରେ ଡାକବଙ୍ଗଳା ଆବଶ୍ୟକତା . ରହିଛି ଡାକବଙ୍ଗଳା ନଥିବାରୁ ବିଭିନ୍ନ ରାଜନୈତିକ ଦଳର ନେତା ମନ୍ତ୍ରୀ ସାଂସଦ ବିଧାୟକ ସରକାରୀ ପଦାଧିକାରୀ ବିଭିନ୍ନ ଘରୋଇ ହୋଟେଲରେ ଅବସ୍ଥାନ କରି ସରକାରୀ ଯୋଜନା କାର୍ଯ୍ୟକ୍ରମ ଆଦି ବିଷୟ ନୀତି ନିର୍ଧାରଣ ସହ ନିଷ୍ପତ୍ତି ଗ୍ରହଣ କରୁଛନ୍ତି ପଟ୍ଟାମୁଣ୍ଡାଇ ଅଂଚଳବାସୀ ବାରମ୍ବାର ଡାକବଙ୍ଗଳା ନିର୍ମାଣ ପାଇଁ ଦାବୀ କରିବା ପରେ ତତ୍କାଳୀନ ସରକାର ପଟ୍ଟାମୁଣ୍ଡାଇ ଚୂନଡିହ ଠାରେ ଡାକବଙ୍ଗଳା ନିର୍ମାଣ ପାଇଁ ସ୍ଥିର କରାଯାଉ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲେ ମଧ ବିଶେଷ ଅଗ୍ରଗତି ହୋଇନଥିବାରୁ ଡାକବଙ୍ଗଳା ନିର୍ମାଣ କାଗଜକଲମରେ ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଡାକବଙ୍ଗଳା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହୋଇଛି ।

# ଶ୍ରମିକ କଂଗ୍ରେସର ନୂତନ ଶାଖା ଡିଆରଏମଙ୍କ ଦ୍ୱାରା ଉଦଘାଟିତ



ଜଟଣୀ, ୨୫।୫ (ଆନିସ): ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଖୋର୍ଦ୍ଧାରୋଡ ମଣ୍ଡଳ ଅନ୍ତର୍ଗତ ଅନୁଗୁଳ ଠାରେ ନୂତନ ଭାବେ ଷୋହଳ ତମ ଶାଖା କାର୍ଯ୍ୟାଳୟ ମୁଖ୍ୟ ଅତିଥି ଡିଆରଏମ ଡ଼ି ସୁନୀଲ ଙ୍କ କରକମଳରେ ଉଦଘାଟିତ ହୋଇଯାଇଛି  ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ ଙ୍କ ସଂଯୋଜନା ରେ ଆୟୋଜିତ ସଭାରେ ଆର ଆର ଧଳ ବିଶୋଇ ସଭାପତିତ୍ୱ କରିଥିବା ବେଳେ ଶାଖା ସମ୍ପାଦକ ଶେଖ ଜଲାଲୁଧୀନ ସମ୍ପାଦକୀୟ ପାଠ କରିଥିଲେ  ଅନ୍ୟାନ୍ୟ ଅତିଥିଭାବେ ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁ, ସହ ସଂଯୋଜକ ନିରଞ୍ଜନ ମିଶ୍ର, ଶାଖା ଇନଚାର୍ଜ ଏ ଶ୍ରୀନିବାସ,  ମଣ୍ଡଳ ବରିଷ୍ଠ ଯନ୍ତ୍ରୀ (କୋ) ପଙ୍କଜ କୁମାର ନାଗଓ୍ୱାନୀ , କାର୍ମିକ ଅଧିକାରୀ ପ୍ରମୋଦ ବେହେରା , ବରିଷ୍ଠ ସିଗନାଲ ଓ ଟେଲି ଇଂଜିନିୟର ଭୂପେଶ କୁମାର,  ବରିଷ୍ଠ ବିଦ୍ୟୁତ ଯନ୍ତ୍ରୀ ଏସ କେ ରାଉତ,  ବରିଷ୍ଠ ଡିଇଇ (ଟିଆରଏସ) ଅନୁଗୁଳ ଦୀପଙ୍କର ସରକାର , ବରିଷ୍ଠ ଇଞ୍ଜିନିଅର (କେନ୍ଦ୍ରୀୟ ) ଅବଦେଶ କୁମାର ଜୈଶ୍ୟ ଯୋଗଦେଇଥିଲେ । ଅନୁଗୁଳ ରେଳ କଲୋନୀ ରେ କର୍ମଚାରୀଙ୍କ ରହଣି ନିମନ୍ତେ ଆବଶ୍ୟକତା ଅନୁଯାଇ ନୂତନ ବାସ ଗୃହ ନିର୍ମାଣ,  ଭୁତଳ ଜଳ ଅଭାବ କାରଣରୁ ଅନୁଗୁଳ ମୁନିସିପାଲିଟି ଜଳଯୋଗାଣ ପାଇପ ଲାଇନ ରୁ ସଂଯୋଗ କରି ବିଶୁଦ୍ଧ ପାନୀୟଜଳ ଯୋଗାଣ , ଅନୁଗୁଳ ଷ୍ଟେସନ ରୁ ଲୋକ ସେଡ଼ ପର୍ଯ୍ୟନ୍ତ ପାଦଚଲା ପୋଲ , ଲୋକୋ ଶେଡ଼ କର୍ମଚାରୀଙ୍କ ଅଧିକ କାମ ପାଇଁ ଓଟୀ ଭତ୍ତା ଲାଗୁକରିବା ସହ ଆବଶ୍ୟକ କର୍ମଚାରୀ ସମୀକ୍ଷା କରି ଖାଲି ପଦବୀ ଯଥାଶୀଘ୍ର ପୂରଣ କରିବାକୁ ଜେନେରାଲ ସେକ୍ରେଟାରୀ ଶ୍ରୀ ସାହୁ ଦାବି ରଖିଥିଲେ  ଡିଆରଏମ ଶ୍ରୀ ସୁନୀଲ ଏହି ମୌଳିକ ଦାବି ଯଥାଶୀଘ୍ର ପୂରଣ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିବା ମିଡିଆ ସେଲ ମୁଖ୍ୟ ଏଲ ଡ଼ି ମହାନ୍ତି ସୂଚନା ଦେଇଛନ୍ତି ।

# ମଠ ଗୃହ ନିର୍ମାଣକୁ ନେଇ ବିଲାବାଡିରେ ଅସନ୍ତୋଷ : ପାଣି ସମସ୍ୟା ସମାଧାନ ଦାବି




ଫୁଲବାଣୀ,୨୫।୫ (ଆନିସ): କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅଧୀନ ପିରିକୁଡି ପଞ୍ଚାୟତର ବିଳାବାଡି ଗ୍ରାମରେ ମଠ ଗୃହ ନିର୍ମାଣକୁ କେନ୍ଦ୍ର କରି ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀମାନେ ଏହି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଡ଼ିଓଙ୍କୁ ଦାବିପତ୍ର ଦେଇଛନ୍ତି। ସୂଚନା ଅନୁଯାୟୀ, ହରିଜନ ସାହି ପାଇଁ ମଞ୍ଜୁର ହୋଇଥିବା ମଠ ଗୃହଟି ଗ୍ରାମର ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜମିରେ ନିର୍ମାଣ ହେଉଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରୁଛନ୍ତି। ସେମାନଙ୍କ କହିବା ଅନୁସାରେ, ସାମୁଦାୟିକ ଉଦ୍ଦେଶ୍ୟରେ ଥିବା ଗୃହ ବ୍ୟକ୍ତିଗତ ଜାଗାରେ ନିର୍ମାଣ ହେଲେ ଆଗାମୀ ଦିନରେ ଗ୍ରାମବାସୀ ବିଭିନ୍ନ ସମସ୍ୟାରେ ପଡ଼ିପାରନ୍ତି। ଗ୍ରାମବାସୀ ଆହୁରି କହିଛନ୍ତି ଯେ, ପୂର୍ବରୁ ମଧ ଗ୍ରାମରେ ଏକ ମଣ୍ଡପ ବ୍ୟକ୍ତିଗତ ଜମିରେ ନିର୍ମାଣ ହୋଇ ଅଧାରେ ଅଟକି ରହିଛି। ତେଣୁ ପୁଣି ସେହି ପରିସ୍ଥିତି ନ ସୃଷ୍ଟି ହେବା ପାଇଁ ପ୍ରଶାସନ ହସ୍ତକ୍ଷେପ କରି ଉଚିତ ସ୍ଥାନରେ ମଠ ଗୃହ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି।ଏହା ସହ ଗ୍ରାମରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ସୋଲାର ଟାଙ୍କି ସହ ଏକ ନୂତନ ନଳକୂପ ଖୋଳିବାକୁ ମଧ ଦାବି ହୋଇଛି। ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି ଏନେଇ ତଦନ୍ତ କରି ଯଥୋଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଫୁଲବାଣୀରେ ଅସହ୍ୟ ଗରମ, ତାପମାତ୍ରା ୪୩ ଡିଗ୍ରୀ ଛୁଇଁଲା

ଫୁଲବାଣୀ, ୨୫।୫ (ଆନିସ): ଫୁଲବାଣୀ ସହରରେ ଗତ କିଛି ଦିନ ହେଲା ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୁତ ହେଉଛି ତାପ ମାତ୍ରା ବୃଦ୍ଧି ପାଇ ରବିବାର ୪୨.୦୫ଡିଗ୍ରୀ ସେଲସୀୟସ ରେ ପହଞ୍ଚିଥିଲା ସକାଳ ୮ଟା ପରଠୁ ଗରମ ଆରଂଭ ହୋଇଯାଉଛି ଘରୁ ବାହାରିବା ମୁଷ୍କିଲ ହୋଇପଡିଛି ରାସ୍ତା ଘାଟ ଖାଁ ଖାଁ ବ୍ୟବସାୟୀ ମାନେ ହାତ ବନ୍ଧି ବସିରହିଥିବା ଦେଖାଯାଉଛି ଗରମ ସାଙ୍ଗକୁ ପାନୀୟ ଜଳ ସମସ୍ୟା ଓ ବିଦ୍ୟୁତ୍ ସମସ୍ୟା ଲୋକଙ୍କୁ ନକେଦମ୍ କଲାଣି ଅଭିଯୋଗ କଲେ ଶୁଣିବାକୁ କିଏ ନାହିଁ ମରାମତି ଟିକେ ହେଉଛି ଆସିଯିବ ବୋଲି କହି ସବୁଦିନିଆ ଲାଇଟ୍ ଯାଉଛି ଫଳରେ ଘରେ ମଧ୍ୟ ରହିବା ମୁସ୍କିଲ ପାଣି ପାଗ ବିଭାଗ ଦାୟିତ୍ବ ରେ ଥିବା ଅଧିକାରୀ ଙ୍କୁ ପଚାରିଲେ ଆଉକିଛି ଦିନ ଏଭଳି ତାପ ମାତ୍ରା ରହିବ ବୋଲି କହିଛନ୍ତି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ପ୍ରବଳ ଖରା କୁ ଦୃଷ୍ଟିରେ ରଖି ଦିନ ୧୧ଟା ପରେ ଘରୁ ବାହାରକୁ ନ ବାହାରିବା ପାଇଁ ସତର୍କ ସୂଚନା ଜାରି କରିଛନ୍ତି ଏଥି ସହ ଛତା, ଓଦା ଗାମୁଛା ସହ ପଇଡ଼, ପାଣି, ସରବତ, ଓ ଆର୍ ଏସ ଆଦି ପିଇବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି ମ୍ୟୁନିସପାଲିଟି ପକ୍ଷରୁ ସହର ର ବିଭିନ୍ନ ଛକ ଓ ଜନ ଗହଳି ସ୍ଥାନ ମାନଙ୍କ ରେ ଜଳ ଛତ୍ର ଖୋଲାଯାଇ ସ୍ୱଚ୍ଛ ପାନୀୟ ଜଳ ର ବ୍ୟବସ୍ଥା କରାଯାଇଛି ଅଂଶୁଘାତ ଜନିତ ମୃତ୍ୟୁ ହୋଇନଥିବା କୁହାଯାଉଥିବା ବେଳେ ଅଂଶୁଘାତ ରେ ଜଣକ ର ମୃତ୍ୟୁ ହୋଇଥିବା କୁହାଯାଉଛି

# ଦିନ ଦ୍ୱିପ୍ରହରରେ ଘରେ ପଶି ମରଣାତ୍ମକ ଆକ୍ରମଣ

## ହଜିଗଲାଣି ମାନବିକତା ଆଉ ସୁରକ୍ଷିତ ନାହାନ୍ତି ସାଧାରଣଜନତା

ରଣପୁର ୨୫।୫ (ଆନିସ): ବେଆଇନ ପଥର ଖଣି ଖନନ କରି ଚୋରାଚାଲାଣକାରୀଙ୍କ ବର୍ବରତା ଗୋଟିଏ ପରେ ଗୋଟିଏ ହତ୍ୟା ହେଉଥିବାବେଳେ ପୁଣି ଏକ ବିଭତ୍ସ ଆକ୍ରମଣ ଚାନ୍ଦପୁର ଥାନା ଅଂଚଳ ରେ ସାମ୍ନା କୁ ଆସିଛି । ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଅଧୀନସ୍ଥ ବୋକାଖାଇ ଗ୍ରାମର ସୁକାନ୍ତ ଭଞ୍ଜଙ୍କ ଘରେ ପଶି ମରଣାତ୍ମକ ଆକ୍ରମଣ କରିଛନ୍ତି କିଛି ପଥର ମାଫିଆ ।ଗତ ୧୭ ତାରିଖଦିନ ପଥର ବୋଝେଇ ଟ୍ରକ ସୁକାନ୍ତ ଭଞ୍ଜଙ୍କ ବାଡ଼ି ପଟ ରାସ୍ତାଦେଇ ଯାଇଥିଲା ସେହି ଜାଗାରେ ଏକ ହମ୍ପସ ଥିବାରୁ ଗାଡିରୁ ଏକ ପଥର ଖସିପଡ଼ି ଭଞ୍ଜଙ୍କ ଉପରେ ପଡ଼ିଥାନ୍ତା, ଅଳ୍ପକେ ବର୍ତି ଯିବାରୁ ପଥର ଗାଡ଼ିକୁ ସାବଧାନ ରେ ଯିବାକୁ ଭଞ୍ଜ କହିଥିଲେ, ପରେ ଯୁକ୍ତି ଲାଗିବାରୁ




ଭଞ୍ଜ କହିଥିଲେ ତହସିଲ ଓ ପୁଲିସକୁ ଜଣାଇବା ପାଇଁ ସେ ଗାଡି ସେହିଠାରୁ ଭୟରେ ଚାଲିଯାଇଥିଲା । ଭଞ୍ଜଙ୍କ ପରିବାରର ସମସ୍ତ ସଦସ୍ୟ ଭୁବନେଶ୍ୱରରେ ରହୁଥିବା ବେଳେ ଗାଁ କୁ ଏକ କାମରେ ଆସିଥିଲେ ସମସ୍ତ ପରିବାର ଲୋକେ ମା ସତ୍ୟଭାମା ଓ ପୁଅ ସୁକାନ୍ତଙ୍କର ଛୁଟି ଥିବାରୁ ମା ଓ ପୁଅ ଘରେ ରହିଥିଲେ କିନ୍ତୁ ପରଦିନ ୧୮ ତାରିଖରେ ଘରେ ବୁଢୀ ମା ଏବଂ ପୁଅ ଥିବାବେଳେ ପାଖା ପାଖି ୧୭ ଜଣ ପଥର ମାଫିଆ ଏକତ୍ରିତ ହେଇ ଘରକୁ ଲାଗି ରହିଥିବା ସିଡି ରାସ୍ତା ଦେଇ ଘର ମଧ୍ୟକୁ ପ୍ରବେଶ କରି ଘରର କବାଟ ଲକ ଭାଙ୍ଗି ଦିନ ଦିହିପ୍ରହରରେ ମରଣାତ୍ମକ ଆକ୍ରମଣ କରିଛନ୍ତି। ତେବେ ଏ ନେଇ ଭୁବନେଶ୍ୱରରେ ରହୁଥିବା ପରିବାର ଲୋକେ ଖବର ପାଇ ୧୧୨ କୁ କଲ କରି ଜଣାଇବା ପରେ ଚାନ୍ଦପୁର ପୁଲିସ ପହଞ୍ଚି ଭଞ୍ଜଙ୍କୁ ଉଦ୍ଧାର କରିଥିଲା । ପ୍ରଥମେ ପ୍ରାଥମିକ ଚିକିତ୍ସା ପାଇଁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଏବଂପରେ ଭଞ୍ଜଙ୍କ ଅବସ୍ଥା ଗୁରୁତ୍ୱର ଥିବାରୁ ଭୁବନେଶ୍ୱରକୁ ରେଫର କରିଥିଲେ ଏବେ ଭଞ୍ଜ ମୃତ୍ୟୁ ସହ ଲଢେଇ କରୁଛନ୍ତିବୋଲି ସୂଚନା ମିଳିଛି । ପରେ ବୃଦ୍ଧା ମା ଗତ ୧୯ ତାରିଖ ଦିନ ଏକ ଲିଖିତ ଅଭିଯୋଗ ଚାନ୍ଦପୁର ଥାନାରେ ଜଣାଇଥିଲେ ଆଜକୁ ୭ଦିନ ବିତିଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ।

# ଶଙ୍କରା ପେକ୍ସରେ ଧାନ କ୍ରୟ ଶୁଭାରମ୍ଭ, ପ୍ରଥମ ଦିନରେ ୭୫ କ୍ୱିଣ୍ଟାଲ ଧାନ କ୍ରୟ



ବିନିକା ୨୫/୫(ଆନିସ): ବିନିକା ବ୍ଲକ ଶଙ୍କରା ପ୍ରାଥମିକ ସମବାୟ ସମିତି ପକ୍ଷରୁ ଆଜି କଇଁନ୍ତିରା ଆର୍ ଏମ୍ ସି ଠାରେ ରବି ଧାନ କିଣା ପାଇଁ ମଣ୍ଡି ଉଦଘାଟିତ ହୋଇଯାଇଛି  ସମ୍ପାଦକ ବୃନ୍ଦାବନ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ଚାଷୀ ପ୍ରତିନିଧି  ତଥା ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି, ଡି ଏଲ ପି ସି ସଭ୍ୟ ବାବୁଲୁ ବିଶି ଯୋଗଦେଇ ଶୁଭାରମ୍ଭ କରିଥିଲେ  ଭି ଏ ବ୍ଲ ରାଜେନ୍ଦ୍ର ମିଶ୍ର,  ମିଲର୍ସ ମୁନତାଜ୍ ପଣ୍ଡା,ଦନାର୍ଦନ ଖମାରୀ, ଏସ ଓ ଲ୍ ପିଁ ସି ସଭ୍ୟ ଅଶୋକ କୁମାର ପଣ୍ଡା, ସୁର୍ଯ୍ୟ ନାରାୟଣ ହୋତା, ନେତ୍ର ଗୁରୁ,ଚାଷୀ ପ୍ରଶାନ୍ତ ପଣ୍ଡା, ସୁବାସ ସାହୁ, ଆର ଏମ୍ ସି କର୍ମଚାରୀ ଘନଶ୍ୟାମ ନାଏକ, ଶୀତଳ ବିଶି ପ୍ରମୁଖ ଉପସ୍ଥିତ ଥିଲେ  ଆଜି ପ୍ରଥମ ଦିନରେ ଚାଷୀ ଶ୍ରୀକର କର୍ଣ୍ଣ ଙ୍କ ୭୫ କ୍ୱିଣ୍ଟାଲ ଧାନ କିଣା ଯାଇ ଉର୍କ୍ତେ ପାର୍ବତୀ ମିଲ କୁ ପଠାଯାଇ ଥିବା ସମ୍ପାଦକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି  କାର୍ଯ୍ୟକ୍ରମ ରେ ହିମାଂଶୁ ମିଶ୍ର, ଶ୍ରୀକର କର୍ଣ୍ଣ, କୁଞ୍ଜ କିଶୋର କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ

# ହାଇଓ୍ୱା ସହ ଗଞ୍ଜେଇ ଜବତ

ଫୁଲବାଣୀ, ୨୫।୫ (ଆନିସ): ଫୁଲବାଣୀ ଅବକାରୀ ବିଭାଗ କୁ ମିଳିଛି



ବିପୁଳ ସଫଳତା। ଅବକାରୀ ବିଭାଗ ସୁପରିଟେଣ୍ଡ୍ ଣ୍ଟ ସୁଶାନ୍ତ କୁମାର ପାଢ଼ୀ ଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଇନ୍ସପେକ୍ଟର ବିନୋଦ କୁମାର ବାସ୍କେ ଙ୍କ ନେତୃତ୍ୱ ରେ ଅବକାରୀ ସ୍କ୍ୱାର୍ଡ ଦଡକି ଛକ ରେ ଚଢାଉ କରି ଏକ ହଇଓ୍ୱା ସମେତ ୪ଶ ହ କେ ଜି ଗଞ୍ଜେଇ ଜବତ କରିଛି  ଏଥି ସହ  ବିହାର ଭୋଜପୁର୍ ଅଞ୍ଚଳ ର ବବ୍ଲୁ ଯାଦବ ନମକ ଜଣେ ଡ୍ରାଇଭର କୁ ଗିରଫ କରିଛି ଅବକାରୀ ବିଭାଗ ଅବକାରୀ ବିଭାଗ ଅଧିକ୍ଷକ ସୁଶାନ୍ତ କୁମାର ପାଢ଼ୀ ଓ ଅବକାରୀ ଇନ୍ସପେକ୍ଟର ବିନୋଦ କୁମାର ବସ୍କେ ଙ୍କ ନିଷ୍ଠାପର ଉଦ୍ୟମ,ଆନ୍ତରିକତା, କାର୍ଯ୍ୟ ଦକ୍ଷତା ଯୋଗୁଁ  ଫୁଲବାଣୀ ସଦର ସମେତ ଜିଲାରେ ବେଆଇନ୍ ଗଞ୍ଜେଇଚାଷ ଓ ଚୋରା ଚାଲାଣ କୁ ରୋକା ଯାଇ ପାରିଥିବା ଦେଖିବକୁ ମିଳିଛି  ନିୟମିତ ପେଟ୍ର ଲିଂ ସାଂଗକୁ ଚଢାଉ ଯୋଗୁଁ ଗାଞ୍ଜେଇ ମାଫିଆ ସବାଡ ହୋଇଥିବା କୁହାଯାଉଛି  ଅନ୍ୟ ମାନଙ୍କ ମଧ୍ୟରେ ସମୀର ରଞ୍ଜନ ଭୋଇ, ସଦାଶିବ ରଣ, ସଚିନ ଗୁରୁ, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀ ବସ୍ ସେବା  ଦୁର୍ଘଟଣାରେ ଯୁବକର ମୃତ୍ୟୁ: ପ୍ରଶାସନ  ପକ୍ଷରୁ କୋଡ଼ିଏ ହଜାର ଟଙ୍କା ସହାୟତା  ପ୍ରଦାନ

ଫୁଲବାଣୀ,୨୫।୫ (ଆନିସ):  ବାଲିଗୁଡା ଥାନା ଅନ୍ତର୍ଗତ ବାରଖମା ଗ୍ରାମର କୁଡକେଲକିଆ ଠାରେ ମୁଖ୍ୟ ମନ୍ତ୍ରୀ ବସ୍ ସେବା  ଯାତ୍ରୀ ବାହିଗାଡ଼ି ଏକ ଯୁବକକୁ ମଡ଼ାଇ ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଇଛି  ଅତିରିକ୍ତ ତହସିଲଦାର। କବି ରାଜ ଆର୍ଯ୍ୟ ଜାତିର    ଘଟଣା ସ୍ଥଳରେ ପହଞ୍ଚି ମୃତକ ପରିବାରଙ୍କୁ କୋଡ଼ିଏ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ସହ ୧୬ ଆର ଜମି ଯୋଗାଇଦେବା ସହ ଇନ୍ଦିରା ଆବାସ ଯୋଗାଇଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ମଦ୍ୟ ପାନ କରି ବେପରୁଆ ଭାବେ ଗାଡ଼ି ଚଳାଉ ଛନ୍ତି ଡ୍ରାଇଭର ଓ ଷ୍ଟାଫ୍ ଯାତ୍ରୀ ମାନଙ୍କୁ ଦୁର୍ବ୍ୟବହାର କରୁଥିବା ସ୍ଥାନୀୟ ଲୋକେ କହୁଛନ୍ତି  । ବସ୍ ଇନ୍ସୁରାନ୍ସ ବାବଦକୁ ମଧ ସହାୟତା ରାଶି ପ୍ରାପ୍ତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯିବ ବୋଲି ଶ୍ରୀ ଆର୍ଯ୍ୟ ପ୍ରକାଶ କରିଥିଲେ । ମୃତକ ଙ୍କ ନାମ ବୀରେନ୍ଦ୍ର ମଲିକ୍ ବୋଲି ଥାନା ଆଆଇସି ସିବରଞ୍ଜନ ସିଙ୍ଘା ଜଣାଇଛନ୍ତି । ଡ୍ରାଇଭର ଫେରାର ଥିଲା ।  ବୀରେନ୍ଦ୍ର (ମୃତକ) ଙ୍କ ବାଇକ୍ ଓ ବସ୍ କୁ ପୋଲିସ ଜବତ କରିଛି । ଘାଟିରେ ବସ୍ ଓ ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଥିଲା ।

# ନାରୀ ସୁରକ୍ଷା ଅଧିକାର ଅଭିଯାନ : ରଣପୁରରେ ବିଜେଡିର ରଣହୁଂକାର

# ନାରୀ ନିର୍ଯାତନା ନିୟନ୍ତ୍ରଣ କରିବାରେ ଅସମର୍ଥ ଡବଲ ଇଂଜିନ ସରକାର

ରଣପୁର, ୨୫।୫ (ଆନିସ) : ବିଜେପି ସରକାରର ମହିଳା, କୃଷକ, ଯୁବକ, ଛାତ୍ର, ବିରୋଧୀ ଶାସନ ବିରୁଦ୍ଧରେ ରଣପୁର ମହିଳା ବିଜୁ ଜନତା ଦଳ ଦ୍ୱାରା ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ନଗର ସଭାପତି ଲିଙ୍ଗରାଜ ନାୟକଙ୍କ ସହଯୋଗରେ ରଣପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରୁ ପଞ୍ଚାୟତ ସମିତ କାର୍ଯ୍ୟାଳୟ ରଣପୁର ପର୍ଯ୍ୟନ୍ତ ହଜାର ହଜାର ମହିଳାଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ରଣପୁର ଗଡ଼ ପରିକ୍ରମା କରି ବ୍ଲକ ଘେରାଉ କରାଯାଇଥିଲା ଗତ କିଛି ଦିନ ଧରି ସାରା ଦେଶରେ ମହିଳାଙ୍କୁ ୩୩% ସଂରକ୍ଷଣ ବିଫଳକୁ ନେଇ ଜୋରରେ ପ୍ରଚାର ଚାଲିଛି । ନାରୀ ନିର୍ଯାତନା କୁ ନିୟନ୍ତ୍ରଣ କରିବାରେ ଅସମର୍ଥ ବିଜେପି ସରକାର ବିରୋଧରେ ଆଜି ପ୍ରତିବାଦ କରିଥିଲେ ରାଜ୍ୟରେ ଡବଲ ଇଂଜିନ ସରକାର ଫେଲ ମାରିଛି, ନାରୀ ହିଂସାରେ ଓଡିଶା ଦେଶରେ ଅଲୋଡ଼ା ରେକର୍ଡ କରିଛି ଓ ମହିଳା ମାନଙ୍କୁ ଭୁଆଁ ବୁଲାଉଥିବା କହିଥିଲେ ମହିଳା ପାର୍ଲାମେଣ୍ଟରୁଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ସବୁଆଡେ



ନାରୀ ଅଧିକାର ଓ ସଶକ୍ତିକରଣର ଆଲୋଚନା ହେଉଥିବା ବେଳେ ପ୍ରକୃତରେ ମହିଳାମାନଙ୍କ ରାଜନୈତିକ, ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ଆଜି ମଧ ବଡ ପ୍ରଶ୍ନବାଚୀ ହୋଇ ରହିଛି । ନାରୀମାନଙ୍କର ଅଧିକାର ପାଇଁ ନାରୀମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ ବୋଲି ବିଜେଡି ର ନେତୃ ମଣ୍ଡଳୀ ଅଭିଯୋଗ କରିଛନ୍ତି ପଞ୍ଚାୟତରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରୀ କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁବାବୁ ଇତିହାସ ସୃଷ୍ଟି କରିଥିଲେ । ବିଜୁ ବାବୁଙ୍କ ଆଦର୍ଶରେ ନବୀନ ବାବୁଙ୍କ ସରକାର ପଞ୍ଚାୟତରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି କରିଥିଲେ ।

୨୦୧୯ ଓ ୨୦୨୪ ନିର୍ବାଚନରେ ଲୋକସଭା ପାଇଁ ବିଜୁ ଜନତା ଦଳର ମାନ୍ୟବର ସଭାପତି ନବୀନ ପଟ୍ଟନାୟକ ମହିଳାମାନଙ୍କୁ ୩୩ ପ୍ରତିଶତ ଟିକେଟ ମଧ ଦେଇଥିଲେ ।ମହିଳା ସଂରକ୍ଷଣ ବିଜୁ ଜନତା ଦଳର ସବୁ ସମୟରେ ପ୍ରଥମ ଆଭିମୁଖ୍ୟ ରହିଛି ଓ ରହିଥିବ ବୋଲି କହିଥିଲେ । ମହିଳା ସଂରକ୍ଷଣ ବିଲ୍ ୨୦୨୩କୁ ପାର୍ଲାମେଣ୍ଟରେ ବିଜୁ ଜନତା ଦଳ ଦୃଢ ଭାବରେ ନିଃସର୍ତ୍ତ ସମର୍ଥନ କରିଥିଲା । ଦୁଃଖ ଏବଂ ପରିତାପର ବିଷୟ କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ଏହାକୁ ଲାଗୁ କଲେ ନାହିଁ ।

ସେଥିପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ରଣପୁର ବିଡ଼ିଓ ମନୋଜ କୁମାର ନାୟକଙ୍କୁ ଦିଆଗଲା. ଏଥିରେ ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ନୟାଗଡ ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ,ବ୍ଲକ ସଭାପତି ସଚିକାନ୍ତ ଷଡ଼ଙ୍ଗୀ, ନଗର ସଭାପତି ଲିଙ୍ଗରାଜ ନାୟକ, ବ୍ଲକ ମହିଳା ସଭାପତି ନର୍ମଦା ରାୟ, ନଗର ମହିଳା ସଭାପତି ଜୟନ୍ତୀ ମହାରଣା, ବିଜେଡିର ଆଗ ଧାଡ଼ିର ଲୋକପ୍ରିୟ ନେତା ସଭାପତି ପ୍ରଫୁଲ୍ଲ କୁମାର ନାୟକ ଓ ହଜାର ହଜାର ମହିଳା, ସରପଞ୍ଚ, ସମିତି ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରଣପୁର ବି ଡି ଓ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ ଏବଂ ଆଗାମୀ ଦିନରେ ଏହାର ଜବାବ ଦେବେ ବୋଲି କହିଥିଲେ

# ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଉପରେ ଜୋର

କେନ୍ଦ୍ରାପଡ଼ା,୨୫।୫ (ଆନିସ): ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମ ଲାଗୁ କରାଯାଇଥିବା ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହାର ସଫଳ ରୂପାୟନ ପାଇଁ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳମାନଙ୍କ ସହ ଏକ ଆଲୋଚନା ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏସଆଇଆରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରିବା ସହ ଅଯୋଗ୍ୟ, ମୃତ ଓ ଡୁପ୍ଲିକେଟ ନାମଗୁଡ଼ିକୁ ଚିହ୍ନଟ କରି ବାଦ ଦେବା। ସ୍ଥାନାନ୍ତରିତ ମତଦାତାଙ୍କ ତଥ୍ୟ ସଂଶୋଧନ କରାଯିବା ସହ ଭୋଟର ତାଲିକାର ସଠିକତା, ସ୍ୱଚ୍ଛତା ଓ ବିଶ୍ୱସନୀୟତା ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।

||||||||||||| ବିଜେଡି ପକ୍ଷରୁ ମହିଳା ଅଧିକାର ଅଭିଯାନ |||||||||||||

# ମା'ର ସମ୍ମାନ ମାଟିରୁ ଆକାଶ ଯାଏଁ ଉଚ୍ଚା

ନୟାଗଡ଼,୨୫/୫ (ଆନିସ) : ନୟାଗଡ଼ ବିଜେଡି କାର୍ଯ୍ୟାଳୟଠାରେ ମହିଳା ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ବିଜେଡି ସଭାପତି ଇପସିତା ସାହୁ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିରଜା ଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଆଳରେ ଯୋଜନା ବଦ୍ଧ ଭାବେ ଷଡ଼ଯନ୍ତ୍ର କରିବା, ମହିଳାଙ୍କୁ ସଂରକ୍ଷଣ ନଦେବା, ମହିଳାଙ୍କ ପ୍ରତି ଅସମ୍ମାନ ବୋଲି ମତ ପ୍ରକାଶ ପାଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କୁ ବିଶ୍ୱରେ ପରିଚିତ କରାଉଥିଲେ । ଡବଲ ଇଞ୍ଜିନ ସରକାର ମହିଳାଙ୍କ ଭାତ ହାଣ୍ଡିରେ ଲାତ ମାରୁଛି । ତେଲ କମ ବ୍ୟବହାର କରିବା, ସୁନା ନକିଣିବା ପାଇଁ କହି ମହିଳାଙ୍କୁ ଅଟ୍ଟହାସ୍ୟ କରୁଛି । ନୟାଗଡ଼ ବିଧାୟକ ଡ. ସାହୁ ତାଙ୍କ ବକ୍ତବ୍ୟରେ ମାଟିରୁ ଆକାଶ ଯେତିକି ଉଚ୍ଚା, ମା'ର ସମ୍ମାନ ସେତିକି ଉଚ୍ଚା ବୋଲି କହିଥିଲେ ।



ମହିଳା ଅଧିକାରକୁ ବିଜେପି ସରକାର କ୍ଷୁର୍ଣ୍ଣ କରିବାରେ ଲାଗିଛି ବୋଲି କହିଥିଲେ । ମହିଳାଙ୍କୁ ବର୍ଷକୁ ୫୦ ହଜାର ଦେବାକୁ କହି ସୁଭଦ୍ରା ଯୋଜନା ଆଳରେ ଠକିଥିବା କହିଥିଲେ । ନବୀନ ସରକାର ମହିଳାଙ୍କୁ ବିଶ୍ୱରେ ପରିଚିତ କରିବା ପାଇଁ ଦୁବାଇ ଭଳି ଦେଶକୁ ପଠାଇ ଶିକ୍ଷଣୀୟ ବ୍ୟବସ୍ଥା କରାଇଥିଲେ । ବିଶ୍ୱ ସ୍ତରରେ ଓଡ଼ିଶାର ମା ମାନଙ୍କୁ ପରିଚିତ କରୁଥିଲେ । ଛାତ୍ର ସଭାପତି ସାହୁ, ଡବଲ ଇଞ୍ଜିନ ସରକାରକୁ ଟାର୍ଗେଟ କରିବା ସହ ନାରୀକୁ ଦିଆଯାଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ । ନାରୀ ଶକ୍ତିର ଝଡ଼ ଆସିଲେ ସିଂହାସନ ଟଳମଳ ହେବ ବୋଲି କହିଥିଲେ ।

ଏହି ବୈଠକରେ ରାଜ୍ୟ ମହିଳା ବିଜେଡି ସମ୍ପାଦିକା ତୃପ୍ତିରାଣୀ ପଟ୍ଟନାୟକ, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଜିଲ୍ଲା ପରିଷଦ ଝିଲ୍ଲୀ ପ୍ରଧାନ, ସାଗରବାଳା ବରାଡ଼, ସ୍ୱପ୍ନେଶ୍ୱରୀ ସେଠୀ, ଅଳକା ମଞ୍ଜରୀ ନାୟକ, କାମିନୀ ନାୟକ, ସଂଧ୍ୟାରାଣୀ ଜେନା , ଦୀପିକା ସେଠୀ ,ନିବେଦିତା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ।

# ନାବାଳିକା ଝିଅ ଉପରେ ବାପାର ଅତ୍ୟାଚାର

ଜଗତସିଂହପୁର ୨୫/୫ (ଆନିସ): ଜଗତସିଂହପୁର ଏରସମା ଥାନା ଅଞ୍ଚଳର ଏକ ଯୌନ ବ୍ୟଭିଚାର ଘଟଣାକୁ ନେଇ ଜଗତସିଂହପୁର ଏସପି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ମିଳିଥିବା ସୂଚନା ଅନୁସାରେ ଏରସମା ଅଞ୍ଚଳର ମିନାରାଣୀ ମାଇତି ନାମକ ଜଣେ ମହିଳା ଏରସମା ଥାନାରେ କରିଥିବା ଅଭିଯୋଗକୁ ଭିତ୍ତି କରି ଏରସମା ଥାନା କର୍ତ୍ତୃପକ୍ଷ କେସ ନଂ ୧୬୫/୧୧.୫.୨୦୨୬ ରୁଜୁ



କରିଥିଲେ। ଏସଆଇ ବିଶ୍ୱଜିତ ଗଡ଼ନାୟକ ଦେଇଥିବା ରିପୋର୍ଟ ଅନୁସାରେ ମିନାରାଣୀ ମାଇତିଙ୍କ ସ୍ୱାମୀ ଜଣେ ଉଗ୍ରବାଦୀ ଏବଂ ବିଚିତ୍ର ଚରିତ୍ରର ଲୋକ ଅଟନ୍ତି। ସେ ବାରମ୍ବାର ତାଙ୍କ ସ୍ତ୍ରୀ ଏବଂ ନାବାଳିକା ଝିଅ ଉପରେ ଅତ୍ୟାଚାର କରି ଆସୁଥିଲେ। ଗତ ୨୭.୪.୨୦୨୬ ସକାଳ ବେଳା ଅଭିଯୁକ୍ତ ପିତା ପ୍ରସନ୍ନ ଜିତି ମାଇତି ତାଙ୍କର ନାବାଳିକା ଝିଅ ଫୋନରେ ଗପୁଥିବା ସମୟରେ ତା ଉପରେ ଶାରୀରିକ ଅତ୍ୟାଚାର ଆରମ୍ଭ କରିଥିଲେ ଏବଂ ଅପରାହ୍ନ ୩.୩୦ ମିନିଟରେ ସ୍ତ୍ରୀର ଅନୁପସ୍ଥିତ ସୁଯୋଗ ନେଇ ଝିଅକୁ ତେଲ ମାଲିସ କରିବା ନାମରେ ପାସବିକ ଅତ୍ୟାଚାର କରିଥିଲେ। ଝିଅଟି କାନ୍ଦିବାରୁ ଅଭିଯୁକ୍ତ ପିତା ତାକୁ ଏ ଘଟଣା ପ୍ରକାଶ କଲେ ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ଭୟ ଓ ମାନସିକ ଯନ୍ତ୍ରଣା ଯୋଗୁଁ ନାବାଳିକା ଝିଅଟି ପ୍ରଥମେ ନିରବ ରହିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ମା ଆଗରେ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଘଟଣା ସମ୍ପର୍କରେ ମା ଗ୍ରାମର ମୁରବି ଲୋକଙ୍କୁ ଜଣାଇବା ସହିତ ଗାଁ ମିଟିଂରେ ନାବାଳିକା ଝିଅଟି ସମସ୍ତ ବିଷୟ ଗ୍ରାମବାସୀ ଓ ମହିଳା ଗ୍ରୁପ ଆଗରେ ପ୍ରକାଶ କରିଥିଲେ। ମାତ୍ର ଅଭିଯୁକ୍ତ ପିତା ପ୍ରସନ୍ନ ଜିତି ମାଇତି ଫେରାର ହୋଇଯାଇଥିଲେ। କେସ ପଞ୍ଜିକୃତ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରି ପ୍ରଥମେ ଅଭିଯୁକ୍ତର ଭାଇ ପ୍ରତାପ ମାଇତି ହାଇଦ୍ରାବାଦରେ ରହୁଥିବାରୁ ପୋଲିସ ଟିମ ଖବର ପାଇ ହାଇଦ୍ରାବାଦ ଯାଇଥିଲେ। ମାତ୍ର ସେଠାରେ ଅଭିଯୁକ୍ତକୁ ନପାଇ ଅଭିଯୁକ୍ତର ଭାଇ ପ୍ରତାପ ମାଇତିର ଶଶୁର ଘର ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଠାରେ ଖୋଜାଖୋଜି କରିଥିଲେ। ଗତ ୨୪.୫.୨୦୨୬ ରାତିରେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଲୁଚିଥିବା ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ପ୍ରସନ୍ନ ଜିତି ମାଇତିକୁ ଧରିବା ସହିତ ତାର ଭାଇ ପ୍ରତାପ ମାଇତିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଦେବାଶିଷ ବିଜେଡି ଛାଡ଼ିବା ପ୍ରସଙ୍ଗ

# ଧରମ ପୁଅ ଥିବା ଯାଏଁ ଏଭଳି ସ୍ଥିତି ହେବ: ଶ୍ରୀମୟୀ

ଭୁବନେଶ୍ବର,୨୫/୦୫: ବିଜେଡି ଛାଡ଼ିଲେ ବରିଷ୍ଠ ବିଜେଡି ନେତା ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ । ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଦେବାଶିଷ ସାମନ୍ତରାୟ ଇସ୍ତଫା ଦେଇଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି । ବିଜେଡିରୁ ଦେବାଶିଷ ସାମନ୍ତରାଏଙ୍କ ଇସ୍ତାଫାକୁ ନେଇ ଦଳର ପୁର୍ବତନ ନେତ୍ରୀ ଶ୍ରୀମୟୀ ମିଶ୍ର କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ବିଜେଡିରେ ବିପ୍ଳବର ବହ୍ନି ଲାଗିଛି,ବିଜେଡିରେ ଆଉ ନେତା ନାହାନ୍ତି

ଧରମ ପୁତ୍ର ମୋହରେ ବିଜେଡିକୁ ଛାରଖାର କଲେ ନବୀନ ପଟ୍ଟନାୟକ ବୋଲି କହିଛନ୍ତି। ଧରମ ପୁଅ ଥିବା ଯାଏଁ ଜଣଙ୍କ ପରେ ଜଣେ ବିଜେଡିରୁ ଯିବେ ବୋଲି ସେ କହିଛନ୍ତି। ଫେରିଆସ ସନ୍ୟାସୀ ପ୍ରଚାର ନକରି,ଯଦି ଫେରିଆସ ପୁରୁଖା କ୍ୟାମ୍ପେନ ହୋଇଥାନ୍ତା, ତେବେ ଏଭଳି ସ୍ଥିତି ହୁଅନ୍ତାନି ବୋଲି କହିଛନ୍ତି ଶ୍ରୀମୟୀ। ନିଜ ଇସ୍ତଫା ପତ୍ର ରେ ଦେବାଶିଷ ଲେଖିଛନ୍ତି ରାଜ୍ୟସଭାକୁ ମୋତେ ମନୋନୀତ କରିବା ପାଇଁ ମୁଁ ସର୍ବଦା ଆପଣଙ୍କ ନିକଟରେ ଋଣୀ ରହିବି। ଅବିଭକ୍ତ କଟକ ଜିଲ୍ଲାର ଲୋକଙ୍କ ସେବା କରିବା ଏବଂ ଜାତୀୟ ସ୍ତରରେ ଓଡ଼ିଶାର ସମସ୍ୟା ଉଠାଇବା ପାଇଁ ମୋତେ ସୁଯୋଗ ଦେବା ପାଇଁ ମୁଁ ଏହି ସୁଯୋଗକୁ ଆପଣମାନଙ୍କ ପ୍ରତି ମୋର ଆନ୍ତରିକ ଏବଂ ଗଭୀର କୃତଜ୍ଞତା ଜଣାଇବାକୁ ଚାହୁଁଛି। ମୁଁ ସର୍ବଦା ଦଳର ସ୍ୱାର୍ଥ ପାଇଁ ନିଜକୁ ଉତ୍ସର୍ଗ କରିଆସିଛି ଏବଂ ବର୍ଷ ବର୍ଷ ଧରି ଅତ୍ୟନ୍ତ ଦୃଢ଼ ବିଶ୍ୱାସ ଏବଂ ପ୍ରତିବଦ୍ଧତାର ସହିତ ଦଳ ପାଇଁ କାମ କରିଆସିଛି। ତଥାପି, ମୁଁ ଅନୁଭବ କରୁଛି ଯେ, ବର୍ତ୍ତମାନ ମୋତେ ଦଳରେ ପଦ୍ଧତିଗତ ଭାବରେ ହୀନ କରିଦିଆଯାଉଛି ଏବଂ ଦଳ ମୋ ସେବା ଆବଶ୍ୟକ କରେ ନାହିଁ। ତେଣୁ, ମୁଁ ଜନସ୍ୱାର୍ଥରେ ଏହି କଠିନ ନିଷ୍ପତ୍ତି ନେଇଛି ଏବଂ ମୋର ଇସ୍ତଫା ଗ୍ରହଣ କରିବାକୁ ଆପଣଙ୍କୁ ଅନୁରୋଧ କରୁଛି। ପୂର୍ବରୁ ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ଅତ୍ୟନ୍ତ ଘନିଷ୍ଠ ଥିବା ଦେବାଶିଷ ବିଭିନ୍ନ କାରଣରୁ ଅସନ୍ତୁଷ୍ଟ ଥିଲେ । ନବୀନ ଓ ତାଙ୍କ ମଧ୍ୟରେ ଦୂରତା ସୃଷ୍ଟି କରାଯାଇ ଆସୁଥିଲା ବୋଲି ଅଭିଯୋଗ ହେଉଥିଲା । ତାଙ୍କର ଅନୁଗତ ମାନଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉ ନଥିଲା । ଏମିତିକି ତାଙ୍କୁ ଯେଉଁ ସିନିୟର ସିଟିଜେନ ସେଲର ବରିଷ୍ଠ ଉପସଭାପତି ପଦ ଦିଆଯାଇଥିଲା, ତାହାକୁ ଦେବାଶିଷ ପ୍ରତ୍ୟାଖ୍ୟାନ କରିଥିଲେ।

### ରିକ୍ସାବାଲାଙ୍କ ପାଇଁ ଅଭିଶାପ ପାଲଟିଛି ଖରା !

# ଗ୍ରାହକଙ୍କ ଦେଖା ମିଳୁନି, ଚାଲୁନି ବେପାର

କଟକ: ଗଡୁନି ରିକ୍ସା, ରାସ୍ତା କଡ ଦୋକାନ ଗୁଡିକରେ ମାଛିଟିଏ ମଧ ଉଡୁନାହାନ୍ତି...ଯେଉଁ ଦହିବରା ଦୋକାନରେ ଭିଡ଼ ଦେଖିବାକୁ ମିଳୁଥିଲା ସେଠି କାଁଭାଁ ଲୋକ ଆସୁଛନ୍ତି । ସାରା ଦେଶରେ ଗ୍ରୀଷ୍ମ ପ୍ରକୋପ ଜାରି ରହିଥିବା ବେଳେ ଏଥିରେ ବେଶୀ ପ୍ରଭାବିତ ହୋଇଛନ୍ତି ରିକ୍ସା ଚାଳକଙ୍କଠୁ ଆରମ୍ଭ କରି ବୁଲା ବ୍ୟବସାୟୀ । ପ୍ରବଳ ଖରାରେ ଘରୁ ବାହାରିବା ମୁସ୍କିଲ ହୋଇଯାଇଥିବା ବେଳେ ବେପାର ପୂରା ଠପ୍ ପଡିଛି । କିପରି ପରିବାର ଚଳିବ ତାହାକୁ ନେଇ ଚିନ୍ତାରେ ବୁଲା ବେପାରୀ । ସାରା ରାଜ୍ୟରେ ଜାରି ରହିଛି ହିଟ୍‌ୱେଭ । ଆକାଶରୁ ସତେ ଯେପରି ଖସୁଛି ନିଆଁ ପେଣ୍ଡୁଳା । ପ୍ରବଳ ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯାହାକି ଜନ ଜୀବନକୁ ଅସ୍ତବ୍ୟସ୍ତ କରି ଦେଉଛି । ସକାଳ ୧୦ଟା ପରେ ଘରୁ ବାହାରିବା ବି କଷ୍ଟ ହୋଇ ପଡୁଛି । ଏଭଳି ସ୍ଥିତିରେ ରିକ୍ସା ବ୍ୟବସାୟ ଠାରୁ ଆରମ୍ଭ କରି ବୁଲା ବ୍ୟବସାୟୀଙ୍କ ଦୁଃଖ ଦ୍ବିଗୁଣିତ ହୋଇଯାଇଛି । ଖରା ଦିନ ସତେ ଯେପରି ସେମାନଙ୍କ ପାଇଁ ଅଭିଶାପ ପାଲଟିଛି । ପ୍ରବଳ ଗରମ ଆଉ ଗୁଳୁଗୁଳି ଯୋଗୁ ରିକ୍ସା ବ୍ୟବସାୟ ଏକ ପ୍ରକାର ଠପ୍ ହୋଇଯାଇଛି । ଆସୁ ନାହାଁନ୍ତି ଗ୍ରାହକ । ବିଶେଷକରି ଯେଉଁ ଗ୍ରାହକ ମାନେ



ବସଷ୍ଟାଣ୍ଡରେ ବସରୁ ଓହ୍ଲାଇ ରିକ୍ସାରେ ଯାଇଥାନ୍ତି ସେମାନେ ବି ଆଉ ଆସୁ ନାହାଁନ୍ତି । ଗରମ ପାଇଁ ଆଉ କେହି ରିକ୍ସାରେ ଯାଉ ନାହାଁନ୍ତି ।ବହୁ କଷ୍ଟରେ ଅତି ବେଶୀରେ ଦୈନିକ ଏବେ ଶହେରୁ ଦେଢ଼ ଶହ ଟଙ୍କା ରୋଜଗାର ହେଉଛି । ତାହା ପୁଣି ଖରାରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ । ଯେଉଁଠି ପୂର୍ବରୁ ଦୈନିକ ଅତି କମରେ ୩୦୦ ରୁ ୩୫୦ ଟଙ୍କା ରିକ୍ସାରୁ ବାହାରୁ ଥିଲା ଏବେ ପୂରା ପ୍ରଭାବିତ ହେଉଛି । ରାସ୍ତା ସାଇଡ଼ରେ ଧାଡି ଧାଡି ରହିଛି ରିକ୍ସା । ଦିନ ମାନ ଅପେକ୍ଷା କରିଲେ ବି ରୋଜଗାର ହେଉ ନଥିବାରୁ ରିକ୍ସା ଚାଳକଙ୍କ ଦୁଃଖ ବଢ଼ି ଯାଇଛି । କଟକ ସହରରେ ପ୍ରାୟ ୨୦୦ରୁ ଅଧିକ ରିକ୍ସା ଥିବା ବେଳେ ସେମାନଙ୍କୁ ପରିବାର ଚଳାଇବା ଏବେ ବଡ଼ ସମସ୍ୟା ସୃଷ୍ଟି କରିଛି ।

ଏନେଇ ପୂର୍ଣ୍ଣଚନ୍ଦ୍ର ଦାଶ ନାମକ ଜଣେ ରିକ୍ସା ବ୍ୟବସାୟୀ କହିଛନ୍ତି, 'ଖରାରେ ଗାଁ ଗହଳିରୁ କେହି ଲୋକ ଆସୁ ନଥିବାରୁ ଏହି ସମସ୍ୟା ସୃଷ୍ଟି ହେଉଛି । ଯାହାକି ପରିବାର ଚଳାଇବାରେ ବାଧକ ସୃଷ୍ଟି ହେଉଛି । ସରକାର ଏହି ସମୟରେ ସହାୟତା ଯୋଗାଇ ଦେବା ଆବଶ୍ୟକ ।' କେବଳ ରିକ୍ସା ଚାଳକ କାହିଁକି ବରଂ ରାସ୍ତା ପାର୍ଶ୍ୱରେ ବସି ଥିବା ଦହିବରା ବ୍ୟବସାୟୀ । ବୁଲା ବ୍ୟବସାୟୀଙ୍କର ଏହି ସମାନ ଅବସ୍ଥା । ଦିନେ ଦୋକାନ ଖୋଲିଲେ ଅନ୍ୟ ଦିନ ବନ୍ଦ କରିବାକୁ ପଡୁଛି । ବିଜୟ ଲେଙ୍କା ନାମକ ଜଣେ ଦହିବରା ବ୍ୟବସାୟୀ ସମାନ କଥା କହିଛନ୍ତି । ସେ ରାସ୍ତା ପାର୍ଶ୍ୱରେ ଆଜିକୁ ୪୫ ବର୍ଷ ହେବ ଦହିବରା ବ୍ୟବସାୟ କରୁଛନ୍ତି ।

ମାତ୍ର ଖରା ଦିନେ ବ୍ୟବସାୟ ବହୁ ମାତ୍ରାରେ ପ୍ରଭାବିତ ହେଉଥିବା କହିଛନ୍ତି ।ସେ କହିଛନ୍ତି, 'ଏବେ ପ୍ରଚଣ୍ଡ ଖରା ପାଇଁ ଦହିବରା ବ୍ୟବସାୟ ୫୦ ପ୍ରତିଶତ କମି ଯାଇଛି । ଖରାରେ ଗ୍ରାହକ ଆସୁ ନଥିବାରୁ ଏହି ସମସ୍ୟା ସୃଷ୍ଟି ହେଉଛି । ଏତେ ଖରା ହେଉଛି କି ଦିନେ ଦୋକାନ ଖୋଲିଲେ ପର ଦିନ ଦୋକାନ ବନ୍ଦ କରିବାକୁ ପଡୁଛି । ତାଙ୍କ ପରି ଅନେକ ବ୍ୟବସାୟୀ ଯେଉଁ ମାନେ ରାସ୍ତାପାର୍ଶ୍ୱରେ ବ୍ୟବସାୟ କରୁଛନ୍ତି ସମସ୍ତଙ୍କର ପ୍ରାୟ ସମାନ ଅବସ୍ଥା ।

# ଜନଗଣନା ବେଳେ ଭୁଲ ତଥ୍ୟ ଦେଲେ ତିନି ବର୍ଷ ଜେଲ ଦଣ୍ଡ, ତାଗିଦ କଲା କେନ୍ଦ୍ର

ହାଇଦ୍ରାବାଦ: ଜନଗଣନା ବେଳେ ଭୁଲ ତଥ୍ୟ ଦେଲେ ତିନି ବର୍ଷ ଜେଲ ଦଣ୍ଡ । ଏନେଇ ଚେତାବନୀ ଦେଇଛନ୍ତି କେନ୍ଦ୍ର ଗୃହ ମନ୍ତ୍ରାଳୟ । ନିଜ ସ୍ୱାର୍ଥ ପାଇଁ ଯଦି କେହି ଭୁଲ ତଥ୍ୟ ଦିଅନ୍ତି ତେବେ ଜନଗଣନା ଆକ୍ଟ ୧୯୪୮ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବର୍ତ୍ତମାନ ଭାରତରେ ୧୬ତମ ଜନଗଣନା କାର୍ଯ୍ୟ ତେଲାଙ୍ଗାନାରେ ଜାରି ରହିଛି । ଜନଗଣନା ଅଧିକାରୀ ପ୍ରତି ଘର ସଂଖ୍ୟା, ପରିବାର ସଂଖ୍ୟା ଅନ୍ୟାନ୍ୟ ତଥ୍ୟ ଗ୍ରହଣ କରୁଛନ୍ତି । ମେ ୧୧ ରେ ଆରମ୍ଭ ହୋଇଥିବା ଗଣନା ଜୁନ ୯ରେ ତେଲାଙ୍ଗାନାରେ ସରିବ । ଗତ ରବିବାର ସୁଦ୍ଧା ୬୫ ଲକ୍ଷ ପରିବାରର ତଥ୍ୟ ସଂଗ୍ରହ କରାଯାଇଛି । ଘର ସଂଖ୍ୟା ବ୍ୟତୀତ ଦେଢ କୋଟି ଅଫିସ, ଦୋକାନ ଘର ଓ ଗୋଦାମ ଘର ପଞ୍ଜୀକୃତ ହୋଇସାରିଲାଣି । ଜନଗଣନା ବିଭାଗର ପ୍ରାଥମିକ ରିପୋର୍ଟରେ ଜଣାପଡିଛି ଯେ ଏକ କୋଟିରୁ ଉର୍ଦ୍ଧ୍ୱ ପରିବାର ତେଲାଙ୍ଗାନାରେ ରହୁଛନ୍ତି । ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଅନୁସାରେ ୧.୪୦ କୋଟି ଘର ବିଦ୍ୟୁତ ଉପଭୋକ୍ତା ରହିଛନ୍ତି । କିଛି ପରିବାର ଗୋଟିଏ ଘର ପାଇଁ ଦୁଇରୁ ଉର୍ଦ୍ଧ୍ୱ ବିଦ୍ୟୁତ କନେକ୍ସନ ନେଇଛନ୍ତି । ଆସନ୍ତା ଜୁନ ୯ ସୁଦ୍ଧା ରାଜ୍ୟରେ କେତେ ପରିବାର ରହୁଛନ୍ତି ତାହା ଜଣାପଡିବ । ଜନଗଣନା ଅଧିକାରୀ ସଂଗ୍ରହ କରିଥିବା ତଥ୍ୟକୁ ଯାଞ୍ଚ କରିବା ପାଇଁ ପ୍ରତି ୬ ଜଣିଆ ଟିମରେ ଜଣେ ସୁପରଭାଇଜର ନିୟୋଜିତ ଅଛନ୍ତି । ସୁପରଭାଇଜର ଏସବୁ ତଥ୍ୟର ପର୍ଯ୍ୟବେକ୍ଷଣ କରିବେ । ଯଦି ସବୁକିଛି ଠିକ ଥାଏ ତେବେ ଅନଲାଇନରେ ତଥ୍ୟ ଅପଲୋଡ କରିବେ । ଏହି ପ୍ରକ୍ରିୟାରେ ତହସିଲଦାର, ମ୍ୟୁନସିପାଲ କମିଶନର, ଜିଲ୍ଲାପାଳ ସାମିଲ ହେବେ । ଯଦି ତଥ୍ୟ ଦେବାରେ କୌଣସି ଭୁଲ ରୁହେ ତେବେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ କରିଛି କେନ୍ଦ୍ର । ୨୦୧୧-୧୨ ଜନଗଣନା ଅନୁସାରେ ଚଳିତ ଜନଗଣନା କରିବା ପାଇଁ ତେଲାଙ୍ଗାନା ରାଜ୍ୟ ଜନଗଣନା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଛି କେନ୍ଦ୍ର । ସେହି ସମୟରେ ତେଲାଙ୍ଗାନା ରାଜ୍ୟ ଗଠନ ହୋଇ ନଥିଲା । ସେହିପରି ନୂଆ କରି ଗଠିତ ଜିଲ୍ଲା ଭଦ୍ରାଦରୀ ଓ କୁମୁରାମଭୀମରେ ଜନସଂଖ୍ୟା, ପରିବାର ସଦସ୍ୟଙ୍କ ସଂଖ୍ୟା ଓ ଆବଶ୍ୟକୀୟ ସେବା ସମ୍ବନ୍ଧରେ ଉଲ୍ଲେଖ କରିବାକୁ କେନ୍ଦ୍ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଛି । ଭଦ୍ରାଦରୀ ଜିଲ୍ଲା ପର୍ଯ୍ୟବେକ୍ଷକ କ୍ରିଶନ ମୋହନ ଘର ସଂଖ୍ୟା ଓ ପରିବାର ସଦସ୍ୟ ସଂଖ୍ୟା ସହ ପଞ୍ଜୀକରଣ ପ୍ରକ୍ରିୟାର ତଦାରଖ କରୁଛନ୍ତି । ୨୦୧୧ ୧୨ ଗଣନା ଅନୁସାରେ ଏହି ଦୁଇ ଜିଲ୍ଲା ସେତେବେଳେ ଅତ୍ୟାବଶ୍ୟକ ସେବାରୁ ବଞ୍ଚିତ ଥିଲେ । ଏବେ ଏହି ଅଞ୍ଚଳରେ ଅତ୍ୟାବଶ୍ୟକ ସେବା ବୃଦ୍ଧି ପାଇଛି ନା ନାହିଁ ସେସବୁ ଅନୁଧ୍ୟାନ କରୁଛନ୍ତି ପର୍ଯ୍ୟବେକ୍ଷକ । ସଂଗୃହୀତ ତଥ୍ୟ ଆଧାରରେ ଉକ୍ତ ଦୁଇ ଜିଲ୍ଲାରେ ବିକାଶ ଲକ୍ଷ୍ୟ ରଖିଛି କେନ୍ଦ୍ର । ଜନଗଣନା ଅଧିକାରୀଙ୍କ ନିଯୁକ୍ତି ଓ ଟ୍ରେନିଂରେ ବିଳମ୍ବ କାରଣରୁ ହାଇଦ୍ରାବାଦ ସିଟିରେ ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ।

# ଚିଲିକା ନିଷିଦ୍ଧାଞ୍ଚଳ ନଳବଣରେ ମାଛ ଧରି ୧୧ ଗିରଫ

ବାଲୁଗାଁ, ୨୫।୫ (ଆନିସ): ଚିଲିକା ନିଷିଦ୍ଧାଞ୍ଚଳ ନଳବଣରେ ପ୍ରବେଶ କରିଥିବା ୧୧ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି।

ସୋମବାର ସକାଳେ ବାଲୁଗାଁ ବନ୍ୟପ୍ରାଣୀ ଅଧୀନ ପାରିକୁଦ ବନ୍ୟପ୍ରାଣୀ ବିଭାଗ ଫରେଷ୍ଟ ଜିତେନ୍ଦ୍ର ଜେନା ସଦଳବଳେ ପାଟ୍ରୋଲିଂ କରୁଥିବା ସମୟରେ ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟଗ୍ରାମ ଓ ଅଠରବାଟିଆ ଗ୍ରାମର କେତେକ ମତ୍ସ୍ୟଜୀବୀ ମନଇଚ୍ଛା ପ୍ରବେଶ କରି ବେଆଇନ ଭାବେ ମାଛ ଧରୁଥିଲେ। ଚିଲିକାର ଏହି ଅଞ୍ଚଳରେ ସରକାର



ପ୍ରବେଶ ନିଷିଦ୍ଧ ବୋଲି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କେତେକ ମତ୍ସ୍ୟଜୀବୀ ପ୍ରବେଶ କରି ମାଛ ଧରୁଥିଲେ। ଏହି ସମୟରେ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ପହଞ୍ଚି ୧୧ ମତ୍ସ୍ୟଜୀବୀଙ୍କୁ ଗିରଫ କରି ସେମାନଙ୍କଠାରୁ ୨ଟି ଯନ୍ତ୍ରଚାଳିତ ଡଙ୍ଗା , ୧୩ ବଣ୍ଡେଲ ଜାଲ, ଥଣ୍ଡା ରହିବା ୨ଟି ବାକ୍ସ ଓ କାତ ଆଦି ମାଛ ଧରିବାରେ ସମସ୍ତ ସାମଗ୍ରୀକୁ ଜବତ କରାଯାଇଛି ବୋଲି ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ଏହି ମତ୍ସ୍ୟଜୀବୀ ମାନଙ୍କ ମଧ୍ୟରେ ଅଠରବାଟିଆ ଗ୍ରାମର ଦୁର୍ଯ୍ୟୋଧନ ଜାଲି (୫୦), ବାଙ୍କନିଧି ଜାଲି (୬୯), ଶ୍ରୀକାନ୍ତ ଦାସ (୪୯), ସୁରେଶ ଦାସ (୫୩), ଅଶୋକ ବେହେରା (୫୪), ଭିକାରୀ ଦାସ (୪୬) ଓ ଚନ୍ଦ୍ରାପୁଟ ଗ୍ରାମର ଲିଙ୍ଗରାଜ ଜାଲି (୬୦), ମୋହନ ଜାଲି(୪୨), ରୂପକ ଜାଲି (୩୬), ବୀରେଶ ଜାଲି (୩୨) ଓ ଦିଲ୍ଲୀପ ଜାଲିଙ୍କୁ (୪୦) ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ବଳରେ ଗିରଫ କରାଯାଇଛି। କେସ୍ ନମ୍ବର ୦୯ବି ଓ ୧୦ବି ଦଫା ଅନୁସାରେ ସୋମବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗୀୟ ଅଧିକାରୀ ଶ୍ରୀ ନାୟକ କହିଛନ୍ତି।

# ୨୪ତମ ଜାତୀୟ ଲୋକମେଳା ଓ ଜାତୀୟ କୃଷି ମେଳା ୨୦୨୬ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ

ପୁରୀ, ୨୫।୫: ଶ୍ରୀ ଶ୍ରୀକ୍ଷେତ୍ର ସୂଚନା,ପୁରୀଙ୍କ ଆନୁକୂଲ୍ୟରେ ପବିତ୍ର ମହୋଦଧିଙ୍କ ସ୍ବର୍ଣ୍ଣାଭ ବେଳାଭୂମିରେ ଜୁନ ୦୧ ତାରିଖରୁ ୦୫ ତାରିଖ ପର୍ଯ୍ୟନ୍ତ, ପାଞ୍ଚଦିନ ଧରି ଅନୁଷ୍ଠିତ ହେବ ଚତୁର୍ବିଂଶ ଜାତୀୟ ଲୋକମେଳା ଓ ସପ୍ତଦଶ କୃଷିମେଳା। ଏ ଅବସରରେ ଭାରତବର୍ଷ ର ପ୍ରାୟ ସମସ୍ତ ରାଜ୍ୟ ସରକାର ମାନଙ୍କ ଦ୍ବାରା ପ୍ରେରିତ ଲୋକକଳା ସାଂସ୍କୃତିକ ଦଳମାନେ ନିଜ ନିଜ ରାଜ୍ୟର ଲୋକକଳା ଏଠାରେ ପ୍ରଦର୍ଶନ କରିବେ। ଏଥିପାଇଁ ଭାରତବର୍ଷ ର କୋଲକାତା, ଦିମାପୁର, ପ୍ରୟାଗରାଜ, ପାଟିଆଲା, ଉଦୟପୁର, ନାଗପୁର ତଥା ତାଞ୍ଜାଭୁର ସ୍ଥିତ ସାଂସ୍କୃତିକ ମଣ୍ଡଳ କେନ୍ଦ୍ର ଗୁଡିକ ସେମାନଙ୍କ ସହଯୋଗର ହାତ ବଢ଼ାଇ ଅଛନ୍ତି।

ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ ଙ୍କ ଅଧ୍ୟକ୍ଷତା ରେ ୨୪ ତମ ଲୋକମେଳା ୨୦୨୬ ଓ ୧୭ ତମ କୃଷି ମେଳା ୨୦୨୬ ପାଇଁ ଜିଲ୍ଲା ସ୍ତରୀୟ ଅଧିକାରୀ ଙ୍କୁ ନେଇ ଏକ ସମନ୍ୱୟ ବୈଠକ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସମନ୍ୱୟ ବୈଠକ ରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ର ଅଧକ୍ଷ ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀ ଓ ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ଆସନ୍ତା ଜୁନ୍ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୨୪ ତମ ଜାତୀୟ ସ୍ତରୀୟ ଲୋକମେଳା ଓ ୧୭ ତମ କୃଷି ମେଳା ସମ୍ପର୍କ ରେ ସବିଶେଷ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ସୁଦୂର ଜମ୍ମୁ କାଶ୍ମୀର ଠାରୁ ଆରମ୍ଭ କରି ଲକ୍ଷ୍ୟଦ୍ୱିପ ପର୍ଯ୍ୟନ୍ତ , ଗୁଜରାଟ ଠାରୁ ଆରମ୍ଭ କରି ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ସମସ୍ତ ଭାରତ ବର୍ଷର ବିଭିନ୍ନ ରାଜ୍ୟ ରୁ ୨୫ ଗୋଟି ୫୦୦ କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଅଛି ଏହା ସହିତ ଏକ ଜାତୀୟ ସ୍ତରୀୟ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେଉଛି ଏହି ପ୍ରଦର୍ଶନୀ ରେ ଭାରତୀୟ ରେଳ ବିଭାଗ, ଗୁଜରାଟ ସରକାର ଙ୍କ ହସ୍ତତନ୍ତ ତଥା ବୟନ ନିଗମ, ଜାତୀୟ ବହି ବୋର୍ଡ, ଜାତୀୟ ଝୋଟ ବୋର୍ଡ, ଜାତୀୟ କତା ବୋର୍ଡ , ଟ୍ରାଇଫେଡ, ହସ୍ତତନ୍ତ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର, ବୟନ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର ଯୋଗ ଦେବାର କାର୍ଯ୍ୟକ୍ରମ ରହି ଅଛି । ଠିକ ସେହିପରି ଜାତୀୟ ସ୍ତରୀୟ କୃଷି ପ୍ରଦର୍ଶନୀ ରେ ଭାରତ ସରକାରଙ୍କର ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ , ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ଭାରତ ସରକାର ଙ୍କ ଜୈବିକ ବିଜ୍ଞାନ ବିଭାଗ , ଜାତୀୟ ଉଦ୍ୟାନ ବୋର୍ଡ , ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ , ଜାତୀୟ ମତ୍ସ୍ୟ ବୋର୍ଡ , ସିଫନେଟ, ଓଡ଼ଶା ସରକାର ଙ୍କ କୃଷି , ଉଦ୍ୟାନ , ମୃର୍ତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ , ସୁଦୂର ନାଗାଲାଣ୍ଡ ତଥା ମଣିପୁର ରାଜ୍ୟ ର ଉଦ୍ୟାନ ଓ କୃଷି ବିଭାଗ ଏହି କାର୍ଯ୍ୟକ୍ରମ ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଅଛି। ଏହି ଦୁଇ ଜାତୀୟ ମହୋତ୍ସବ କୁ ଅତିଥି ଭାବରେ ଓଡ଼ିଶା ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ଓ ମନ୍ତ୍ରୀ ମଣ୍ଡଳ ର ବିଭିନ୍ନ ମନ୍ତ୍ରୀ ମାନଙ୍କୁ ଓ ସାଂସଦ ତଥା ବିଧାୟକ ମାନଙ୍କୁ ନିମନ୍ତ୍ରଣ କରାଯାଇଛି ।

ଏହି ବୈଠକ ପୁରୀ ମ୍ୟୁନିସିପାଲଟି କର୍ପୋରେସନ ର ଯୁଗ୍ମ କମିସନର ଅଭିନୟ ବେହେରା , ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଇନ୍ଦା ଦେବିସଙ୍କର ପ୍ରତାପ , ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପ ନିର୍ଦ୍ଦେଶକ ହସ୍ତଶିଳ୍ପ ପୁରୀ ବିଷ୍ଣୁପଦ ମାରାଣ୍ଡି, ବୟନ ନିରୀକ୍ଷକ ପ୍ରଶାନ୍ତ କୁମାର ନାମ, ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର ମାନସ କୁମାର ବାରିକ , ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଛନ୍ଦ୍ର ମୋହନ ଚାନ୍ଦ, ସହ କୃଷି ଅଧିକାରି ସ୍ୱାଗତିକା ପଟ୍ଟନାୟକ, ମୁଖ୍ୟ ପଶୁସମ୍ପଦ ଅଧିକାରୀ ଡ଼ଃ ଶରତ କୁମାର ବେହେରା , ଏଲ୍ ଡି ଏମ୍ ଅନିଲ କୁମାର ଭୋଇ, ଦେବୀ ଶୁଭଦ୍ରା ଙ୍କ ମୁଖ୍ୟ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଶ୍ରୀ ଜଗନ୍ନାଥ ମନ୍ଦିର ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଭାସ୍କର ମିଶ୍ର, ବରିଷ୍ଠ ଗୀତିକାର ଡ଼ଃ ବଦ୍ରି ମିଶ୍ର, ବରିଷ୍ଠ ସମାଜସେବୀ ଚକ୍ରଧର ମହାପାତ୍ର , ପୂର୍ବତନ ଜିଲ୍ଲା ଯୋଗାଣ ଅଧିକାରୀ ସଂତୋଷ କୁମାର ମହାନ୍ତି,ଅନୁଷ୍ଠାନ ର ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ସଂଗଠନ ସମ୍ପାଦକ ସତ୍ୟବ୍ରତ ଦାସ , ବରିଷ୍ଠ ଅଧ୍ୟାପକ ଡ଼ଃ ବିଶ୍ୱନାଥ ମିଶ୍ର, ଯୁଗ୍ମ ସମ୍ପାଦକ ବିଦ୍ରୋହ କେଶରୀ ସିଂହ , ଶିବସୁନ୍ଦର ମିଶ୍ର , ଭବାନୀ ଶଙ୍କର, ପୁଷ୍କର ସାହୁ ପୂର୍ଣ୍ଣଚନ୍ଦ୍ର ଓଝା ଓ ଅନ୍ୟାନ୍ୟ ଯୋଗ ଦେଇଥିଲେ ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda